ODIA DAILY EDITION
15.11.2024
କଟକ, ଶୁକ୍ରବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨.୦୦
ନଭେମ୍ବର-୧୫, ୨୦୨୪
ବର୍ଷ-୩୬, ସଂଖ୍ୟା-୧୨୯
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର
MATRUBHASA

35 Years of publication
SINCE 1989

Epaper- www.matrubhasa.com | matrubhasanews@gmail.com | matrubhasanews@yahoo.co.in | facebook.com/matrubhasanews


## ଆଜି ଐତିହାସିକ ବାଲିଯାତ୍ରା ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ



**କଟକ, ୧୪।୧୧:** ଐତିହାସିକ ବାଲିଯାତ୍ରା କଟକ ଉତ୍ସବ ନିମନ୍ତେ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଂଚିଛି । ୧୫ ତାରିଖ ସଂଧ୍ୟା ୫ଘଟିକା ୩୦ମିନିଟ୍ ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ବାଲିଯାତ୍ରାର ଶୁଭ ଉଦଘାଟନ କରିବେ । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଦତାତ୍ରୟ ଭାଉସାହେବ ଶିନ୍ଦେ ଆଜି ବାଲିଯାତ୍ରା ପଡିଆରେ ଗଣମାଧ୍ୟମ ପ୍ରତିନଧିମାନଙ୍କୁ ସମ୍ବୋଧିତ କରି ଏହି ସୂଚନା ଦେଇଛନ୍ତି । ଏଥିସହ ବିଭିନ୍ନ ରାଷ୍ଟ୍ରର ରାଷ୍ଟ୍ରଦୂତ ଏବଂ ହାଇକମିଶନର ତଥା ଅନ୍ୟାନ୍ୟ ଅତିଥି ଯୋଗଦାନ କରିବା କାର୍ଯ୍ୟକ୍ରମ ରହିଛି । ଏହି ସବୁ ରାଷ୍ଟ୍ର ଗୁଡିକ ମଧ୍ୟରେ ରହିଛି ଶ୍ରୀଲଙ୍କା, ବାଂଲାଦେଶ, ଥାଇଲାଣ୍ଡ, ଲାଓ ପିଡିଆର, ଭୁଟାନ, ସିଙ୍ଗାପୁର, ନେପାଳ, ମାଲେସିଆ, ଇଣ୍ଡୋନେସିଆ, ନାଉରୁ, ସୋଲୋମନ ଆଇଲାଣ୍ଡ, ନ୍ୟୁଜିଲାଣ୍ଡ, ଭିଜି, ଟିମୋର ଲେସେ ଏବଂ ବୃଣେଇ ।

ଚଳିତଥର ବାଲିଯାତ୍ରାର ଉପର ପଡିଆ ଓ ତଳ ପଡିଆକୁ ମିଶାଇ ୨୫୦୦ରୁ ଅଧିକ ଛୋଟ ବଡ ଷ୍ଟଲ ସ୍ଥାନ ପାଇଛି । ସେଥିମଧ୍ୟରୁ ଓରମାସରେ ରହିଛି ୫୦୦ ଷ୍ଟଲ । ବିଶେଷ କରି ମହିଳା ଉଦ୍ୟୋଗୀମାନଙ୍କୁ ସେମାନଙ୍କ ସାମଗ୍ରୀ ପ୍ରଦର୍ଶନ ଓ ବିପଣନ ନିମନ୍ତେ ଓରମାସରେ ପ୍ରାଧାନ୍ୟ ଦିଆଯାଇଛି । ଓରମାସରେ ପିଠା ମହୋତ୍ସବ, ମାଟି ପାତ୍ର ତିଆରି ଏବଂ ତନ୍ତ ବୁଣା ଆଦି ମଧ୍ୟ ପ୍ରଦର୍ଶନ କରାଯିବାର ବ୍ୟବସ୍ଥା କରାଯାଇଛି । ତେବେ ଚଳିତଥର ୭ଟି ଆନ୍ତର୍ଜାତୀୟ ଷ୍ଟଲ ମଧ୍ୟ ସ୍ଥାନ ପାଇଛି । ବାଲିଯାତ୍ରାରେ ଭିଡକୁ ନିୟନ୍ତ୍ରଣ କରିବା ନିମନ୍ତେ ଚଳିତଥର ତଳ ପଡିଆରେ ୩ଟି ମୁଖ୍ୟ ପ୍ରବେଶ ଦ୍ୱାର ଏବଂ ଗୋଟିଏ ଜରୁରୀକାଳୀନ ପ୍ରବେଶ /ପ୍ରସ୍ଥାନ ଦ୍ୱାର

### ସମସ୍ତ ପ୍ରସ୍ତୁତି ଶେଷ: ଜିଲ୍ଲାପାଳ

ଖୋଲାଯିବା ସହ ପଡିଆ ମଧ୍ୟରେ ଗମନାଗମନ ନିମନ୍ତେ ୪ଟି ରାସ୍ତା କରାଯାଇଛି । ଏଥିସହ ରାସ୍ତା କଡରେ ଉଠାଦୋକାନୀମାନଙ୍କୁ ବ୍ୟବସାୟ କରିବା ନିମନ୍ତେ ବାରଣ କରାଯାଇଛି । ଧୂଳି ନିୟନ୍ତ୍ରଣ କରିବା ନିମନ୍ତେ ରାସାୟନିକ ମିଶ୍ରଣ ସ୍ପ୍ରେ କରାଯାଉଛି । ମନୋରଞ୍ଜନ ନିମନ୍ତେ ବଲିଉଡ୍ ନାଇଟ୍ ସହ ଲେଜର ଶୋ, ଡ୍ରୋନ୍ ଶୋ, କାଇଟ୍ ଫେଷ୍ଟିଭାଲ ଆଦି ବ୍ୟବସ୍ଥା କରାଯାଇଛି । ପଡିଆର ପରିମଳ ପ୍ରତି ବିଶେଷ ଧ୍ୟାନ ଦିଆଯିବା ସହ ୩୮୫ଟି ଶୌଚାଳୟ ବ୍ୟବସ୍ଥା କରାଯାଇଛି । ବୟସ୍କ ଏବଂ ଭିନ୍ନକ୍ଷମମାନଙ୍କ ନିମନ୍ତେ ଇ ରିକ୍ସା ବ୍ୟବସ୍ଥା କରାଯାଇଛି । ପଡିଆ ମଧ୍ୟରେ ବିଭିନ୍ନ ସ୍ଥାନରେ ସ୍ୱଚ୍ଛ ପାନୀୟ ଜଳର ମଧ୍ୟ ବ୍ୟବସ୍ଥା କରାଯାଇଛି ।

# ଟଙ୍କାଏ ବଢ଼ିଲା ମଧ୍ୟାହ୍ନ ଭୋଜନ ଖର୍ଚ୍ଚ

- ବିଦ୍ୟାର୍ଥୀମାନେ ନିଜ ଭିତର ଲୁକ୍କାୟିତ ଗୁଣାବଳୀ ଏବଂ ଦକ୍ଷତାକୁ ଚିହ୍ନଟ କରନ୍ତୁ: ମୁଖ୍ୟମନ୍ତ୍ରୀ
- ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଏବଂ ଐତିହ୍ୟ ବିଦ୍ୟାଳୟ ଯୋଜନାର ଶୁଭାରମ୍ଭ

**ଭୁବନେଶ୍ୱର, ୧୪।୧୧:** ୟୁନିଟ-୩ ସ୍ଥିତ କ୍ୟାପିଟାଲ୍ ଉଚ୍ଚ ବିଦ୍ୟାଳୟ ପରିସରରେ ରାଜ୍ୟସ୍ତରୀୟ ଶିଶୁ ଦିବସ ସମାରୋହ 'ସୁରଭି' ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ଶେଷ ଦିବସରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଅନେକ ନୂତନ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିବା ବେଳେ କେତେକ ଗୁରୁତ୍ୱପୂର୍ଣ୍ଣ ଘୋଷଣା ମଧ୍ୟ କରିଛନ୍ତି । ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିଥିବା କାର୍ଯ୍ୟକ୍ରମ ଗୁଡିକ ହେଲା:-

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ: ରାଜ୍ୟର ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହା ଅଧୀନରେ ରାଜ୍ୟର ପ୍ରତ୍ୟେକ ପଂଚାୟତରେ ଗୋଟିଏ ଲେଖାଏଁ ଅତ୍ୟାଧୁନିକ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରାଯିବ । ସମୁଦାୟ ୬,୭୯୪ଟି ବିଦ୍ୟାଳୟ ନିର୍ମାଣ କରାଯିବ । ସତ୍ୟବାଦୀ ବନ ବିଦ୍ୟାଳୟରେ ଯେପରି ଏକ ଆଦର୍ଶ ଶିକ୍ଷା ପରିବେଶ ଥିଲା, ସେହିଭଳି ଏହି ବିଦ୍ୟାଳୟ ଗୁଡିକରେ ମଧ୍ୟ ପିଲାମାନଙ୍କ ପାଇଁ ଆଦର୍ଶ ଶିକ୍ଷା ପରିବେଶ ସୃଷ୍ଟି କରିବାକୁ ଲକ୍ଷ୍ୟ ରହିବ । ଏଥିରେ ବିଶେଷ କରି ପିଲାମାନଙ୍କର ଭାଷା ଜ୍ଞାନ ଓ



### ରାଜ୍ୟସ୍ତରୀୟ ଶିଶୁ ଦିବସ ସମାରୋହ 'ସୁରଭି'

ମୌଳିକ ଗାଣିତିକ ଜ୍ଞାନ ଉପରେ ଗୁରୁତ୍ୱ ଆରୋପ କରାଯିବ । ଏହା ଦ୍ୱାରା ପିଲାମାନେ ଉଚ୍ଚତର ଶ୍ରେଣୀରେ ସହଜରେ ଶିକ୍ଷା ଗ୍ରହଣ କରି ପାରିବେ । ଉନ୍ନତ ଭିତ୍ତିଭୂମି, ଗୁଣାତ୍ମକ ଶିକ୍ଷା ଓ ସାମଗ୍ରୀକ ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇ ପିଲାମାନଙ୍କର ମୌଳିକ ଜ୍ଞାନ ଓ ବୌଦ୍ଧିକ ବିକାଶକୁ ସୁଦୃଢ଼ କରିବା ଦିଗରେ ପଦକ୍ଷେପ ନିଆଯିବ । ଏହି ଯୋଜନାରେ ନୂଆ କ୍ଲାସ ରୁମ୍, ବାଳକ ଓ ବାଳିକାମାନଙ୍କ ପାଇଁ ପୃଥକ ଟଏଲେଟର ବ୍ୟବସ୍ଥା, ପ୍ରାଚୀର ନିର୍ମାଣ, ସବୁଜ ପରିବେଶ, ଡିଜିଟାଲ ଲାଇବ୍ରେରୀ ଓ ଲାଙ୍ଗୁଏଜ୍ ଲ୍ୟାବ୍, ଖେଳ ପଡିଆ, ଡାଇନିଙ୍ଗ ହଲ୍, କମ୍ପ୍ୟୁଟର, ସ୍ମାର୍ଟ ବୋର୍ଡ ଆଦିର ବ୍ୟବସ୍ଥା କରାଯିବ । ଏହା ସହିତ କ୍ରୀଡା, ଶାରୀରିକ ବ୍ୟାୟମ ଏବଂ ସାମାଜିକ ଓ ସାଂସ୍କୃତିକ ଶିକ୍ଷା ଉପର ମଧ୍ୟ ଗୁରୁତ୍ୱ ଦିଆଯିବ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସେ ଯେତେବେଳେ ବିରୋଧୀ ଦଳରେ ଥିଲେ, ସେତେବେଳେ ପ୍ରାଥମିକ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ । କିନ୍ତୁ ସେତେବେଳର ସରକାର କିଛି ପଦକ୍ଷେପ ନେଇନଥିଲେ ।

## ଚାଷୀଙ୍କ ସ୍ୱାର୍ଥରେ ବାଧା ଦେଲେ ଜେଲ୍: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୪।୧୧:** ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ହୋଇଛି ରାଜ୍ୟସ୍ତରୀୟ ସମବାୟ ସପ୍ତାହ । ବିଜେପି ସମବାୟ ପ୍ରକୋଷ୍ଠ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସମେତ ରାଜ୍ୟ ସଭାପତି ମନମୋହନ ସାମଲ, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ପ୍ରମୁଖ ସାମିଲ ହୋଇଛନ୍ତି ।

### ରାଜ୍ୟସ୍ତରୀୟ ସମବାୟ ସପ୍ତାହ

ବିଜେପି ପକ୍ଷରୁ ଆୟୋଜିତ ସମବାୟ ସପ୍ତାହ ପାଳନ ଉତ୍ସବରେ ଦୁର୍ନୀତିଖୋରଙ୍କୁ ମୁଖ୍ୟମନ୍ତ୍ରୀ ଚେତାବନୀ ଦେଇଛନ୍ତି । ସେ କହିଛନ୍ତି ଯେ, ଚାଷୀଙ୍କ ସ୍ୱାର୍ଥରେ ବାଧା ଆସିଲେ କ୍ଷମା ନାହିଁ, ଜେଲ ପଠାଯିବ । ଗତ ସରକାରରେ ଚାଷୀଙ୍କୁ ଅନ୍ୟାୟ ଓ ଶୋଷଣ କରାଯାଇଛି । କୋପରେଟିଭ ସଂସ୍ଥାକୁ କରପସନ ସଂସ୍ଥାରେ ପରିଣତ କରିଥିଲେ ପୂର୍ବ ବିଜେଡ଼ି ସରକାର । ଯେଉଁ ଦୁର୍ନୀତି ଓ ଭ୍ରଷ୍ଟାଚାର ହୋଇଥିଲା । କେମିତି ଦୁର୍ନୀତି ଯୁକ୍ତ ବିଭାଗରୁ ଦୁର୍ନୀତି ବନ୍ଦ କରି ସେବା ଦିଆଯିବ, ତା ଉପରେ ବିଜେପି ସରକାର ଗୁରୁତ୍ୱ ଦେଉଛନ୍ତି । ଢୋଲ ଭିତରେ ମୂଷା ଭଳି କିଛି ଲୋକ ବିଶୃଙ୍ଖଳା କରିବା ପାଇଁ ଅଛନ୍ତି । ଯେଉଁ ମାନେ ଦୁର୍ନୀତି କରିବେ ସେମାନଙ୍କୁ ସରକାର ଚିହ୍ନଟ କରିବେ । ଚାଷୀଙ୍କ ସ୍ୱାର୍ଥରେ ବାଧା ଦେଲେ କ୍ଷମା ନୁହେଁ, ଜେଲ ପଠାଯିବ । ପୂର୍ବ ସରକାର ଭୋଟ ବ୍ୟାଙ୍କ୍ ପାଇଁ ଚାଷୀଙ୍କୁ ଧାନ ଏମଏସପି ଉପରେ ୧୦୦ ଟଙ୍କା ବୋନସ ଘୋଷଣା କରିଥିଲେ । କିନ୍ତୁ ଚାଷୀଙ୍କୁ ଗୋଟିଏ ଟଙ୍କା ବୋନସ ଦେଲେ ନାହିଁ । ବିଜେପି ସରକାର ଚାଷୀଙ୍କୁ ୮୦୦ ଟଙ୍କା ବୋନସ ଦେବେ । ୨୩୦୦ ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟ ଚାଷୀ ପାଇବେ, ଏହାସହ ୮୦୦ ଟଙ୍କା ଇନପୁଟ ସବସିଡି ଦେବ ବିଜେପି ସରକାର । ଡିସେମ୍ବର ୮ ତାରିଖରେ ସୋହେଲାରେ ୫୦ ହାଜର ଚାଷୀ ଏକାଠି ହେବେ । ଏଥର କଟନୀ ଛଟନୀ ହେବ ନାହିଁ, ବନ୍ଦ ହେବ । ସେଥିପାଇଁ ଚାଷୀ ମାନେ ଏଫଏକ୍ୟୁ ମାନର ଧାନ ଦେବେ । ଧାନ କିଣାରେ ଯେମିତି କିଛି ବ୍ୟତିକ୍ରମ ନହେବ, ଏଥିପାଇଁ ଜିଲ୍ଲାପାଳ ମାନଙ୍କୁ ତାଗିଦ ଏବଂ ନିର୍ଦ୍ଦେଶ ଦିଆଯାଇଛି ।



## ଫେବୃଆରୀ ୨୧ରୁ ମାଟ୍ରିକ ପରୀକ୍ଷା

**ଭୁବନେଶ୍ୱର, ୧୪।୧୧:** ଆସନ୍ତା ଫେବୃଆରୀ ୨୧ ତାରିଖରୁ ଆରମ୍ଭ ହେବ ମାଟ୍ରିକ ପରୀକ୍ଷା । ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ଚାଲିବ । ଆଜି ମାଟ୍ରିକ ପରୀକ୍ଷା ପାଇଁ ସଂପୂର୍ଣ୍ଣ କାର୍ଯ୍ୟସୂଚୀ ପ୍ରକାଶ କରିଛି ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍ଇ) ।

୨୧ ତାରିଖରେ ପ୍ରଥମ ଭାଷା ଓଡ଼ିଆ ପରୀକ୍ଷା ହେବ । ୨୪ ତାରିଖରେ ଦ୍ୱିତୀୟ ଭାଷା ଇଂରାଜୀ ପରୀକ୍ଷା ହେବ । ୨୭ରେ ଗଣିତ ଓ ମାର୍ଚ୍ଚ ୧ରେ ବିଜ୍ଞାନ ପରୀକ୍ଷା ହେବ । ମାର୍ଚ୍ଚ ୩ରେ ସାମାଜିକ ବିଜ୍ଞାନ ଓ ୬ରେ ତୃତୀୟ ଭାଷା ହିନ୍ଦୀ/ସଂସ୍କୃତ ପରୀକ୍ଷା ହେବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ କୁହାଯାଇଛି । ସକାଳ ୯ଟାରୁ ଦିନ ସାଢ଼େ ୧୧ଟା ପର୍ଯ୍ୟନ୍ତ ଚାଲିବ ପରୀକ୍ଷା । ଗଣିତ ପରୀକ୍ଷା ପାଇଁ ଅଧିକ ୧୫ ମିନିଟ ସମୟ ଦିଆଯିବ । ସେହିଦିନ ପରୀକ୍ଷା ସରିବ ୧୧ଟା ୪୫ରେ । ମାଟ୍ରିକ୍ ପରୀକ୍ଷା ପାଇଁ ଗତ ୩ ତାରିଖରୁ ଆରମ୍ଭ ହୋଇଛି ଫର୍ମ ଫିଲପ୍ । ନଭେମ୍ବର ୧୮ରେ ଫର୍ମ ପୂରଣ ସରିବା ପରେ ପରୀକ୍ଷାର୍ଥୀଙ୍କ ସଂଖ୍ୟା ସ୍ପଷ୍ଟ ହେବ । TLV ଓ ଭୋକେସନାଲ୍ ଟ୍ରେଡ୍ ବ୍ୟତୀତ ଅନ୍ୟ ସମସ୍ତ ବିଷୟରେ ୫୦ ମାର୍କର ସବଜେକ୍ଟିଭ୍ ଓ ୫୦ ମାର୍କର ଅବଜେକ୍ଟିଭ୍ ପ୍ରଶ୍ନ ଆସିବ । ଅବଜେକ୍ଟିଭ ଗଉଛର ଉତ୍ତର ଓଏମଆର ସିଟ୍‌ରେ ଏବଂ ସବଜେକ୍ଟିଭ୍ ପ୍ରଶ୍ନର ଉତ୍ତର ପ୍ରଶ୍ନ ସଂଲଗ୍ନ ଉତ୍ତର ଖାତାରେ ଦେବାକୁ ହେବ । ଗତବର୍ଷ ଫର୍ମାଟରେ ପରୀକ୍ଷା ଦେବେ ଛାତ୍ରଛାତ୍ରୀ । ଗତବର୍ଷ ମାଟ୍ରିକ୍ ପରୀକ୍ଷାରେ କପି ରୋକିବାକୁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବ୍ୟବହାର ହୋଇଥିଲା ।




ମାତୃଭାଷା



# ଭଗବାନ ବିର୍ଷା ମୁଣ୍ଡାଙ୍କ ୧୫୦ତମ ଜନ୍ମ ଜୟନ୍ତୀକୁ ଜନଜାତୀୟ ଗୌରବ ଦିବସ ଭାବରେ ପାଳନ କରାଯିବ

ରାୟଗଡ଼ (ମାନିସ) : ଆସନ୍ତା ନଭେମ୍ବର ୧୫ତାରିଖକୁ ଧର୍ତ୍ତି ଅକ୍ଷବା ଭଗବାନ ବିର୍ଷା ମୁଣ୍ଡା ଜୟନ୍ତୀକୁ ସାରାଦେଶରେ ଜନଜାତିୟ ଗୌରବ ଦିବସ ଭାବରେ ପାଳନ କରାଯିବ କ୍ଷ ଜିଲ୍ଲାର ସର୍ବକ୍ଷଙ୍ଗୀନ ବିକାଶ ନିମନ୍ତେ ଜନଜାତି ବହୁଳ ଅଂଚଳରେ ଆସନ୍ତା ୧୫/୧୧/୨୪ରିଖରୁ ୨୬/୧୧/୨୪ରିଖଯାଏଁ ସଚେତନତା କାର୍ଯ୍ୟକ୍ରମ କରାଯିବ କ୍ଷ ଏହା ସହିତ ଆଦିମ ଜନଜାତି ବହୁଳ ଅଂଚଳ ମଧ୍ୟ ଅନ୍ତର୍ଭୁକ୍ତ କରାଯିବ। ଧର୍ତ୍ତି ଆବା ଜନଜାତୀୟ ଉତ୍କର୍ଷ ଗ୍ରାମ ଅଭିଯାନ କରାଯିବ। ଏହି ଦିବସକୁ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦି ଭିଡିଓ କନଫରେନ୍ସରେ ସିଧାସଳଖ ଭାବେ ଯୋଗଦେବେ ଏବଂ ସଂବୋଧିତ କରିବେ ବୋଲି ଜିଲ୍ଲାପାଳ ରାୟଗଡ, ଶ୍ରୀମତୀ ପାରୁଲ ପଟାଓ୍ୱାରୀ ସାମ୍ବାଦିକ ସମ୍ମିଳନୀରେ ସାମ୍ବାଦିକ ମାନଙ୍କୁ କହିଥିଲେ କ୍ଷ ରାୟଗଡ ଜିଲ୍ଲାରେ



ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଗୁଣୁପୁର ଉପଖଣ୍ଡର ତହସିଲ ପଡ଼ିଆ ଠାରେ ଅନୁଷ୍ଠିତ ହେବ କ୍ଷ ଏଥିରେ ମାବ୍ୟବର ପ୍ରଧାନମନ୍ତ୍ରୀ ଦେଶର ୭ଗୋଟି ଆଦର୍ଶ ଗ୍ରାମ ଘୋଷଣା କରିବେ ସେଥିରୁ ରାୟଗଡ ଜିଲ୍ଲାର ମୁନିଗୁଡା ବ୍ଲକ ଅନ୍ତର୍ଗତ ଶକଟା ଗ୍ରାମକୁ ମଧ୍ୟ ମାନ୍ୟବର ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଭାବରେ ଘୋଷଣା କରିବେ। ଏହକ୍ଷ ସହିତ ଜିଲ୍ଲାର ୧୬୧୧ଟି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟକ୍ଷଦେଶ ଦିଆଯିବ, ୬୩୩ଜଣ ହିତାଧିକାରୀ ଗୃହ ପ୍ରବେଶ କରିବେ, ୧୨୮ଜଣଙ୍କୁ ପ୍ରଥମ କିସ୍ତି ଦିଆଯିବ କ୍ଷ ପ୍ରଧାନମନ୍ତ୍ରୀ ଜନମନ ପାରିଯୋଜନାରେ ପଟ୍ଟା ବଣ୍ଟନ କରାଯିବ କ୍ଷ ଜିଲ୍ଲାର ଜନଜାତି ମାନଙ୍କ ବିକାଶ ନିମନ୍ତେ ୫ବର୍ଷ ଧରି ସଚେତନତା କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ଜିଲ୍ଲାପାଳ କହିଥିଲେ। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ଶ୍ରୀ ନିହାର ରଞ୍ଜନ କହଁର, ଉପଜିଲ୍ଲାପାଳ ତଥା ପ୍ରକଳ୍ପ ପ୍ରଶାସକ କଲ୍ୟାଣୀ ସଂଘମିତ୍ରା ଦେବୀ, ଜିଲ୍ଲାମଂଗଳ ଅଧିକାରୀ ଭରତ ଭୂଷଣ ବିଶ୍ୱାଳ, ଜିଲ୍ଲାର ବିଭିନ୍ନ ଗଣମାଧମର ପ୍ରତିନିଧିମାନେ ଯୋଗଦାନ କରିଥିଲେ।

# ଦାରିଙ୍ଗିବାଡ଼ିର ଦୁଇ ଅସହାୟ ଶିଶୁଙ୍କୁ ସହଯୋଗର ହାତ ବଢ଼ାଇଲା କିସ୍ ଫାଉଣ୍ଡେସନ୍



ଭୁବନେଶ୍ୱର : ନିକଟରେ ଆମ୍ବଟାକୁଆ ଖାଇ କନ୍ଧମାଳ ଜିଲ୍ଲା ଦାରିଙ୍ଗିବାଡ଼ି ଅନ୍ତର୍ଗତ ମାଣ୍ଡିପଙ୍କା ଗ୍ରାମର ଅନୀଲ ପାଟମାଝିଙ୍କ ପତ୍ନୀ ରୁମିତାଙ୍କ ଅକାଳ ମୃତ୍ୟୁ ହୋଇଯାଇଛି । ଫଳରେ ତାଙ୍କର ଅଢ଼େଇ ବର୍ଷର ପୁଅ ଓ ୬ ମାସର ଝିଅ ମାତୃ ସ୍ନେହରୁ ବଞ୍ଚିତ ହୋଇଛନ୍ତି । ସେମାନଙ୍କ ଦୁର୍ଦ୍ଦଶା ସମ୍ପର୍କରେ ଗଣମାଧ୍ୟମରୁ ଜାଣିବା ପରେ କିଟ୍, କିସ୍ ଓ କିସ୍ ଫାଉଣ୍ଡେସନ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସେମାନଙ୍କୁ ସହାୟତାର ହାତ ବଢ଼ାଇଛନ୍ତି । ଦୁଇ ଶିଶୁଙ୍କ ସମ୍ପର୍କରେ ଜାଣିବା ପରେ ସେମାନଙ୍କ ଖାଇବା ଓ ଚଳିବା ପାଇଁ ଆଜି ତୁରନ୍ତ ସେମାନଙ୍କ ବାପା ଅନୀଲଙ୍କୁ ନିଜ ପ୍ରତିନିଧିଙ୍କ ଜରିଆରେ ନଗଦ ୩ ହଜାର ଟଙ୍କା ପ୍ରଦାନ କରିଛନ୍ତି । ସେମାନଙ୍କୁ ୫ବର୍ଷ ବୟସ ହେବା ପର୍ଯ୍ୟନ୍ତ ଏହି ସହାୟତା ରାଶି ବ୍ୟାଙ୍କ ଜରିଆରେ ସେମାନଙ୍କ ନିକଟରେ ପହଞ୍ଚାଇ ଦିଆଯିବ । ୫ବର୍ଷ ବୟସ ହେବାପରେ କିସ୍ ଫାଉଣ୍ଡେସନ୍ ଜରିଆରେ ସେମାନଙ୍କୁ କିସ୍‌ରେ ବିନାଦେୟରେ ପାଠ ପଢ଼ାଇବାର ସମସ୍ତ ବନ୍ଦୋବସ୍ତ କରାଯିବ ବୋଲି ଶ୍ରୀ ସାମନ୍ତ ଘୋଷଣା କରିଛନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜଣେ ଭଲ ଗାୟକ କରିବା ଲକ୍ଷ୍ୟରେ ନିଜ ପୁଅର ନାମ ଏ ଆର୍ ରହମାନ ରଖିଥିବା ରୁମିତାଙ୍କ ସ୍ୱପ୍ନକୁ ସାକାର କରିବା ଦିଗରେ କିସ୍ ଫାଉଣ୍ଡେସନ୍ ନିଶ୍ଚିତ ଭାବେ ପ୍ରୟାସ ଜାରି ରଖିବ ବୋଲି ଶ୍ରୀ ସାମନ୍ତ କହିଛନ୍ତି । ଏହା ସହ ଦୁଇ ଶିଶୁଙ୍କୁ କିସ୍ ?ରେ ଉଚ୍ଚଶିକ୍ଷା ସହ ଶିକ୍ଷା ଶେଷରେ ନିଯୁକ୍ତି ବ୍ୟବସ୍ଥା କରାଯିବ । ଏହା ବ୍ୟତୀତ ମାଣ୍ଡିପଙ୍କା ଗ୍ରାମର କିଛି ପିଲା କିସ୍‌ରେ ଏବେ ପାଠ ପଢୁଛନ୍ତି । ଗ୍ରାମର ଅନ୍ୟ ପିଲାମାନେ ଚାହିଁଲେ ସେମାନେ ମଧ ଆସନ୍ତା ଶିକ୍ଷାବର୍ଷଠାରୁ କିସ୍‌ରେ ନାମ ଲେଖାଇ ପାଠ ପଢ଼ିପାରିବେ ବୋଲି ଶ୍ରୀ ସାମନ୍ତ ସୂଚନା ଦେଇଛନ୍ତି । ଶ୍ରୀ ସାମନ୍ତ ଓ କିସ୍ ପାଉଣ୍ଡେସନ୍‌ର ବଦାନ୍ୟତା ପାଇଁ ଅନୀଲ କୃତଜ୍ଞତା ଜଣାଇଥିବା ବେଳେ କିସ୍ ? ଫାଉଣ୍ଡେସନ୍‌ର ଏଭଳି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ଭୂୟସୀ ପ୍ରଶଂସା କରାଯାଇଛି ।

# ବନ୍ଧୁକ ଦେଖାଇ ଛିନ୍‌ତାଇ କରିବା ଘଟଣାରେ ୬ ଜଣଙ୍କୁ ଗିରଫ କରିଛି କଟକ କମିଶନରେଟ ପୋଲିସ



ବାରଙ୍ଗ (ମାନିସ) : କଟକ ସିଡିଏ-୯ ଅଞ୍ଚଳରେ ରହୁଥିବା ସିଦ୍ଧାର୍ଥ ଶଙ୍କର ମଲ୍ଲିକ ହାଇକୋର୍ଟରୁ କାମ ସାରି ଘରକୁ ଫେରୁଥିବା ବେଳେ ଦୁର୍ବୃତ୍ତ ମାନେ ରାସ୍ତାରେ ଅଟକାଇ ତାଙ୍କ ପତ୍ନୀଙ୍କ ବେକରୁ ସୁନା ଚେନ୍ ଓ ଟଙ୍କା ଥିବା ବ୍ୟାଗ ନେଇ ଫେରାର ହୋଇ ଯାଇଥିଲେ ।ଏ ନେଇ ଶ୍ରୀଯୁକ୍ତ ମଲ୍ଲିକ ମର୍କତ ନଗର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏହି ଘଟଣାରେ ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରୁଛି ।ସମସ୍ତ ୬ଜଣ ଅଭିଯୁକ୍ତଙ୍କ ନାମରେ ମର୍କତନଗର ଥାନା, ବୈଆଳିସି ମୌଜା ଥାନା,କଟକ ସଦରଥାନା ଏବଂ ବାରଙ୍ଗ ଥାନାରେ ବିଭିନ୍ନ ଛିଣିତାଇ ଘଟଣାକୁ ନେଇ ଅଭିଯୋଗ ହୋଇଥିଲା । ସେପଟେ, ସଂପୃକ୍ତ ଅଭିଯୁକ୍ତ ମାନେ ସମାନ ଢଙ୍ଗରେ କିଛିଦିନ ତଳେ ବାରଙ୍ଗ ନରାଜ ସ୍ଥିତ ବିଦ୍ୟାଧରପୁର ପାହାଡ ଉପରେ ପ୍ରେମୀ ଯୁଗଳଙ୍କୁ ବନ୍ଧୁକ ଫୁଟାଇ ତାଙ୍କ ବେକରୁ ସୁନାଚେନ ସହ ମୂଲ୍ୟବାନ ସାମଗ୍ରୀ ନେଇ ଫେରାର ହୋଇଥିବା ବାରଙ୍ଗ ଥାନାରେ ଅଭିଯୋଗ ହୋଇଥିଲା ।ପୋଲିସ ସଂପୃକ୍ତ ୬ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ଠାରୁ ଗୁଳି ୨ବନ୍ଧୁକ, ମୋବାଇଲ, ବୁଲେଟ, ବଜାଜ ପଲସର୍ ବାଇକ୍ ସହ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଜବତ କରିଛିବୋଲି ଏକ ପ୍ରେସ ମିଟ ମାଧ୍ୟମରେ କହିବି।

# ଡାକ୍ତର କାନୁନଗୋଙ୍କ ମଧୁମେହ କେନ୍ଦ୍ର ପକ୍ଷରୁ 'ବିଶ୍ୱ ମଧୁମେହ ଦିବସ' ପାଳିତ

ଭୁବନେଶ୍ୱର : ସ୍ଥାନୀୟ ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରରେ ଡାକ୍ତର କାନୁନ୍‌ଗୋ ମଧୁମେହ କେନ୍ଦ୍ର ଆନୁକୁଲ୍ୟରେ "ଅତ୍ୟଧିକ କାଲୋରୀ ନିୟନ୍ତ୍ରଣ" ଉପରେ ଏକ ଆଲୋଚନା ଚକ୍ର ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଭୁବନେଶ୍ୱରର ଫିଲ୍ମ୍ ସୋସାଇଟି ସହାୟତାରେ ଡଏଚେ ଓଲେ ଦ୍ୱାରା ନିର୍ମିତ "ଜଙ୍କ୍ ଖାଦ୍ୟ, ଶର୍କରା ଏବଂ ଖାଦ୍ୟ ସଂରକ୍ଷକ ବା ଆଡଟିଭସ" ଶୀର୍ଷକ ଏକ ଚଳଚ୍ଚିତ୍ର ମଧ ପ୍ରଦର୍ଶିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ସଂସ୍ଥାର ପାଖାପାଖି ୧୮୦ ଜଣ ଡାକ୍ତର ଏବଂ ଖାଦ୍ୟ ବିଶାରଦ ଯୋଗ ଦେଇଥିଲେ । ବହୁ ଛାତ୍ର ଏବଂ ରୋଗୀଙ୍କୁ ମଧ ଏଠାରେ ଦେଖିବାକୁ ମିଳିଥିଲା । ଶର୍କରା, ସ୍ନେହ ଏବଂ ସୁଗନ୍ଧ ଭଳି ପଦାର୍ଥ ସବୁକୁ ବଜାରରେ ମିଳୁଥିବା ପ୍ରକ୍ରିୟାକୃତ ଖାଦ୍ୟରେ ଯେଭଳି ବ୍ୟବହାର କରାଯାଉଛି, ସେ ବିଷୟରେ ଏହି ଚଳଚ୍ଚିତ୍ରଟିରେ ବ୍ୟାପକ ଆଲୋଚନା କରାଯାଇଛି । ଅସ୍ୱାସ୍ଥ୍ୟକର ଖାଦ୍ୟ କିଭଳି ମାନବ ଶରୀର ତଥା ଆମ ସମାଜ ଉପରେ କୁପ୍ରଭାବ ପକାଉଛି, ସେ ବିଷୟରେ ଉପସ୍ଥିତ ବିଶେଷଜ୍ଞଗଣ ମଧ ଆଲୋକପାତ କରିଥିଲେ । ଡାକ୍ତର କାନୁନ୍‌ଗୋଙ୍କ ମଧୁମେହ କେନ୍ଦ୍ରର ଅଧକ୍ଷ ଡାକ୍ତର ଆଲୋକ କାନୁନ୍‌ଗୋ ଏ ବିଷୟରେ ସୂଚନା ଦେଇ ଏ ଧରଣର ଖାଦ୍ୟସବୁ କିଭଳି ମେଦବୃଦ୍ଧି ତଥା ମଧୁମେହ ସୃଷ୍ଟିରେ ସହାୟକ ହେଉଛନ୍ତି, ସେ ବିଷୟରେ ଅବତାରଣା କରିଥିଲେ । ଅତ୍ୟଧିକ କାଲୋରୀ କିଭଳି ଆମର ଦୈହିକ ତଥା ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଛି, ସେ ବିଷୟରେ ମଧ ସେ ଉଲ୍ଲେଖ କରି ଏହି ସାମାଜିକ ସ୍ୱାସ୍ଥ୍ୟ ବୋଝକୁ କିଭଳି କମାଯାଇପାରିବ, ତାହାର ସୂଚନା ଦେଇଥିଲେ । 'ସିଏସ୍‌ଓ୍ୱାଇଡି'ର ସଭ୍ୟ-ସଂପାଦକ ଶ୍ରୀ ଜଗଦାନନ୍ଦ ମଧୁମେହ କେନ୍ଦ୍ରର ଏଭଳି ଅଭିନବ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ । ଏଭଳି କାର୍ଯ୍ୟକ୍ରମ ଦ୍ୱାରା ସମାଜରେ ଏସବୁ ଦିଗରେ ସଚେତନତା ବୃଦ୍ଧି ପାଇବ ବୋଲି ମଧ ସେ ଆଶା ପ୍ରକାଶ କରିଥିଲେ । ଖାଦ୍ୟ ବିଷୟରେ ଭଲ ଭାବରେ ଜାଣି, ବୁଝି ତାହାର ଉପଯୋଗ କିଭଳି ସମାଜରେ କରାଯାଇପାରିବ, ସେବିଷୟରେ ମଧ ସେ ସମ୍ୟକ ସୂଚନା ଦେଇଥିଲେ । ଭୁବନେଶ୍ୱର ଫିଲ୍ମ ସୋସାଇଟିର ସଂପାଦକ ସୁବ୍ରତ ବେଉରା ପ୍ରାମାଣିତ ଚଳଚ୍ଚିତ୍ରକୁ ମାଧମ କରି କିଭଳି ପରିବେଶ ତଥା ଆମ ସ୍ୱାସ୍ଥ୍ୟ ବିଷୟରେ ଉପଯୁକ୍ତଭାବେ ଚିନ୍ତା କରାଯାଇପାରିବ ଏବଂ ସମାଜର ବିକାଶ ସାଧିତ ହୋଇପାରିବ, ସେ ବିଷୟରେ ସାରଗର୍ଭକ ଆଲୋଚନା କରିଥିଲେ । ତାଙ୍କ ଅନୁଷ୍ଠାନ ଆଗକୁ ଏଭଳି ଆହୁରି ଅନେକ ପ୍ରାସଙ୍ଗିକ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ କରିବ ବୋଲି ମଧ ସେ ସୂଚାଇଥିଲେ । ଆପୋଲୋ ହସ୍‌ପିଟାଲର ମୁଖ୍ୟ ଖାଦ୍ୟ ବିଜ୍ଞାନୀ ଶ୍ରୀମତୀ ସୁନିତା ସାହୁ, ମାଇକେଲ୍ସ କିଚିନ୍‌ର ପ୍ରତିଷ୍ଠାତା ସେଫ୍ ମାଇକେଲ ଏବଂ ଏମ୍‌ସ ଭୁବନେଶ୍ୱରର ଛାତ୍ରୀ ଶ୍ରୀମତୀ ସଂଜୀବନୀ ଦତ୍ତ ଏହି ଆଲୋଚନାଚକ୍ରରେ ଗବେଷକ ଭାବରେ ଯୋଗଦାନ କରି ନିଜ ନିଜର ବକ୍ତବ୍ୟ ରଖିଥିଲେ । ଉଲ୍ଲେଖଯୋଗ୍ୟ ଯେ, ଡାକ୍ତର କାନୁନ୍‌ଗୋ ଅତ୍ୟାଧୁନିକ ମଧୁମେହ କେନ୍ଦ୍ରଟି ହେଉଛି ମଧୁମେହର ପ୍ରତିରୋଧ, ନିୟନ୍ତ୍ରଣ ଏବଂ ପରିଚାଳନା କ୍ଷେତ୍ରରେ କାମ କରୁଥିବା ଏକ ପୂର୍ଣାଙ୍ଗ ସଂସ୍ଥା । ମଧୁମେହ ରୋଗୀମାନେ କିଭଳି ଖାଦ୍ୟ ତଥା ଶାରୀରିକ ଯୋଗ୍ୟତାର ଉପଯୋଗ କରିପାରିବେ, ସେ ବିଷୟରେ ଏହା ଆଜି କାର୍ଯ୍ୟରତ । ଏହା ବ୍ୟତୀତ ଚାପ ତଥା ଜୀବନଶୈଳୀର ସୁପରିଚାଳନା ଏବଂ ପର୍ଯ୍ୟବେକ୍ଷଣ ଦିଗରେ ଡାକ୍ତର ଏବଂ ଖାଦ୍ୟ ବିଜ୍ଞାନୀ ଓ ସେବିକା ମାନଙ୍କୁ ତାଲିମ ଦେବା ନିମନ୍ତେ ମଧ ଏହା ଶିବିରମାନ ଅୟୋଜନ କରିଥାଏ । ଖାଦ୍ୟ ଉପରେ ଅଧିକ ଗବେଷଣା କରିବା ଏବଂ ଏଥିରୁ ମିଳୁଥିବା ତଥ୍ୟକୁ ବିଶ୍ଲେଷଣ କରିବା ହେଲା ଏହି ମଧୁମେହ କେନ୍ଦ୍ରର ଅନ୍ୟତମ ଗୁରୁତ୍ୱପୂର୍ଣ କାର୍ଯ୍ୟ ।

# ଟାଟା ଷ୍ଟିଲ ଯୋଡାଠାରେ ବିଶ୍ୱ ମଧୁମେହ ଦିବସ ପାଳିତ



ଯୋଡା (ମାନିସ) : ମଧୁମେୟ ରୋଗ ବିଷୟରେ ଜନ ସଚେତନତା ସୃଷ୍ଟି କରି ଟାଟା ଷ୍ଟିଲ ଯୋଡାଠାରେ ଗୁରୁବାର ଦିନ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମଗୁଡିକ ଟାଟା ମେନ ହସ୍ପିଟାଲ, ଯୋଡା, ଖଣ୍ଡବନ୍ଧ ଲୌହ ଖଣି, ଯୋଡା ଇଷ୍ଟ ଲୌହ ଖଣି, ବିଚାକୁଣ୍ଡି ଓ ବାମେବାରି ଲୌହ ଖଣିଠାରେ ଅଭିଜ୍ଞ ଡାକ୍ତର ମାନଙ୍କ ଦ୍ୱାରା ଆୟୋଜିତ ହୋଇଛି । ଟାଟା ମେନ ହସ୍ପିଟାଲର ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ସୁଚିସ୍ମିତା ଦାସ ଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଗୁଡିକ ଆୟୋଜିତ ହୋଇଥିଲା ଓ ଏଥିରେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ଉତ୍ତମ ଖାଦ୍ୟଭାସ, ବ୍ୟାୟମ, ଯୋଗାଭାସ କରିବା ସହ, ଗୁଟକା ଓ ଧୂମ୍ରପାନ ନିଷେଧ ଆଦି ଉପରେ ଗୁରୁତ୍ୱ ଦିଆଯାଇଥିଲା । ଦୈନନ୍ଦିନ କାର୍ଯ୍ୟଚାପ ରୁ ମୁକ୍ତ ରହି ନିୟମିତ ବ୍ୟାୟାମ ଓ ପରିଚର୍ଯ୍ୟ ଦ୍ୱାରା କିପରି ନିଜକୁ ସୁସ୍ଥ ରଖି ହେବ, ତାହା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । କମ୍ପାନୀ ଓ କର୍ମଚାରୀମାନଙ୍କ ମିଳିତ ସହଯୋଗିତାରେ ଲୋକମାନଙ୍କୁ ମଧରେ ସଚେତନତା ସୃଷ୍ଟି କରିବା ଲାଗି କମ୍ପାନିର ରହିଥିବା ପ୍ରତିବଦ୍ଧତାକୁ ଏହି କାର୍ଯ୍ୟକ୍ରମ ଦର୍ଶାଉଛି ।

# ଦିବ୍ୟାଙ୍ଗ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର; ହତ୍ୟା ସନ୍ଦେହ



ବାଲେଶ୍ୱର (ମାନିସ) : ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ସିନ୍ଦୁରୀ ଛକ ନିକଟ ଝାଟିମାଟି ଘର ମଧ୍ୟରୁ ଜଣେ ଦିବ୍ୟାଙ୍ଗ ବୃଦ୍ଧା ଙ୍କ ହାତ ଗୋଡ ବନ୍ଧା ଅବସ୍ଥାରେ ମୃତଦେହ ପୋଲିସ ଉଦ୍ଧାର କରିଛି । ମୃତ ବୃଦ୍ଧା ହେଲେ ସ୍ୱର୍ଗତ ବୀର ମହାରଣା ଙ୍କ ପତ୍ନୀ ସରସ୍ୱତୀ ମହାରଣା ବୟସ (୭୦) ।ସରସ୍ୱତୀ ସିନ୍ଦୁରୀ ଛକ ନିକଟରେ ସରକାରୀ ଜମିରେ ଝାଟି ମାଟି ଘରେ ରହି ଆସୁଥିଲେ । ଘରଟି ଭାଙ୍ଗି ଯାଇଥିବାରୁ ରାତିରେ ପାଖ ପଡୋଶୀଙ୍କ ଘରେ ଶୋଉଥିଲେ । ଗତକାଲି ଶୋଇବାକୁ ଯାଇନଥିଲେ । ଆଜି ଅପରାହ୍ନ ୪ ଟା ବେଳେ ସହରର ମଠସାହି ରେ ରହୁଥିବା ସରସ୍ୱତୀଙ୍କ ଝିଅଙ୍କ ଝିଅ ନାତୁଣୀ ଆଇକୁ ଦେଖିବାକୁ ଯାଇଥିଲେ ।ସରସ୍ୱତୀ ରହୁଥିବା ଝାଟିମାଟି ଭଙ୍ଗା ଘର ମଧରେ ହାତ ଗୋଡ ବନ୍ଧା ଅବସ୍ଥାରେ ମରି ପଡ଼ିଥିବା ଦେଖି ଘର ଲୋକଙ୍କୁ ଖବର ଦେଇଥିଲେ ।ସ୍ଥାନୀୟ ଲୋକେ,ଝିଅ ଓ ନାତି ନାତୁଣୀ ଘଟଣା ସ୍ଥଳରେ ପହଞ୍ଚି ସଦର ଥାନାକୁ ଖବର ଦେଇଥିଲେ ।ସଦର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ କରିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ତେବେ ହତ୍ୟାର କାରଣ ଜଣା ପଡି ନଥିବା ବେଳେ ବୃଦ୍ଧା ଦିବ୍ୟାଙ୍ଗ ସରସ୍ୱତୀ ଙ୍କୁ ହାତ ଗୋଡ ବାନ୍ଧି କେହି ଦୁର୍ବୃତ୍ତ ହତ୍ୟା କରିଥିବା ନେଇ ସନ୍ଦେହ କରାଯାଉଛି । ସଦର ଥାନା ପୋଲିସ ତଦନ୍ତ ଜାରି ରଖିଛି ।

# ମାଟିଛନ୍ତି ଲଘୁ ଖଣିଜ ମାଫିଆ



ବଡ଼ଚଣା (ମାନିସ) : ଯାଜପୁର ଜିଲା ଦର୍ପଣ ତହସିଲ ଅନ୍ତର୍ଗତ ଚଣ୍ଡିଆ ,ମଝିପଡା ଓ ଧାଉଡିଆ ପଦା ପାହାଡ ଏବେ ଚୋରା ପଥର ବ୍ୟବସାୟୀ ଙ୍କ କବଜା ରେ । ଏହି ପାହାଡ ଗୁଡିକ ରେ ରେ ଦାମୀ ମୂର୍ତ୍ତି ତିଆରି ପଥର ସହ ପ୍ରଚୁର ପରିମାଣର ଉନ୍ନତ ମାନର ମୋରମ ଓ ବୋଲଡର ମିଳୁଥିବାରୁ ଚୋରା ପଥର ବ୍ୟବସାୟୀ ଙ୍କ ନଜର ପାହାଡ ଉପରେ ପଡିଛି । ଏହି ସବୁ ପାହାଡ ର କୌଣସି ଅଂଶ ଲିଜ ଦିଆ ଯାଇ ନ ଥିଲେ ମଧ ଚୋରା ପଥର ମାଫିଆ ମାନେ ବିଳମ୍ବିତ ରାତିରେ ମୋରମ, ବୋଲଡର ଓ ମୂର୍ତ୍ତି ପଥର ଖନନ କରି ଅବିଭକ୍ତ କଟକ ଜିଲ୍ଲାର ବିଭିନ୍ନ ସ୍ଥାନକୁ ପରିବହନ କରୁଥିବା ର ଦେଖିବାକୁ ମିଳୁଛି । । ଚଣ୍ଡିଆ ପାହାଡ଼ ରୁ ମିଳୁଥିବା ପଥର ସୁନ୍ଦର ସୁନ୍ଦର ମୂର୍ତ୍ତି ନିର୍ମାଣ ପାଇଁ ବେଶ ଉପଯୋଗୀ ଓ ମୂଲ୍ୟବାନ । ଗୋଟିଏ ଟ୍ରାକ୍ଟର ରେ ଯାଉଥିବା ପଥର ର ମୂଲ୍ୟ ୨୫ ହଜାର ଟଙ୍କା ହୋଇଥିବା ବେଳେ ବଡ ଟ୍ରକ ରେ ଯାଉଥିବା ପଥର ୫୦ ହଜାର ରୁ ୭୦ ହଜାର ଟଙ୍କା ପର୍ଯ୍ୟନ୍ତ ବିକ୍ରୀ ହୋଇଥାଏ । ପୂର୍ବରୁ ପାହାଡ ଗୁଡିକ ତହସିଲ ପକ୍ଷରୁ ନିଲାମ ଦିଆ ଯିବା ର ନିତି ନିୟମ ଥିବା ବେଳେ ଏବେ ଏହା ଲଘୁ ଖଣିଜ ହିସାବରେ ବିଭାଗ ଅଧିନ କୁ ଯାଇଅଛି । ଖଣି ବିଭାଗ ର କାର୍ଯ୍ୟାଳୟ ୫୦ କିମି ଦୂର ବ୍ୟାସନଗର ରେ ଅବସ୍ଥିତ ।ଯାହାକି ଖଣି କର୍ମଚାରୀ ମାନଙ୍କ ନଜର ଠାରୁ ବହୁ ଦୂରରେ । ସେଥିପାଇଁ ପାହାଡ ମାଫିଆ ମାନେ ନିର୍ଦ୍ଦ୍ୱନ୍ଦରେ ଦିନ ରାତି ଖନନ କରି ଚୋରା ରେ ବ୍ୟବସାୟ ଚଳାଇ ଛନ୍ତି । ପ୍ରତ୍ୟହ ଏଠାରୁ ଶହ ଶହ ଘନଫୁଟ ପଥର ଉତ୍ତୋଳନ କରାଯାଇ ବିକ୍ରି କରାଯାଉଥିବା ର ଖବର ମିଳିଛି । । ବର୍ତ୍ତମାନ ଆଖପାଖ ଅଞ୍ଚଳରେ ବ୍ୟାପକ ରାସ୍ତା କାମ ଚାଲିଥିବା ରୁ ଚୋରା ବ୍ୟବସାୟୀ ମାନେ ଏହି କାମ ବେଧଡ଼କ ଚଲାଇଥିବା ରୁ ସରକାର ଲକ୍ଷ ଲକ୍ଷ ଟଙ୍କା ର ରାଜସ୍ୱ ହରାଉଛନ୍ତି ।ଚୋରା ବ୍ୟବସାୟୀ ମାନେ କେତେକ ଦଲାଲ ମାନଙ୍କ ଦ୍ୱାରା ସରକାରୀ ବାବୁ ମାନଙ୍କୁ କରାୟତ କରିବା ରେ ସକ୍ଷମ ହୋଉଥିବା ରୁ ସାଧାରଣ ଲୋକେ ଏହି ବିଷୟରେ ପାଟି ଖୋଲିବାକୁ ସାହସ ଜୁଟାଇ ପାରୁନାହାନ୍ତି । । ଖଣି ବିଭାଗ, ରାଜସ୍ୱ ବିଭାଗ ଏ ବିଷୟରେ ଅବଗତ ଥିଲେ ମଧ କେହି ରୋକିବା ପାଇଁ ପ୍ରଚେଷ୍ଟା କରୁଥିବା ର ଦେଖିବାକୁ ମିଳୁନାହିଁ । ଖଣି, ରାଜସ୍ୱ ଓ ପୋଲିସ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣ ରେ ଦାବି ହେଉଛି ।

# ମୋଦିଙ୍କ ଶାସନରେ କମିଛି ମଧ୍ୟବିତ୍ତଙ୍କ ମୁଣ୍ଡରୁ ଟିକସ ବୋଝ

ନୂଆଦିଲ୍ଲୀ (ପିଆଇବି) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଥମ ୧୦ ବର୍ଷର ଶାସନ ସମୟରେ ମଧ୍ୟବିତ୍ତଙ୍କୁ ମୁଣ୍ଡରୁ କମିଛି ଟିକସ ବୋଝ । ଯେଉଁ ବ୍ୟକ୍ତିମାନେ ବାର୍ଷିକ ୨୦ ଲକ୍ଷରୁ କମ ଟଙ୍କା ଆୟ କରନ୍ତି, ସେମାନେ ମଧ୍ୟବିତ୍ତ ବର୍ଗର ଲୋକ ଭାବେ ବିବେଚିତ ହୁଅନ୍ତି । ଏହି ବର୍ଗରେ ଥିବା ଲୋକଙ୍କ ମୁଣ୍ଡରୁ ଟିକସ ବୋଝ ମୋଦିଙ୍କ ପ୍ରଥମ ୧୦ ବର୍ଷର ଶାସନ ମଧ୍ୟରେ ହ୍ରାସ ପାଇଛି । ଅନ୍ୟପଟେ ମୋଦିଙ୍କ ୧୦ ବର୍ଷର ଶାସନ ମଧ୍ୟରେ ୫୦ ଲକ୍ଷରୁ ଅଧିକ ଆୟ କରୁଥିବା ଲୋକଙ୍କ ଟିକସ ଫାଇଲ କରିବାର ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଇଛି । ପୂର୍ବ ତୁଳନାରେ ୫୦ ଲକ୍ଷରୁ ଅଧିକ ଆୟ କରୁଥିବା ଲୋକମାନେ ଅଧିକ ସଂଖ୍ୟାରେ ଆୟକର ଫାଇଲ କରୁଛନ୍ତି । ଆୟକର ଟିକସ ରିଟର୍ଣ୍ଣ(ଆଇଟିଆର) ଫାଇଲ ତଥ୍ୟ ଅନୁସାରେ, ୨୦୨୩-୨୪ରେ ୫୦ ଲକ୍ଷରୁ ଅଧିକ ଆୟ କରୁଥିବା ଲୋକଙ୍କ ସଂଖ୍ୟା ୯.୩୯ ଲକ୍ଷକୁ ବୃଦ୍ଧି ପାଇଛି । ଏହା ୨୦୧୩-୧୪ ତୁଳନାରେ ୫ ଗୁଣ ଅଧିକ । ୨୦୧୩-୧୪ରେ ୧.୮୫ ଲକ୍ଷ ଲୋକ ସେମାନଙ୍କ ଆୟ ୫୦ ଲକ୍ଷରୁ ଅଧିକ ଥିବା କହିଥିଲେ । ଏଥିସହ ୫୦ ଲକ୍ଷରୁ ଅଧିକ ଆୟ କରୁଥିବା ଲୋକଙ୍କ ଆୟକର ଟିକସ ପରିମାଣ ମଧ ୩.୨ ଗୁଣ ଅଧିକ ରହିଛି । ୨୦୧୪ରେ ଏହା ୨.୫୨ ଲକ୍ଷ ଥିବା ବେଳେ ୨୦୨୪ରେ ଏହା ୯.୬୨ ଲକ୍ଷ କୋଟିରେ ପହଞ୍ଚିଛି । ଗୋଟିଏ ସୂତ୍ରରେ କୁହାଯାଇଛି ଯେ ସଂଗ୍ରହ ହେଉଥିବା ମୋଟ ଟିକସ ମଧ୍ୟରୁ ୭୬% କେବଳ ୫୦ ଲକ୍ଷରୁ ଅଧିକ ଆୟ କରୁଥିବା ଲୋକଙ୍କ ଠାରୁ ଆଦାୟ ହୋଇଛି । ଏହାଦ୍ୱାରା ମଧ୍ୟବିତ୍ତଙ୍କ ମୁଣ୍ଡ ଉପରେ ରହିଥିବା ଟିକସ ବୋଝ ଆଶାତୀତ ଭାବେ ହ୍ରାସ ପାଇଛି । ମୋଦି ସରକାର ଲାଗୁ କରିଥିବା ଶକ୍ତିଶାଳୀ ଟିକସ ଚୋରି ନିରୋଧ ଆଇନ ଓ କଳା ଟଙ୍କା ଆଇନ ଯୋଗୁ ୫୦ ଲକ୍ଷରୁ ଅଧିକ ଆୟ କରୁଥିବା ଲୋକଙ୍କ ରିଟର୍ଣ୍ଣ ଫାଇଲ କରିବା ସଂଖ୍ୟା ମଧ ବୃଦ୍ଧି ପାଇଛି । ଏହି ସୂତ୍ରରେ ଆହୁରି କୁହାଯାଇଛି ଯେ ୨୦୧୪ରେ ବାର୍ଷିକ ୨ ଲକ୍ଷରୁ ଅଧିକ ଆୟ କରୁଥିବା ଲୋକଙ୍କୁ ମଧ ଆୟକର ଟିକସ ଦେବାକୁ ପଡୁଥିଲା । ହେଲେ ମୋଦି ସରକାର ଘୋଷଣା କରିଥିବା ବିଭିନ୍ନ ପ୍ରକାରର ଆୟକର ଛାଡ଼ ଓ ହ୍ରାସ ନିଷ୍ପତ୍ତି ଯୋଗୁ ଏବେ ୭ ଲକ୍ଷ ଟଙ୍କା ଯାଏ ଆୟ କରୁଥିବା ଲୋକଙ୍କୁ କୌଣସି ଟିକସ ଦେବାକୁ ପଡୁ ନାହିଁ । ୨୦୧୪ରେ ୧୦ ଲକ୍ଷ ଟଙ୍କାରୁ କମ ଆୟ କରୁଥିବା ଲୋକଙ୍କ ଟିକସ ପରିମାଣ ମୋଟ ଆଦାୟର ୧୦.୧୭% ରହିଥିଲା । କିନ୍ତୁ ୨୦୨୪ରେ ଏହା ୬.୨୨%କୁ ଖସି ଆସିଛି । ୨.୫ ଲକ୍ଷରୁ ୭ ଲକ୍ଷ ଟଙ୍କା ଯାଏ ଆୟ କରୁଥିବା ଲୋକଙ୍କ ଆୟକର ଦେୟ ପରିମାଣ ୨୦୨୩-୨୪ରେ ପ୍ରାୟ ୪୩ ହଜାର ଟଙ୍କା ରହିଛି । ଏହା ସେମାନଙ୍କ ଆୟର ୪ରୁ ୫ ପ୍ରତିଶତ । ଏହା ଏମର୍ଜି ଅର୍ଥନୀତି ମଧ୍ୟରେ ସବୁଠାରୁ କମ । ୧୦ ବର୍ଷ ମଧ୍ୟରେ ମୁଦ୍ରାସ୍ଫୀତିକୁ ହିସାବକୁ ନେବା ପରେ ୧୦ରୁ ୨୦ ଲକ୍ଷ ଟଙ୍କା ଯାଏ ଆୟ କରୁଥିବା ଲୋକଙ୍କ ଟିକସ ହ୍ରାସ ପ୍ରାୟ ୬୦% ହୋଇଛି । ୨୦୧୩-୧୪ରେ ପ୍ରାୟ ୩.୬୦ କୋଟି ଲୋକ ଆୟକର ଫାଇଲ କରୁଥିବା ବେଳେ ୨୦୨୩-୨୪ରେ ଏହା ୭.୯୭ କୋଟିରେ ପହଞ୍ଚିଛି । ଏହାର ଅର୍ଥ ଏଥିରେ ୧୨୧ ପ୍ରତିଶତ ବୃଦ୍ଧି ହୋଇଛି ।

# ମୃତ୍ୟୁକ ପରିବାରକୁ ସମବେଦନା ଜଣାଇଲେ ବାରଙ୍ଗ ଡ୍ରାଇଭର ମହାସଂଘ



ବାରଙ୍ଗ (ମାନିସ) : ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ତେନ୍ତୁଳିଆଠାରେ ମର୍ମନ୍ତୁଦ ଦୁର୍ଘଟଣା ଶିକାର ହୋଇ ମୃତ୍ୟୁବରଣ କରିଥିବା ବାରଙ୍ଗ ଥାନା ଅନ୍ତର୍ଗତ ଗଦେଇକୁଦ ଗ୍ରାମର ବିଜୟ ମଣ୍ଡଳଙ୍କୁ ବାରଙ୍ଗ ଡ୍ରାଇଭର ମହାସଂଘ ତରଫରୁ ମୃତ୍ୟୁକଙ୍କ ପରିବାରକୁ ସମବେଦନା ଜଣାଇ ଥଲେ । ସୂଚନା ମୁତାବକ ବୁଧବାର ବିଳମ୍ବିତ ରାତ୍ରୀ ବିଜୟ ମଣ୍ଡଳ ବୟସ ୩୦ ଏକ ଟଳର ଚଳାଇ ବଡ଼ବିଲରୁ ପାରାଦ୍ୱୀପ ଅଭିମୁଖେ ଆସୁଥିବା ବେଳେ ଗାଡିଟି ଏକ ୧୨ ଚକିଆ ଗାଡି ସହିତ ଢେଙ୍କାନାଳ ତେନ୍ତୁଳିଆ ସଦର ଥାନା, ନିକଟରେ ଦୁର୍ଘଟଣାଗସ୍ତ ଘଟିଥିଲା । ଯାହା ଫଳରେ ବିଜୟ ଦୁର୍ଘଟଣା ଶିକାର ହୋଇଥଲେ । ଘଟଣା ସ୍ଥଳରେ ଢେଙ୍କାନାଳ ସଦର ଥାନା ପହଂଚି ଦୁର୍ଘଟଣା ଶିକାର ହୋଇଥିବା ବିଜୟ ମଣ୍ଡଳ ଢେଙ୍କାନାଳ ମୁଖ୍ୟ ଚିକିତ୍ସା କେନ୍ଦ୍ରକୁ ପଠାଇବାରୁ ଡାକ୍ତର ସେଠାର ମୃତ୍ୟୁ ବୋଲି ଘୋଷଣା କରିଥଲେ । ବାରଙ୍ଗ ଡ୍ରାଇଭର ମହାସଙ୍ଗ ଢେଙ୍କାନାଳରୁ ଶବ ଆଣି ବାରଙ୍ଗ ଥାନା ଗାଦେଇକୁଦ ପହଂଚି ଥଲେଈଘଟଣା ସ୍ଥଳର ବାଙ୍କୀ ବିଜେପି ପାଥୀ ତୁଷାର କାନ୍ତଚକ୍ରର ବତୀ ଘଟଣା ସ୍ଥଳରେ ପହଂଚି ପରିବାରକୁ ସମବେଦନା ଜଣାଇଥିଲେ ବେଳେ ବାରଙ୍ଗ ଡ୍ରାଇଭର ମହାସଙ୍ଗ ସଭାପତି ଗଣେଷ ସାହୁ, ଉପସଭାପତି ବିକୁ ବିଶୋଇ, ସଂପାଦକ ତପେଶ୍ୱର ପାଳ, ବିଜୟ ପ୍ରମୁଖ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ କରାଯାଇଥିଲା ।

# ଗାନ୍ଧୀ ପବ୍ଲିକ ସ୍କୁଲରେ ଶିଶୁ ଦିବସ ମହାସମାରୋହରେ ପାଳିତ

ରାୟଗଡ଼ (ମାନିସ) : ରାୟଗଡା ଜିଲ୍ଲା ଗୁଣପୁର ସ୍ଥିତ ଗାନ୍ଧୀ ପବ୍ଲିକ ସ୍କୁଲରେ ଶିଶୁ ଦିବସ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ଓ ଉତ୍କଳର ବରପୁତ୍ର ଶହୀଦ ଭଗବାନ ବିର୍ଶା ମୁଣ୍ଡାଙ୍କ ଜୟନ୍ତୀ ଉପଲକ୍ଷେ ବିଦ୍ୟାଳୟର ଅଧକ୍ଷ ସୁବ୍ରତ ରଞ୍ଜନ ପାଠୀ ପ୍ରଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ବିଦ୍ୟାଳୟର ନର୍ସରୀରୁ ଦ୍ୱାଦଶ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀ ଏହି ଦିବସକୁ ନିଆରା ଢଙ୍ଗରେ ପାଳନ କରି ବିଦ୍ୟାଳୟ ପରିବେଶକୁ ଉତ୍ସବ ମୁଖର କରିଥିଲେ । ଆଜି ଦିନର ତାତ୍ପର୍ଯ୍ୟ ବିଷୟରେ ସ୍ମୃତିଚାରଣ କରି ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀ ଭାରତ ମାତାର ମହାନ ବରପୁତ୍ର ଜବାହରଲାଲ ନେହେରୁ ଏବଂ ଶହୀଦ ଭଗବାନ ବିର୍ଶା ମୁଣ୍ଡାଙ୍କ ବିଷୟରେ ବକ୍ତୃତା ପ୍ରଦାନ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ । ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ବିଦ୍ୟାଳୟର ଅଧକ୍ଷ ସୁବ୍ରତ ରଞ୍ଜନ ପାଠୀ କହିଥିଲେ ଶିଶୁ ହସିଲେ ଦୁନିଆ ହସେ ,ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପାଖରେ ଈଶ୍ୱର ପ୍ରଦତ୍ତ ସୃଜନଶୀଳତା ଅଛି, ନିଷ୍ଠାର ସହିତ ପାଠ ପଢି ତୁମେ ନିଜ ଜୀବନକୁ ସରସ ସୁନ୍ଦର କରିପାରିବ । ଜିଆଇଇଟି ବିଶ୍ୱବିଦ୍ୟାଳୟର ମହା ନିର୍ଦ୍ଦେଶକ ଡ଼ଃ ଜଗଦୀଶ ପଣ୍ଡା କହିଥିଲେ ଯେ ଶିଶୁମାନେ ଦେଶର ଭବିଷ୍ୟତ ଅଟନ୍ତି । ତେଣୁ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ଓ ଉନ୍ନତ ଶିକ୍ଷା ବ୍ୟବସ୍ଥା ପାଇଁ ଆମ ବିଦ୍ୟାଳୟ ସର୍ବଦା ଚେଷ୍ଟା କରିଆସିଛି । ଏହି କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିବା ସହିତ ସୂଚାରୁ ରୂପେ ପରିଚାଳନା କରିଥିଲେ । ଜିଆଇଇଟି ବିଶ୍ୱବିଦ୍ୟାଳୟର ସଭାପତି ଡ଼ଃ ସତ୍ୟପ୍ରକାଶ ପଣ୍ଡା ଓ ଉପସଭାପତି ଡ଼ଃ ଚନ୍ଦ୍ରଧ୍ୱଜ ପଣ୍ଡା ଶିଶୁ ଦିବସର ଅଭିନନ୍ଦନ ଜଣାଇଥିଲେ ।

# ଭାଲିଆଡଙ୍ଗ ଅଙ୍ଗନୱାଡି ଠାରେ ଶିଶୁ ଦିବସ ପାଳିତ

ବାଲେଶ୍ୱର (ମାନିସ) : ସମ୍ମନିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ, ବାଲେଶ୍ୱର ପୌରାଞ୍ଚଳ ଓ ଓଡିଶା ଆଲାଇନ୍ସ ଫର ଚାଇଲଡ ରାଇଟ୍ସ ପକ୍ଷରୁ ସ୍ଥାନୀୟ ଭାଲିଆଡ଼ଙ୍ଗ ଅଙ୍ଗନବାଡି କେନ୍ଦ୍ର ଠାରେ ଶିଶୁ ଦିବସ ପାଳିତ ହୋଇଯାଇଛି ।ଓଡିଶା ଆଲାଇନ୍ସ ଫର ଚାଇଲଡ ରାଇଟ୍ସ ର ଜିଲ୍ଲା ସଂଯୋଜକ ଉବାଚକ ମହାନ୍ତି ଙ୍କ ସଂଯୋଜନା ରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ପୌରାଞ୍ଚଳ ସିଡିପିଓ ସାଗରିକା ଦତ୍ତ ଯୋଗ ଦେଇ ଶିଶୁ ମାନେ ଦେଶର ଭବିଷ୍ୟତ, ଶିଶୁ ମାନଙ୍କ ବିକାଶ ରେ ଦେଶର ବିକାଶ ହୋଇଥାଏ ବୋଲି କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପରିଦର୍ଶିକା ବିଷ୍ଣୁପ୍ରିୟା ରଣା,ମଧୁସ୍ମିତା ପ୍ରଧାନ, ଓ ଶୁଭାଶ୍ରୀ ଦାଶ ପ୍ରମୁଖ ଶିଶୁ ମାନଙ୍କ ବିକାଶ ସମ୍ପର୍କ ରେ ଆଲୋଚନା କରିଥିଲେ ।ଏହି ଅବସରରେ ଶିଶୁ ମାନଙ୍କ ମଧ୍ୟରେ ଆୟୋଜିତ ମ୍ୟୁଜିକ ଚେୟାର, ଚିତ୍ରାଙ୍କନ ଓ ରଙ୍ଗୋଲି ପ୍ରତିଯୋଗିତା ର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଅଙ୍ଗନବାଡି କର୍ମୀ ଜୟନ୍ତୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୁଣୁପୁରରେ ବ୍ଲକସ୍ତରୀୟ ସରଗିଫୁଲ କାର୍ଯ୍ୟକ୍ରମ ଅନୁଷ୍ଠିତ

ରାୟଗଡ଼ (ମାନିସ) : ରାୟଗଡ ଜିଲ୍ଲା ଗୁଣପୁର ବ୍ଲକ ସ୍ଥିତ ସ୍ଥାନୀୟ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଠାରେ ବ୍ଲକସ୍ତରୀୟ ସରଗିଫୁଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭ୍ରାଞ୍ଜଳୀ ପ୍ରଧାନ ,ମୁଖ୍ୟବକ୍ତା ରୂପେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀମତୀ ପ୍ରତିଶ୍ରୁତି ସିଂ , ସମ୍ମାନୀତ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ସୁରଜ ନାୟକ ଏସ୍ ,ମଣ୍ଡଳ ଶିକ୍ଷାଧୀଶ ଶ୍ୟାମଘନ ଭୂୟାଁ,ମଙ୍ଗଳ ସଂପ୍ରସାରଣ ଅଧିକାରୀ ଗଙ୍ଗାଧର ବେହେରା,ଅଧକ୍ଷ ଅନନ୍ତ କୁମାର ତ୍ରିପାଠୀ ସଭାପତି ରୂପେ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ମାନ୍ୟବର ସାଂସଦ ଶ୍ରୀ ସପ୍ତଗିରି ଶଙ୍କର ଉଲ୍ଲାକା, ମୁଖ୍ୟବକ୍ତା ରୂପେ ଗୁଣୁପୁର ବିଧାୟକ ଶ୍ରୀ ସତ୍ୟଜିତ ଗମାଙ୍ଗୋ, ସମ୍ମାନିତ ଅତିଥି ରୂପେ ଗୁଣୁପୁର ପୌରପାଳିକା ଅଧକ୍ଷା ଶ୍ରୀମତୀ ମମତା ଗୌଡ଼ , ଉପାଧକ୍ଷ ଶ୍ରୀ ଶିବପ୍ରସାଦ ଗୌଡ଼ , ପଞ୍ଚାୟତ ସମିତି ଉପାଧକ୍ଷ ସୁଦର୍ଶନ ଶବର ଓ ସଭାପତି ରୂପେ ଅଧକ୍ଷ ଅନନ୍ତ କୁମାର ତ୍ରିପାଠୀ ମଞ୍ଚାସୀନ



ଥିଲେ ।ଅନୁସୂଚୀତ ଜନଜାତି ଓ ଅନୁସୂଚିତ ଜାତି ଛାତ୍ର ଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାକୁ ପରିସ୍ଫୁଟନ କରିବା ନିମନ୍ତେ ବିଭିନ୍ନ ପ୍ରତିଯୋଗୀତା ଯଥା ବକ୍ତୃତା,ତର୍କ, ସୃଜନଶୀଳ ଲିଖନ, ଚିତ୍ରାଙ୍କନ,ଏକକ ଅଭିନୟ ଓ ଭଲିବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ରଙ୍ଗମଞ୍ଚରେ ଏକକ ସଂଗୀତ,ଏକକ ନୃତ୍ୟ ଓ ଦଳଗତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଉକ୍ତ ନୃତ୍ୟଗୁଡ଼ିକୁ ମୂଲ୍ୟାୟନ କରିବା ନିମନ୍ତେ ବିଚାରକ ଭାବେ ଶ୍ରୀ ନରସିଂହ ଶତପଥି,ପ୍ରିୟା କୁମାରୀ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ ।ଦଳଗତ ନୃତ୍ୟରେ ଉଚ୍ଚ ବାଳିକା ବିଦ୍ୟାଳୟ, ଡମ୍ବସରାର ଛାତ୍ରୀମାନେ ପ୍ରଥମ ସ୍ଥାନ ଓ ଭଲିବଲରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଛାତ୍ରମାନେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ପ୍ରତିଯୋଗିତାରେ ଯେଉଁ ପ୍ରତିଯୋଗୀ ମାନେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ସେମାନେ ଆସନ୍ତା ଜିଲ୍ଲାସ୍ତରୀୟ ସରଗିଫୁଲ କାର୍ଯ୍ୟକ୍ରମରେ ଭାଗ ନେବେ ।ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ସୁନୀଲ ଗୌଡ଼, ସିଲା ଶ୍ରୀନିବାସ,ମନୋଜ ପାଢ଼ୀ,ବୃନ୍ଦାବନ ସାହୁ ସହଯୋଗ କରିଥିଲେ । ମନୋଜ ତୁଳ ଓ ସୀମାଞ୍ଚଳ ପାତ୍ର ମଞ୍ଚ ପରିଚାଳନା କରିଥିଲେ ।ବ୍ଲକ୍ ର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ/ଶିକ୍ଷୟିତ୍ରୀମାନେ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରୀ ଶଙ୍କର ମିଶ୍ର , ସୀତାରାମ ପାଣିଗ୍ରାହୀ,ରାଧା ଗୋବିନ୍ଦ ପାଢ଼ୀ ବିଭିନ୍ନ ପ୍ରତିଯୋଗୀତାରେ ବିଚାରକ ରୂପେ ରହି ମୂଲ୍ୟାୟନ କରିଥିଲେ । କାର୍ଯ୍ୟକ୍ରମ ଶେଷ ପର୍ଯ୍ୟାୟରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେଉଥିଲା । କୃତୀ ପ୍ରତିଯୋଗିମାନଙ୍କୁ କୃତୀ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା । ମଞ୍ଚାସୀନ ସମସ୍ତ ଅତିଥି ମାନଙ୍କୁ ସରଗିଫୁଲ କମିଟି ତରଫରୁ ଉପଢୌକନ ଦେଇ ସମ୍ମାନୀତ କରାଯାଇଥିଲା ।ପରିଶେଷରେ ଅଧକ୍ଷ ଅନନ୍ତ କୁମାର ତ୍ରିପାଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

## ସିଜିମାଳି ଓ ମୈତ୍ରୀ କମ୍ପାନୀକୁ ଅଞ୍ଚଳବାସୀଙ୍କ ସମର୍ଥନ

# ଖଣି ଖନନ ନିମନ୍ତେ ପ୍ରଭାବିତ ଅଞ୍ଚଳବାସୀଙ୍କ ବିଶାଳ ପଦଯାତ୍ରା



ରାୟଗଡ଼ (ମାନିସ) : ବହୁ ପ୍ରତିକ୍ଷୀତ ସିଜିମାଳି ଖଣି ଖନନ ପାଇଁ ରାୟଗଡ ଜିଲ୍ଲା କାଶୀପୁର ବ୍ଲକ ର ୨୪ ଗୋଟି ପଞ୍ଚାୟତର ପ୍ରାୟ ୩ଶହରୁ ଉର୍ଦ୍ଧ ଗ୍ରାମରୁ ପ୍ରାୟ୨୦ ହଜାରରୁ ଉର୍ଦ୍ଧ ଅଞ୍ଚଳ ବାସୀଙ୍କ ବିଶାଳ ଶୋଭାଯାତ୍ରା ସହ ସିଜିମାଳୀ ଖଣି ଖନନ ନିମନ୍ତେ ରାୟଗଡା ଜିଲ୍ଲାପାଳଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି ଓ ମତ ପ୍ରକାଶ କରିଛନ୍ତି କି ଆମ ଅଞ୍ଚଳରେ ଆଗାମୀ ଦିନରେ ରେ ଯଦି ଖଣି ଖନନ ହେଲେ ଆମ ଅଞ୍ଚଳର ଉନ୍ନତି ହେବା ସହ ବେକାରି ସମସ୍ୟା ଦୂର ହେବ ତେଣୁ ଆମ୍ଭେ ୧୫ ହଜାରରୁ ଉର୍ଦ୍ଧ ଲୋକଙ୍କ ଦସ୍ତଖତ ସହ ସିଜିମାଳି ଓ ମୈତ୍ରୀ କମ୍ପାନୀକୁ ସମର୍ଥନ କରୁଛୁ । ବର୍ତ୍ତମାନ ସମୟରେ ମାସକୁ ପ୍ରାୟ ୧୦ ହଜାର ରୁ ଉର୍ଦ୍ଧ ପରିବାର ସିଧା ସଳଖ ଆର୍ଥିକ,ସ୍ୱାସ୍ଥ୍ୟ ସେବା , ଶିକ୍ଷା ,ନିଯୁକ୍ତି ଓ ଧାର୍ମିକ କ୍ଷେତ୍ର ରେ ପ୍ରାୟ ୪୦ରୁ ଉର୍ଦ୍ଧ ଆମ ଅଞ୍ଚଳରେ ମନ୍ଦିର ନିର୍ମାଣ କରାଯାଉଛି ଓ ଅନ୍ୟାନ୍ୟ ଉନ୍ନତି ମୂଳକ କାର୍ଯ୍ୟ ମଧ ମୈତ୍ରୀ ଇନଫ୍ରା ତରଫରୁ କରାଯାଉଛି । ସିଜିମାଳି ଖଣି ଖନନ ଯଥାଶୀଘ୍ର ଆରମ୍ଭ କରାଯାଉ , ଆଉ କିଛି ବାହାରିଆ ଲୋକ ଆସି ଆମ୍ଭ ନିରୀହ ଆଦିବାସୀ ଲୋକ ମାନଙ୍କୁ ତାଙ୍କ ସ୍ୱାର୍ଥ ପାଇଁ କମ୍ପାନୀକୁ ବିରୋଧ କରିବାକୁ ଉସ୍କାଉ ଛନ୍ତି ବୋଲି ଗ୍ରାମବାସୀ ମତ ପ୍ରକାଶ କରିଛନ୍ତି । ସିଜିମାଳୀ ପ୍ରଭାବିତ ଅଞ୍ଚଳ ବାସୀ ଉପସ୍ଥିତ ରହି ଜିଲ୍ଲା ପାଳଙ୍କୁ ସିଜିମାଳି ଖଣି ଖନନ ନିମନ୍ତେ ଦାବି ପତ୍ର ପ୍ରଦାନ କରିଛନ୍ତି ।

# ପ୍ରେମାନନ୍ଦ ରାୟଙ୍କ ପରଲୋକ



କଟକ : ରାଜ୍ୟପାଳ ପୁରସ୍କାର ପ୍ରାପ୍ତ କୃତୀ ପ୍ରଧାନ ଶିକ୍ଷକ ପ୍ରେମାନନ୍ଦ ରାୟ ଙ୍କର ଆଜି ସନ୍ଧ୍ୟାରେ ତାଙ୍କର ସେଲଟର ଛକ ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି. ତାଙ୍କୁ ୮୭ବର୍ଷ ହୋଇଥିଲା । ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଭଉଣୀ ଶରତ କୁମାରୀ ରାୟ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ତାଙ୍କର ପତ୍ନୀ ଓ ପୁଅ ଙ୍କର କିଛି ବର୍ଷ ତଳେ ପରଲୋକ ହୋଇ ଯାଇଛି । ଏକ ମାତ୍ର ଝିଅ ଆରୁଷି ରାୟ ଖବର ପାଇ ହଂଗେରୀରୁ ଫେରୁଛନ୍ତି । ସ୍ୱର୍ଗତ ରାୟ ପ୍ୟାରୀ ମୋହନ ଏକାଡେମୀ ସ୍କୁଲରେ ଦୀର୍ଘ ବର୍ଷ ଧରି ଶିକ୍ଷକ ଓ ପ୍ରଧାନ ଶିକ୍ଷକ ରୂପେ ନିଷ୍ଠା ର କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ । ଜଣେ କୃତୀ ଶିକ୍ଷକ ରୂପେ ସେ ରାଜ୍ୟପାଳ ପୁରସ୍କାର ଲାଭ କରିଥିଲେ । ତାଙ୍କ ବିୟୋଗ ଖବର ପାଇ ବହୁ ଶିକ୍ଷକ ଓ ପୁରାତନ ଛାତ୍ର ବାସଭବନକୁ ଯାଇ ଶେଷ ଦର୍ଶନ କରିଛନ୍ତି. ପୁରାତନ ଛାତ୍ର ସଂସଦ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି ।

# ହାଲୋ ବଲିଉଡ୍



## 'ପୁଷ୍ପା ୨' ଆଇଟମ ନମ୍ବର ପାଇଁ ଶ୍ରୀଲୀଲାଙ୍କୁ ମିଳିଲା ୪ କୋଟି

ଅଲ୍ଲୁ ଅର୍ଜୁନ ଷ୍ଟାରର୍ ବହୁ ପ୍ରତୀକ୍ଷିତ ଫିଲ୍ମ 'ପୁଷ୍ପା-୨'ରେ ନଜର ଆସିବେ ସାଉଥ୍ ନାୟିକା ଶ୍ରୀଲୀଲା । ଫିଲ୍ମରେ ଆଇଟମ୍ ନମ୍ବର ପାଇଁ ତାଙ୍କୁ କାଷ୍ଟ୍ କରାଯାଇଛି । ତାଙ୍କ ଦମ୍‌ଦାର ନୃତ୍ୟ କେବଳ ଫିଲ୍ମରେ ଉତ୍ସାହ ଭରିବ ତାହା ନୁହେଁ, ଫ୍ୟାନ୍‌ଙ୍କୁ ମଧ ମନୋରଞ୍ଜନର ଭରପୂର ଖୋରାକ ଦେବ ବୋଲି ଆଶା କରାଯାଉଛି । ରିପୋର୍ଟ ଅନୁସାରେ, ଏହି ଖାସ୍ ଗୀତ ପାଇଁ ଶ୍ରୀଲୀଲାଙ୍କୁ ୨ କୋଟି ଟଙ୍କା ପାରିଶ୍ରମିକ ଦିଆଯାଇଛି । 'ଗୁଣ୍ଟୁର କାରମ'ରେ ତାଙ୍କ ପାରିଶ୍ରମିକର ଏହା ଅଧା । ମହେଶ ବାବୁଙ୍କ ଅଭିନୀତ ଏହି ଫିଲ୍ମରେ ଲିଡ୍ ଲେଡି ଭୂମିକାରେ ନଜର ଆସିଥିବା ଶ୍ରୀଲୀଲାଙ୍କୁ ୪ କୋଟି ପାରିଶ୍ରମିକ ମିଳିଥିଲା । ହେଲେ 'ପୁଷ୍ପା-୧'ରେ ଆଇଟମ୍ ନମ୍ବର ପାଇଁ ସାମନ୍ଥା ନେଇଥିବା ପାରିଶ୍ରମିକ ସହ ଶ୍ରୀଲୀଲାଙ୍କ ପାରିଶ୍ରମିକ ତୁଳନା କରାଯାଏ, ତେବେ ତା' ଖୁବ୍ କମ୍ । 'ଓଃ ଅଣ୍ଟାୱା' ଗୀତରେ ଡ୍ୟାନ୍ସ ଲାଗି ସାମନ୍ଥାଙ୍କୁ ୫ କୋଟି ନେଇଥିଲେ । ତାଙ୍କ ଦମ୍‌ଦାର ନୃତ୍ୟ ଫିଲ୍ମର ମୁଖ୍ୟ ଆକର୍ଷଣ ଥିଲା । ସେହି ଦୃଷ୍ଟିରୁ ଶ୍ରୀଲୀଲାଙ୍କ ପାରିଶ୍ରମିକ ତାଙ୍କଠୁ ୬୦ ପ୍ରତିଶତ କମ୍ । ପୂର୍ବରୁ ଗୁଜବ ଉଠିଥିଲା ଯେ ଏହି ଆଇଟମ୍ ନମ୍ବର ଲାଗି ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁରଙ୍କୁ ନିର୍ମାତା କାଷ୍ଟ୍ କରିବାକୁ ଚାହୁଁଥିଲେ । କିନ୍ତୁ ସେ ୫ କୋଟି ଦାବି କଲେ । ତେଣୁ ତାଙ୍କ ବଦଳରେ ଶ୍ରୀଲୀଲାଙ୍କୁ କାଷ୍ଟ୍ କରାଗଲା । ନିର୍ମାତାଙ୍କର ଏହି ନିଷ୍ପତ୍ତିକୁ ନେଇ ମିଶ୍ରିତ ପ୍ରତିକ୍ରିୟା ମିଳୁଛି । କିଛି କହୁଛନ୍ତି, ଅନ୍ୟ କଳାକାରଙ୍କ ତୁଳନାରେ ଶ୍ରୀଲୀଲା ଏତେ ଲୋକପ୍ରିୟ ନୁହନ୍ତି । ଆଉ କିଛି ତାଙ୍କ ଏଣ୍ଟ୍ରିକୁ ନେଇ ଉତ୍ସାହିତ ଅଛନ୍ତି ।

# ଘନ କୁହୁଡ଼ି କବଳରେ ରାଜଧାନୀ

- ୪୫୦ ଉପରେ ଦିଲ୍ଲୀର ଏକ୍ୟୁଆଇ
- ଘରୁ ବାହାରିବା ହେଲାଣି ମୁସ୍କିଲ



**ନୂଆଦିଲ୍ଲୀ:** ବଦଳୁଛି ପାଗର ମିଜାଜ। ଖସୁଛି ପାରଦ, ବଢ଼ି ଚାଲିଛି ଥଣ୍ଡା। ତା'ସହ ତାଳ ଦେଇ ବଢ଼ି ଚାଲିଛି ପ୍ରଦୂଷଣ। ଚାରିଆଡେ ଧୂଆଁ ଧୂଆଁ। କିଛି ବି ହେଉନି ଦୃଶ୍ୟମାନ। ଗ୍ୟାସ୍ ଚାମ୍ବର ପାଲଟିଛି ଦେଶର ରାଜଧାନୀ ଦିଲ୍ଲୀ। ଚାରିଆଡେ ଘନ କୁହୁଡିର ଚାଦର ଢ଼ାଙ୍କି ହୋଇ ରହିଛି। ଲୋକେ ପ୍ରଦୂଷଣ ଯୋଗୁ ଅଣନିଶ୍ୱାସୀ ହୋଇପଡିଛନ୍ତି। ଘରୁ ବାହାରିବା ଲୋକଙ୍କ ପକ୍ଷେ ମୁସ୍କିଲ୍ ହୋଇପଡ଼ିଛି । ନିଶ୍ୱାସ ନେବାରେ ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ କରିଛନ୍ତି । ଦିନକୁ ଦିନ ଏୟାର କ୍ୱାଲିଟି ଇଣ୍ଡେକ୍ସ ଖରାପ ହେବାରେ ଲାଗିଛି । ଗୁରୁବାର ସକାଳୁ ଧୂଆଁ ଧୂଆଁ ହୋଉଛି ସହର ଏବଂ ଦୃଶ୍ୟମାନ କମିଛି । ୫୦୦ ମିଟର ଯାଏଁ ଦେଖିବା ମୁସ୍କିଲ୍ ହୋଇଛି । ଫଳରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି ।

ତେବେ ଗତକାଲି ଅପେକ୍ଷା ଆଜି ରାଜଧାନୀ ଦିଲ୍ଲୀର ଏୟାର କ୍ୱାଲିଟି ଇଣ୍ଡେକ୍ସରେ ସୁଧାର ଆସିଛି । ଗତକାଲି ରାତି ୧୧ଟାରେ ଏୟାର କ୍ୱାଲିଟି ଇଣ୍ଡ୍‌ଡେକ୍ସ ୪୫୨ ରେକର୍ଡ କରାଯାଇଥିଲା । ମାତ୍ର ଆଜି ଏଥିରେ ସମାନ୍ୟ ସୁଧାର ଆସିଥିବା ଦେଖିବାକୁ ମିଳିଛି । ଗୁରୁବାର ସକାଳେ ଏୟାର କ୍ୱାଲିଟି ଇଣ୍ଡେକ୍ସ ୪୩୨ ରେକର୍ଡ କରାଯାଇଛି । ଭୋର ସାଢ଼େ ୬ଟା ବେଳେ ଦୃଶ୍ୟମାନ କମ୍ ରହିଥିଲା । ୫୦୦ ମିଟର ପର୍ଯ୍ୟନ୍ତ ଦେଖିବା ମୁସ୍କିଲ୍ ହେଉଥିଲା । ଫଳରେ ଇନ୍ଦିରା ଗାନ୍ଧି ଇଣ୍ଟରନ୍ୟାସନାଲ ଏୟାରପୋର୍ଟରେ ବିମାନ ଉଡ଼ାଣରେ ସମସ୍ୟା ସୃଷ୍ଟି ହୋଇଥିଲା ।

ସେଣ୍ଟ୍ରାଲ୍ ପଲ୍ୟୁସନ କଣ୍ଟ୍ରୋଲ ବୋର୍ଡ ରିପୋର୍ଟ ମୁତାବକ, ଜାତୀୟ ରାଜଧାନୀର ଭିନ୍ନ ଭିନ୍ନ ସ୍ଥାନରେ ଏୟାର କ୍ୱାଲିଟି ଇଣ୍ଡେକ୍ସ ଖରାପ ରହିଛି । ଆନ୍ଦନ ବିହାର, ଅଶୋକ ନଗର, ଭଓ୍ୱନା, ଦ୍ୱାରିକା, ଜାହାଙ୍ଗିରନଗର, ମୁଣ୍ଡାକା, ଜନଫଗଡ଼, ଲାଜପତ୍ ନଗର, ପ୍ରତାପଗଞ୍ଜ ଆଦି ସ୍ଥାନରେ ଏକ୍ୟୁଆଇ ୪୫୦ ଉପରେ ରହିଛି ।

# ପଞ୍ଚାୟତ ସ୍ତରୀୟ ପରବ ଉଦଯାପିତ

**ଜୟପୁର :** କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ ସଦର ଫଂଚାୟତ ରେ ଚଳିତ ଫଂଚାୟତ ସ୍ତରୀୟ ପରବ ୨୦୨୪ ଉଦଯାପନ ଉତ୍ସବ ଧୁମ ଧାମରେ ପାଳନ ହୋଇଯାଇଛି ।ତିନିଦିନ ଧରି ଚାଲିଥିବା ପରବ ର ଆଜି ମୁଖ୍ୟ ପରବରେ ଶେଷ ଦିନରେ ସ୍ଥାନୀୟ ମାଁ ବୁଢ଼ୀ ଠାକୁରାଣୀ ମନ୍ଦିର ରୁ ସ୍ଥାନୀୟ ସରଫଂଚ ରେବତୀ କୁନ୍ଦାରିଆ ପୁଜା ଅର୍ଚ୍ଚନା କରି ମଶାଲ ଶୋଭାଯାତ୍ରା ରେ ବାହାର ରି ସହର ପରିକ୍ରମା କରି ମୁଖ୍ୟ ପରବ ପଡିଆ ତଥା ହାଇସ୍କୁଲ ପଡିଆ କୁ ଆସିଥିଲେ । ଆୟୋଜିତ ମଶାଲ ଶୋଭାଯାତ୍ରା ପୁର୍ବତନ ବିଧାୟକ କୈଳାସ କୁଲେସିକା,ବିଡିଓ ପିୟୁଷ ଲୁହାର,ବ୍ଲକ ଅଧକ୍ଷ ଗୋଲାଦି ତ୍ରିନାଥ,ଥାନା ଅଧିକାରୀ ପ୍ରମୋଦ କୁମାର ନାୟକ,ନାୟବ ସରଫଂଚ ଶ୍ରୀନିବାସ ,ସମସ୍ତ ୧୫ ଟି ୱାର୍ଡର ୱାର୍ଡ ମେମ୍ବର ,ବ୍ଲକ ବିଜେପି ମଣ୍ଡଳ ସଭାପତି କାଶିନାଥ ହିକକା,ରମେଶ ଦାସ ,ସିଡିପିଓ ଇନ୍ଦୁମତୀ ପାଣିଗ୍ରାହୀ,ପିଇଓ ରମେଶ ତୁଳ ,ସମାଜସେବୀ ଦୟାନିଧି ପ୍ରଧାନ ପ୍ରମୁଖ ମଶାଲ ଶୋଭାଯାତ୍ରା ରେ ମଶାଲ ଧରି ସହର ପରିକ୍ରମା କରିଥିଲେ । ବିଭିନ୍ନ ଗ୍ରାମର ୨୫ ଗୋଟି ଗ୍ରାମର ମହିଳା ଝିଅ ଆଦିବାସୀ ପରମ୍ପରାରେ ରଙ୍ଗାରଙ୍ଗ ସାଢିରେ ସଜ୍ଜିତ ହୋଇ ଢେମସା ନାଚର ତାଳେ ତାଳେ ମଶାଲ ଶୋଭାଯାତ୍ରା ରେ ପାଛୋଟି ନେଇଥିଲେ ମୁଖ୍ୟ ପରବ ପଡିଆକୁ ।ଗତ ଦୁଇ ଦିନ ଧରି ବିଭିନ୍ନ ପ୍ରତିଯୋଗୀତା ତଥା କୁଇଜ୍ ,ସଙ୍ଗୀତ, ରଚନା, ବକ୍ତୃତା, ଝୋଟି, ସାଂସ୍କୃତିକ ନାଚ, ଭଲିବଲ, ଫୁଟବଲ, କବାଡି, ଲମ୍ଭ ଡିଆ, ଉଚଡିଆ, ଦୈଡ ପ୍ରତିଯୋଗିତା କାର୍ଯ୍ୟକ୍ରମ ହୋଇଥିଲା । ମୁଖ୍ୟ ପରବ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମ କୁ ଅଧାପକ ପ୍ରଜାରଞ୍ଜନ ମିଶ୍ର ପରିଚାଳନା କରିଥିଲେ । ଅତିଥି ଗଣ ଫଂଚାୟତ ସ୍ତରୀୟ ପରବରେ ଉପସ୍ଥିତ ରହି ପରବ ର ମହତ୍ୱ, ଗାଁ ଗହଳିରେ ଲୁଚି ରହିଥିବା ଆଦିବାସୀ ପରମ୍ପରା କୁ ପରବ ଜରିଆରେ ଲୋକଲୋଚନ କୁ ଆଣିବା ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ । ଅନ୍ୟପଟେ ନାରାୟଣପାଟଣା ପରି ଆଦିବାସୀ ଅଧୁଷିତ ଫଂଚାୟତରେ ଏତେ ସୁନ୍ଦର ଫଂଚାୟତ ସ୍ତରୀୟ ପରବ ଆୟୋଜନ କରାଯାଇଥିବାରୁ ଫଂଚାୟତର ର ସମସ୍ତ ୱାର୍ଡ ମେମ୍ବର ଯୁବଗୋଷ୍ଠୀ, ଗ୍ରାମବାସୀ, ବଣିକ ସଂଘ,ବିଭିନ୍ନ ସମାଜର ସଦସ୍ୟ ତଥା ଗ୍ରାମ ବାସୀ ଙ୍କୁ ଧନ୍ୟବାଦ ଜଣାଇଥିଲେ ସରଫଂଚ ରେବତୀ କୁନ୍ଦାରିଆ ।

## କୁଡ଼ିଆ ଘରେ ଚାଲିଛି ଅଙ୍ଗନବାଡି କେନ୍ଦ୍ର

**ମାଲକାନଗିରି:** କୁଡ଼ିଆ ଘରେ ଚାଲିଛି ଅଙ୍ଗନବାଡି କେନ୍ଦ୍ର । ସ୍ୱାଭିମାନ ଅଂଚଳରେ ଦେଖିବାକୁ ମିଳିଛି ଅଙ୍ଗନବାଡି କେନ୍ଦ୍ରର ବିକଳ ଚିତ୍ର । ଅଙ୍ଗନବାଡି କେନ୍ଦ୍ର ନଥିବା ଯୋଗୁଁ ନିଜ ଘରେ ପିଲାଙ୍କୁ ଡାକି ପାଠ ପଢା ଉଛନ୍ତି ଅଙ୍ଗନବାଡି ଦିଦି । ଏଭଳି କିଛି ଚିତ୍ର ଦେଖିବାକୁ ମିଳିଛି ସ୍ୱାଭିମାନ ଅଂଚଳର ପାପରମେଟଲା ଫଂଚାୟତ ସ୍ଥିତ ତେନ୍ତୁଳିଗୁଡା ଗ୍ରାମରେ । ୨ ବର୍ଷ ତଳେ ଗ୍ରାମରେ ଏକ ନୂତନ ଅଙ୍ଗନବାଡି ଗୃହ କାମ ଚାଲିଥିଲା ହେଲେ ଠିକାଦାର ଜଣକ ଗୃହ ଅଧା ନିର୍ମାଣ କରି କାମ ଛାଡି ଚାଲି ଯାଇଛନ୍ତି । ଦୀର୍ଘ ୧୦ ବର୍ଷରୁ ଅଧିକ ଦିନ ଧରି ଅଙ୍ଗନବାଡି ଦିଦି ପିଲାଙ୍କୁ ନିଜ ଚାଳ ଛପର ଘରେ କୁନି କୁନି ପିଲାଙ୍କ ଭବିଷ୍ୟତ ଗଢୁ ଛନ୍ତି ହେଲେ ବ୍ଲକ ପ୍ରଶାସନ କି ସମନ୍ୱିତ ଶିଶୁ ବିକାଶ ବିଭାଗର ନଜିରରେ ପଡୁନି । ବର୍ଷା ଦିନ ଆସିଲେ ଅନେକ ଅସୁବିଧାର ସମ୍ମୁଖୀନ ହଉଛନ୍ତି କୁନି କୁନି ପିଲାମାନେ ।

### ଜେରା ସମୟରେ ଖୁଲାସା କଲା ସିଦ୍ଦିକିଙ୍କୁ ଗୁଳି ମାରିଥିବା ଅଭିଯୁକ୍ତ

# ଗୁଳି କରିବା ପରେ ଡାକ୍ତରଖାନା ଆଗରେ ଜଗି ରହିଥିଲା

**ମୁମ୍ବାଇ:** ପୂର୍ବତନ ମନ୍ତ୍ରୀ ତଥା ଏନସିପି ନେତା ବାବା ସିଦ୍ଦିକିଙ୍କୁ ଗୁଳି କରିବା ପରେ ଡାକ୍ତରଖାନା ଆଗରେ ୩୦ ମିନିଟ୍ ଅପେକ୍ଷା କରିଥିଲା ମୁଖ୍ୟ ଅଭିଯୁକ୍ତ । ସିଦ୍ଦିକିଙ୍କ ମୃତ୍ୟୁ ହେଲା କି ନାହିଁ ଜାଣିବା ପାଇଁ ଅପରାଧ ଘଟାଇବା ପରେ ବି ଡାକ୍ତରଖାନା ସମ୍ମୁଖରେ ଅଧଘଣ୍ଟା ଅପେକ୍ଷା କରି ରହିଥିଲା ମୁଖ୍ୟ ଅଭିଯୁକ୍ତ ଶିବ କୁମାର ଗୌତମ ।

ଜେରା ସମୟରେ ପୁଲିସ ଆଗରେ ଏନେଇ ସ୍ୱୀକାର କରିଛି ଶିବ କୁମାର । ପୁଲିସର କହିବା ଅନୁସାରେ, ହତ୍ୟା କରିବା ପରେ ତତକ୍ଷଣାତ୍ ଶାର୍ଟ ବଦଳାଇ ଥିଲା ଶିବ କୁମାର । ଏହାପରେ ଗହଳି ଭିତରେ ଅଧ ଘଣ୍ଟା ଧରି ଡାକ୍ତରଖାନା ଆଗରେ ଅପେକ୍ଷା କରି ରହିଥିଲା । ସିଦ୍ଦିକିଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଶୁଣିବା ପରେ ସେଠାରୁ ଫେରାର୍ ହୋଇ ଯାଇଥିଲା ।



ସୂଚନା ଅନୁସାରେ, ଅକ୍ଟୋବର ୧୨ରେ ରାତି ୯ଟା ୧୦ ବେଳେ ମୁମ୍ବାଇର ବାନ୍ଦ୍ରାରେ ସିଦ୍ଦିକିଙ୍କୁ ଗୁଳି କରା ଯାଇଥିଲା । ୱାଇ ପ୍ଲସ୍ ସୁରକ୍ଷା ସହ ଜନ ଗହଳି ସତ୍ତ୍ୱେ ସିଦ୍ଦିକିଙ୍କ ଉପରକୁ ୬ ରାଉଣ୍ଡ ଗୁଳି କରିଥିଲେ ଦୁର୍ବୃତ୍ତ । ଏଥିରୁ ଦୁଇ ରାଉଣ୍ଡ ଗୁଳି ତାଙ୍କ ଛାତିରେ ବାଜିଥିଲା । ଏହାପରେ ତୁରନ୍ତ ତାଙ୍କୁ ଲିଳାବତୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ମାତ୍ର ସେଠାରେ ତାଙ୍କ ମୃତ୍ୟୁ ହୋଇଥିଲା ।

ଏହି ହତ୍ୟାକାଣ୍ଡ ପଛରେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ହାତ ଥିବା କୁହାଯାଉଛି । ବିଷ୍ଣୋଇ ଗ୍ୟାଙ୍ଗର ପ୍ରାୟ ୧୩ ଜଣଙ୍କୁ ପୁଲିସ ବାନ୍ଧି ସାରି ଥିବାବେଳେ ଗତ ରବିବାର ମୁଖ୍ୟ ଅଭିଯୁକ୍ତ ଶିବ କୁମାର ଗୌତମକୁ ଗିରଫ କରିଛି । ଉତ୍ତରପ୍ରଦେଶ ଦେଇ ନେପାଳ ଖସି ଯିବାକୁ ଚେଷ୍ଟା କରିବା ସମୟରେ ଶିବ କୁମାରକୁ ଗିରଫ କରିଛି ପୁଲିସ ।

ଫୋନ୍ କଲ୍ ଏବଂ ମେସେଜକୁ ଟ୍ରାକ୍ କରି ମୁମ୍ବାଇ କ୍ରାଇମ ବ୍ରାଞ୍ଚ ଏବଂ ଉତ୍ତରପ୍ରଦେଶ ପୁଲିସ ସ୍ୱେଶାଲ ଟାସ୍କ ଫୋର୍ସ (ଏସଟିଏଫ) ମିଳିତ ଭାବେ ତଦନ୍ତ କରିଥିଲା । ନେପାଳ ଖସି ଯିବାକୁ ଯୋଜନା କରିବା ସମୟରେ ଶିବ କୁମାର ସହ ତା'ର ଚାରି ଜଣ ସହଯୋଗୀଙ୍କୁ ଗିରଫ କରାଯାଇଛି ।

# ମୁମ୍ବାଇ ବିମାନ ବନ୍ଦରକୁ ଉଡ଼ାଇବାକୁ ଧମକ

**ମୁମ୍ବାଇ:** ବୋମା ଲଗାଇ ଉଡ଼ାଇ ଦେବୁ ବିମାନ ବନ୍ଦର । ମୁମ୍ବାଇ ଡୋମେଷ୍ଟିକ୍ ଏୟାପୋର୍ଟର (ଟି୧) ସିଆଇଏସ୍‌ଏଫ୍ କଣ୍ଟ୍ରୋଲ ରୁମ୍‌କୁ ଏଭଳି କିଛି ଧମକପୂର୍ଣ୍ଣ ଫୋନ୍ କଲ ଆସିଛି । ମହମ୍ମଦ ନାମକ ଜଣେ ବ୍ୟକ୍ତି ମୁମ୍ବାଇରୁ ଆଜେରବାଇଜାନକୁ ବିସ୍ଫୋରକ ସାମଗ୍ରୀ ନେଇ ଯାଉଥିବା ଧମକରେ କେହି ଜଣେ ବ୍ୟକ୍ତି କହିଛନ୍ତି । ଏହାକୁ ନେଇ ଏବେ ହଇଚଇ ସୃଷ୍ଟି ହୋଇଛି । ମୁମ୍ବାଇ ବିମାନ ବନ୍ଦରରେ ସୁରକ୍ଷା ବଢ଼ାଇ ଦିଆଯାଇଛି ।

ସେପଟେ ଧମକ ମିଳିବା ପରେ ତୁରନ୍ତ ସିଆଇଏସ୍‌ଏଫ୍ ଟିମ୍ ଆକ୍ସନ ମୁଡ୍‌କୁ ଆସିଛି । ଏନେଇ ସହାର ପୁଲିସ ଷ୍ଟେସନକୁ ଆଲର୍ଟ କରିଛି । ଏହାପରେ ପୁଲିସର ଏକ ଟିମ୍ ବିମାନବନ୍ଦରରେ ନିୟୋଜିତ କରାଯାଇଛି । ବିମାନ ବନ୍ଦରର ତନ୍ନ ତନ୍ନ କରି ଯାଞ୍ଚ ଚାଲିଛି । ସୂଚନାନୁସାରେ, କଲର୍ କୌଣସି ନିର୍ଦ୍ଦିଷ୍ଟ ବିମାନ ବିଷୟରେ ଉଲ୍ଲେଖ କରିନଥିଲେ । ବୁଧବାର ହଠାତ୍ ମଧ୍ୟାହ୍ନ ପ୍ରାୟ ୩ଟା ସମୟରେ ଏହି ଧମକପୂର୍ଣ୍ଣ କଲ୍ ଆସିଥିଲା । ଏହା ପରେ ଅଧିକାରୀମାନେ ଏହି ଫୋନ୍ କଲ୍‌ର ଯାଞ୍ଚ ଆରମ୍ଭ କରିଥିଲେ । କିଏ ଏହି ଧମକପୂର୍ଣ୍ଣ ଫୋନ୍ କଲ୍ କରିଥିଲା ସେ ନେଇ ତଦନ୍ତ ଚାଲିଛି ।



**ବଢ଼ିଲା ସୁରକ୍ଷା**

ସତର୍କତାମୂଳକ ପଦକ୍ଷେପ ଭାବରେ ବିମାନବନ୍ଦରରେ ସୁରକ୍ଷା ବ୍ୟବସ୍ଥାକୁ ବୃଦ୍ଧି କରାଯାଇଛି । ଏବଂ ସୁରକ୍ଷା ନିଶ୍ଚିତ କରିବାକୁ ପୁଲିସ ଯାତ୍ରୀଙ୍କ ବିବରଣୀ ଯାଞ୍ଚ କରୁଛି । ଅଧିକାରୀ କହିଛନ୍ତି ଯେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ବିସ୍ଫୋରକ ସାମଗ୍ରୀ ମିଳି ନାହିଁ, କିନ୍ତୁ ସମଗ୍ର ପରିସ୍ଥିତିର ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରାଯାଉଛି ।

### ଆକ୍ସନ ମୋଡ୍‌ରେ ଡୋନାଲ୍ଡ ଟ୍ରମ୍ପ

# ପେଣ୍ଟାଗନ୍ ଅଧିକାରୀଙ୍କ ମୁଣ୍ଡ ଉପରେ ଝୁଲିଲା ଖଣ୍ଡା




**ନ୍ୟୁୟର୍କ:** ଆମେରିକା ରାଷ୍ଟ୍ରପତି ନିର୍ବାଚନ ଜିତିବା ପରେ ଆକ୍ଟିଭ୍ ମୋଡରେ ଆସିଛନ୍ତି ଡୋନାଲ୍ଡ ଟ୍ରମ୍ପ । ଶପଥ ନେବା ପୂର୍ବରୁ ସେ ନିଜର ଟିମ୍ ଗଠନ କରିବାରେ ଲାଗିଛନ୍ତି । ତାଙ୍କ ସରକାରୀ ଟିମ୍‌ରେ କିଏ କିଏ ରହିବେ ସେନେଇ ଏବେଠୁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି । ସେହିପରି କେଉଁ ଅଧିକାରୀଙ୍କ ପତ୍ତା କଟାଯିବ ଏହାର ଏକ କଚ୍ଚା ଚିଠା ମଧ ପ୍ରସ୍ତୁତ ହୋଇଛି । ଋଷ୍-ୟୁକ୍ରେନ ଏବଂ ଇସ୍ରାଏଲ-ହମାସ ଯୁଦ୍ଧ ମଧରେ ଟ୍ରମ୍ପଙ୍କ ଟ୍ରାଞ୍ଜିସନ ଟିମ୍ କିଛି ସୈନ୍ୟ ଅଧିକାରୀଙ୍କୁ ନିଲମ୍ବିତ କରିବାନେଇ ମଧ ଲିଷ୍ଟ ତିଆରି କରିଛି ।

ସୂଚନା ଅନୁଯାୟୀ, ଟ୍ରମ୍ପଙ୍କ ଟିମ୍‌ରୁ ସସ୍‌ପେଣ୍ଡ ହେବାକୁ ଥିବା ଅଧିକାରୀଙ୍କ ମଧରେ ୨ଜଣ ଜଏଣ୍ଟ ଚିଫ୍ ଅଫ୍ ଷ୍ଟାଫ୍ ରହିଛନ୍ତି । ଟ୍ରାଞ୍ଜିସନ ଟିମର ଅଧିକାରୀ ନିଲମ୍ବନ ପ୍ରକ୍ରିୟା ଏବେ ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଛି । ନିର୍ବାଚନ ରାଲି ବେଳେ ଡୋନାଲ୍ଡ ଟ୍ରମ୍ପ କହିଥିଲେ, ୨୦୨୧ରେ ଅଫଗାନିସ୍ତାନରୁ ଆମେରିକୀୟ ସୈନ୍ୟ ଫେରିବା ପଛରେ ହାତ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ସେମାନଙ୍କ ନିଲମ୍ବିତ କରାଯିବ ବୋଲି ସେ କହିଛନ୍ତି । ଟ୍ରମ୍ପଙ୍କ ୨.୦ କାର୍ଯ୍ୟକାଳରେ ଫୋକସରେ ସୈନ୍ୟ ଅଧିକାରୀ ରହିଛନ୍ତି । ଏଥିରେ ଟ୍ରମ୍ପଙ୍କ ପ୍ରଥମ କାର୍ଯ୍ୟକାଳରେ ଜଏଣ୍ଟ ଚିଫ୍ ଅଫ୍ ଷ୍ଟାଫ ର ଚେୟାର ମ୍ୟାନ ମାର୍କ ମିଲିଙ୍କ ନାଁ ରହିଛି ।

ଆମେରିକାର ପ୍ରତିରକ୍ଷା ବିଭାଗର ହେଡ୍ କ୍ୱାର୍ଟର ପେଣ୍ଟାଗନର କିଛି ଅଧିକାରୀ ଏବଂ ପୂର୍ବ ଅଧିକାରୀ ଟ୍ରମ୍ପଙ୍କ ହିଟ୍ ଲିଷ୍ଟରେ ରହିଛନ୍ତି । ଜଏଣ୍ଟ ଚିଫ୍ ଅଫ୍ ଷ୍ଟାଫ ର ପୂର୍ବ ଚେୟାର ମ୍ୟାନଙ୍କ ବ୍ୟତୀତ ଜଏଣ୍ଟ ଚିଫ୍ ଅଫ୍ ଷ୍ଟାଫ ର ବର୍ତ୍ତମାନର ଚେୟାର ମ୍ୟାନ୍ ଏୟାର ଫୋର୍ସ ଜେନେରାଲ ସିକ୍ୟୁ ବ୍ରାଉନ୍ ମଧ ସାମିଲ୍ ଅଛନ୍ତି ।

### ପ୍ରଚାର କରୁଥିଲେ ଓୱେସି

# ମଞ୍ଚ ଉପରେ ପୁଲିସ ଧରାଇଲା ନୋଟିସ୍

**ମୁମ୍ବାଇ:** ଆସନ୍ତା ୨୦ ତାରିଖରେ ପଡ଼ିବ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଭୋଟ । ୨୩ରେ ଆସିବ ଫଳାଫଳ । ଏହି ନିର୍ବାଚନକୁ ନେଇ ସମସ୍ତ ରାଜନୈତିକ ଦଳ ଏହି ନିର୍ବାଚନ ପାଇଁ ପ୍ରସ୍ତୁତିରେ ବ୍ୟସ୍ତ ଅଛନ୍ତି । ଏହାରି ଭିତରେ AIMIM ମୁଖ୍ୟ ଅସଦୁଦ୍ଦିନ ଓୱେସି ମହାରାଷ୍ଟ୍ରର ସୋଲାପୁରରେ ପହଞ୍ଚିଥିଲେ । ସେଠାରେ ନିର୍ବାଚନୀ ପ୍ରଚାର କରୁଥିଲେ । ଏହି ସମୟରେ ମଞ୍ଚ ଉପରେ ତାଙ୍କୁ ପୁଲିସ ନୋଟିସ୍ ଧରାଇଛି ।

ବାସ୍ତବରେ, ବୁଧବାର ଦିନ ଅସଦୁଦ୍ଦିନ ଓୱେସି ସୋଲାପୁର କେନ୍ଦ୍ରୀୟ ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ଫାରୁକ୍ ଶାବଡିଙ୍କ ପ୍ରଚାର ରାଲିରେ ଯୋଗଦେବାକୁ ଆସିଥିଲେ । ଏହି ସମୟରେ ମହାରାଷ୍ଟ୍ର ପୁଲିସ୍ କର୍ମଚାରୀମାନେ ମଞ୍ଚ ଉପରେ ଓୱେସିଙ୍କୁ ନୋଟିସ୍ ଦେଇଥିଲେ । ଏହି ନୋଟିସ୍ ଜାରିଆରେ ନିଜ ଭାଷଣରେ କୌଣସି ବି ସମ୍ପ୍ରଦାୟର ଭାବନାକୁ ଆଘାତ ପହଞ୍ଚାଇବା କିମ୍ବା ହେଟ୍‌ସ୍ପିଚ୍ ନ ଦେବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ବିଏନଏସର ଧାରା ୧୬୮ ଅନୁଯାୟୀ ଓୱେସିଙ୍କୁ ପୁଲିସ ଏହି ନୋଟିସ ଦେଇଛି ।



**ଏହି ନୋଟିସ୍ ଜାରିଆରେ ନିଜ ଭାଷଣରେ କୌଣସି ବି ସମ୍ପ୍ରଦାୟର ଭାବନାକୁ ଆଘାତ ପହଞ୍ଚାଇବା କିମ୍ବା ହେଟ୍‌ସ୍ପିଚ୍ ନ ଦେବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ।**

ଏହାପୂର୍ବରୁ ଅସଦୁଦ୍ଦିନ ଓୱେସି ଛତ୍ରପତି ସାମ୍ଭାଜୀନଗରରେ ପହଞ୍ଚିଥିଲେ, ଯେଉଁଠାରୁ ସେ ଔରଙ୍ଗାବାଦର ନାମ ବଦଳାଇବା ପାଇଁ ମହାୟୁତୀ ଏବଂ ମହାବିକାଶ ଅଘାଡିଙ୍କୁ ଟାର୍ଗେଟ କରିଥିଲେ । ସେହିପରି ମୁମ୍ବାଇର ଭାୟଖଲାରେ ମଧ ପ୍ରଚାର ବେଳେ ଓୱେସି ପ୍ରଧାନମନ୍ତ୍ରୀ ମୋଦି, ଅମିତ ଶାହ ଓ ଦେବେନ୍ଦ୍ର ଫଡନାଭିସଙ୍କୁ ଟାର୍ଗେଟ୍ କରିଥିଲେ । ସେ କହିଥିଲେ ଏମାନେ ମୋର ମୁକାବିଲା କରିପାରିବେ ନାହିଁ ।

## ବିଜେଡିର ୨୫ନଂ ଜୋନ୍ କାଉପୁର ଠାରେ ଜନ ସଂପର୍କ ପଦଯାତ୍ରା

**ଭଦ୍ରକ:** ବିଜୁ ଜନତା ଦଳ ଭଦ୍ରକ ନିର୍ବାଚନ ମଣ୍ଡଳୀ ତରଫରୁ ୨୫ ନମ୍ବର ଜୋନ ଦୈସିଂ ଅନ୍ତର୍ଗତ ଚଣ୍ଡିପଡ଼ିଆ,କାଉପୁର ଠାରେ 'ଜନ ସମ୍ପର୍କ ପଦଯାତ୍ରା' ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଛନ୍ତି ବିଜୁ ଜନତା ଦଳର ବରିଷ୍ଠ ରାଜ୍ୟ ଉପ ସଭାପତି ତଥା ପୂର୍ବତନ ବିଧାୟକ ଦେବୀ ପ୍ରସାଦ ମିଶ୍ର, ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ଜନପ୍ରିୟ ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ । ଅନ୍ୟମାନଙ୍କ ମଧରେ ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ଧାମନଗର ମୁକ୍ତିକାନ୍ତ ମଣ୍ଡଳ, ଭଦ୍ରକ ଜିଲ୍ଲା ସଭାପତି ବିଜେଡ଼ି ଜଗନ୍ନାଥ ସ୍ୱାଇଁ, ଭଦ୍ରକ ବ୍ଲକ ଅଧକ୍ଷା ଉର୍ମିଳା ନାୟକ, ୨୫ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ପ୍ରତିମା ଜେନା, ଦୈସିଂ ସରଫଂଚ ସୁଚିସ୍ମିତା ଜେନାଙ୍କ ସମେତ ବିଭିନ୍ନ ଫଂଚାୟତ ର ସରଫଂଚ ଓ ସମିତି ସଭ୍ୟ, ପୌରପାଳିକାର ପାରିଷଦ ବୃନ୍ଦ ଏବଂ ବିଜୁ ପରିବାର ର ସମସ୍ତ କର୍ମକର୍ତା ଉପସ୍ଥିତ ଥିଲେ ।

## ରାଶିଫଳ

**ମେଷ :** ଘାତଚନ୍ଦ୍ର ଯୋଗୁ ମନରେ ଦୁଶ୍ଚିନ୍ତା, ଦୁର୍ଭାବନା ଓ ହତୋତ୍ସାହ ଭାବ ପ୍ରକାଶ ପାଇବ ଏବଂ ସମସ୍ତ କର୍ମ ବିବାଦୀୟ ହେବ । ନିଜର ଲୋକମାନେ ଶତ୍ରୁତା ଆଚରଣ କରିବେ ଏବଂ ପରିବାରରେ ଅଶାନ୍ତିର ବାତାବରଣ ରହିବ ।

**ବୃଷ :** ଦ୍ୱାଦଶ ଚନ୍ଦ୍ର ଯୋଗୁ ଅଯଥା ଖର୍ଚ୍ଚ, ବଦ୍‌ଖର୍ଚ୍ଚ ଓ ପରିବାରର ଖର୍ଚ୍ଚଭାର ବୃଦ୍ଧି ପାଇବ ଏବଂ ଖର୍ଚ୍ଚଭାରରେ ଅତିଷ୍ଠ ହୋଇ ଋଣ କରିବାକୁ ପଡ଼ିପାରେ । ସମସ୍ତ କର୍ମରେ ଭୁଲ୍ ନିଷ୍ପତ୍ତି ନେବେ ଏବଂ ବିନା କାରଣରେ ବହୁତ ବ୍ୟସ୍ତ ରହିବେ ।

**ମିଥୁନ :** ଏକାଦଶ ଚନ୍ଦ୍ର ଯୋଗୁ ଆୟର ମାର୍ଗ ଅତି ଉତ୍ତମ ହେବ ଏବଂ ନୂତନ ଆୟର ମାର୍ଗ ଅତି ଉତ୍ତମ ହେବ ଏବଂ ନୂତନ ଆୟର ମାର୍ଗ ଖୋଲିବ । ନୂତନ କର୍ମାରମ୍ଭ, ବିଦେଶ ଯାତ୍ରା ଏବଂ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ସମର୍ଥ ହେବେ ।

**କର୍କଟ :** ଦଶମ ଚନ୍ଦ୍ର ଯୋଗୁ କର୍ମରେ ଉନ୍ନତି ଏବଂ କର୍ମ ପ୍ରତି ଏକାଗ୍ରତା ଓ ଆନ୍ତରିକତା ଅଧିକ ହେବ ଏବଂ ଭାଗ୍ୟ ଅପେକ୍ଷା କର୍ମରେ ଅଧିକ ବିଶ୍ୱାସ ଓ ଗୁରୁତ୍ୱ ଦେବେ । ସମସ୍ତ କର୍ମରେ ଆଶାଠାରୁ ଅଧିକ ସଫଳତା ଏବଂ ସମସ୍ତ ବନ୍ଦ ହୋଇଥିବା କାମ ଓ ଅଟକିଥିବା କାମ ସଫଳତାର ସହ ସମ୍ପାଦନ କରିବେ ।

**ସିଂହ :** ନବମ ଚନ୍ଦ୍ର ଯୋଗୁ ମନରେ ଉନ୍ନତ ଚିନ୍ତାଧାରା, ଉଚ୍ଚାଭିଳାଷ ପ୍ରକାଶ ପାଇବ ଏବଂ ଉନ୍ନତିମୂଳକ କର୍ମରେ ଧ୍ୟାନ ଅଧିକ ରହିବ । ଗୁରୁଜନଙ୍କ ପ୍ରତି ସମ୍ମାନ ଏବଂ ଲଘୁଜନଙ୍କ ପ୍ରତି ସମ୍ମାନ ପ୍ରକାଶ ପାଇବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଉତ୍ତମ ହେବ ।

**କନ୍ୟା :** ଅଷ୍ଟମ ଚନ୍ଦ୍ର ଯୋଗୁ ଧନକ୍ଷତି, ମାନସିକ ଅସ୍ଥିରତା, ପରିବାରରେ ମତାନ୍ତର ଏବଂ ଚାଲିଚଳନ, ବ୍ୟବହାର, କଥାବାର୍ତ୍ତା ବିବାଦୀୟ ହେବ । ସମସ୍ତ କର୍ମରେ ଭୁଲ୍ ନିଷ୍ପତ୍ତି ନେବେ ଏବଂ ବିନା କାରଣରେ ବହୁତ ବ୍ୟସ୍ତ ରହିବେ ।

**ତୁଳା :** ଘାତବାର ଏବଂ ସପ୍ତମ ଚନ୍ଦ୍ର ଯୋଗୁ ସମସ୍ତ କର୍ମରେ ଶୁଭଫଳ ମିଳିଲେ ମଧ ମନରେ ଅସ୍ଥିରତା ଭାବ ପ୍ରକାଶ ପାଇବ । ପରିଚିତ ମହିଳାଙ୍କଠାରୁ ସାହାଯ୍ୟ, ସହଯୋଗ ଓ ଧନ ମିଳିବ । ଦାମ୍ପତ୍ୟ ଜୀବନରେ ମଧୁରତା ଏବଂ ପରିବାରରେ ସୁଖଶାନ୍ତିର ପରିବେଶ ରହିବ ।

**ବିଛା :** ଷଷ୍ଠ ଚନ୍ଦ ଏବଂ କେତୁଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ସମସ୍ତ ଆଶା, ଆକାଂକ୍ଷା ଓ ଅଭିଳାଷ ପୂର୍ଣ୍ଣ ହେବ ଏବଂ ସମସ୍ତ ଇପ୍‌ସିତ ପଦାର୍ଥ ହାତ ପାଆନ୍ତାରେ ଉପଲବ୍ଧ ହେବ । ପରୋପକାର, ସମାଜସେବା ଓ ଧାର୍ମିକ କର୍ମରେ ଅଧିକ ଆଗ୍ରହ ରହିବ ଏବଂ ସମସ୍ତଙ୍କର ଶ୍ରଦ୍ଧାର ପାତ୍ର ହେବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତି ଉତ୍ତମ ହେବ ।

**ଧନୁ :** ପଞ୍ଚମ ଚନ୍ଦ୍ର, ଗୁରୁବାର ଯୋଗୁ ଯଶ, ସମ୍ମାନ, ସାମାଜିକ ପ୍ରତିଷ୍ଠା ଏବଂ ଜନ ସମ୍ପର୍କ ବୃଦ୍ଧି ପାଇବ । ପଞ୍ଚମ ଚନ୍ଦ୍ର ଯୋଗୁ ପାଞ୍ଚଟି କର୍ମରେ ଅଧିକ ଶୁଭଫଳ ମିଳିବ । ଯେଉଁମାନଙ୍କର ପୂର୍ବାଷାଢ଼ା ଧନୁ, ସେମାନେ ଉପକୃତ ହେବେ ।

**ମକର :** ଚତୁର୍ଥ ଚନ୍ଦ୍ର ଯୋଗୁ ବାଦବିବାଦ, ସ୍ୱାସ୍ଥ୍ୟ, ଆର୍ଥିକ କାରବାର, ସ୍ୱଜନରେ କଥାବାର୍ତ୍ତା ଏବଂ ଯାନବାହନ ଆରୋହଣ କାଳରେ ସତର୍କ ହେବେ । ମୂଲ୍ୟବାନ ପଦାର୍ଥ ନଷ୍ଟ କିମ୍ବା ହଜିଯାଇପାରେ ଏବଂ ଆର୍ଥିକ ଠକାମିରେ ପଡ଼ିପାରନ୍ତି ।

**କୁମ୍ଭ :** ଘାତବାର ଏବଂ ତୃତୀୟ ଚନ୍ଦ୍ର ଯୋଗୁ ଘାତବାରର ପ୍ରଭାବ ରହିବ ନାହିଁ । ମନରେ ପ୍ରସନ୍ନତା, ଚାଲିଚଳନରେ ସଂଯମତା ଏବଂ ଭାଇ, ଭଉଣୀଙ୍କ ପ୍ରତି ଆନ୍ତରିକତା ଅଧିକ ରହିବ । ସୁଖବର, ସୁସମ୍ବାଦ ମିଳିବ ଏବଂ ସମସ୍ତ କର୍ମରେ ସୁଚିନ୍ତିତ ପଦକ୍ଷେପ ନେବେ ।

**ମୀନ :** ଦ୍ୱିତୀୟ ଚନ୍ଦ୍ର ଏବଂ କେତୁଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ଆକସ୍ମିକ ଧନଲାଭ, କୌଣସି ବିଶେଷ ସୂତ୍ରରୁ ଧନପ୍ରାପ୍ତି ଏବଂ ହୃତଧନ ଫେରିପାଇବେ । ବ୍ୟବସାୟରେ ଅଗ୍ରଗତି, ଆର୍ଥିକ ଅବସ୍ଥାରେ ଉନ୍ନତି ଏବଂ ଖର୍ଚ୍ଚ ଅପେକ୍ଷା ସଞ୍ଚୟରେ ଅଧିକ ଆଗ୍ରହ ରହିବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତି ଉତ୍ତମ ହେବ ଏବଂ କର୍ମରେ ସଫଳତା ଓ ପ୍ରମୋଶନ ମିଳିପାରେ ।

ମାତୃଭାଷା

କଟକ, ଶୁକ୍ରବାର, ନଭେମ୍ବର-୧୫, ୨୦୨୪ ପୃଷ୍ଠା: ୪

# ନୀତିଶ କୁମାର ବାରମ୍ବାର ମୋଦିଙ୍କ ପାଦ ଛୁଇଁ କାହିଁକି ପ୍ରଣାମ କରୁଛନ୍ତି ?

ସମବୟସ୍କ ହୋଇ ମଧ୍ୟ ବିହାରର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ବାରମ୍ବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଦ ସ୍ପର୍ଶ କରି ତାଙ୍କୁ ପ୍ରଣାମ କାହିଁକି କରୁଛନ୍ତି ? ଏହା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ନା ସଂସ୍କାରଜନ୍ୟ ଅଟେ, ଏହା ହିଁ ଏବେ ଚର୍ଚ୍ଚାର ବିଷୟ ହୋଇଛି । ନିକଟରେ ପୁଣିଥରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ପାଦ ଛୁଇଁଛନ୍ତି ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର । ବିହାରର ଦରଭଙ୍ଗାଠାରେ ରାଜ୍ୟର ଦ୍ୱିତୀୟ ଏମ୍ସର ଶିଳାନ୍ୟାସ ସମୟରେ ପ୍ରଧାନମନ୍ତ୍ରୀଙ୍କ ପାଦ ଛୁଇଁଛନ୍ତି ନୀତୀଶ କୁମାର । ମଞ୍ଚରେ ପ୍ରଧାନମନ୍ତ୍ରୀଙ୍କ ସମେତ ଜେଡିୟୁ ଓ ଭାଜପାର ଅନେକ ବରିଷ୍ଠ ନେତା ଉପସ୍ଥିତ ଥିଲେ ।

ରାଜ୍ୟରେ ଦ୍ୱିତୀୟ ଏମ୍ସର ଶିଳାନ୍ୟାସରେ ଅତ୍ୟଧିକ ଖୁସି ହୋଇ ନୀତିଶ ସିଧା ଯାଇ ପ୍ରଧାନମନ୍ତ୍ରୀଙ୍କ ପାଦ ଛୁଇଁଥିଲେ । ଏହି ସମୟର ଭିଡିଓ ଏବେ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେଉଛି । ନରେନ୍ଦ୍ର ମୋଦି ବୁଧବାର ବିହାରରେ ଦ୍ୱିତୀୟ ଏମ୍ସର ଶିଳାନ୍ୟାସ କରିଛନ୍ତି । ଦରଭଙ୍ଗାଠାରେ ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ମଧ୍ୟ ମଞ୍ଚରେ ଉପସ୍ଥିତ ଥିଲେ । ରାଜ୍ୟରେ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ହେଉଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିଜ ଭାଷଣରେ ଦୀର୍ଘ ସମୟ ଧରି ପ୍ରଶଂସା କରିଥିଲେ ମୁଖ୍ୟମନ୍ତ୍ରୀ ନୀତିଶ । ଏହାପରେ ଭାଷଣ ଶେଷ କରିବା ପରେ ସେ ନିଜ ଆସନକୁ ଫେରୁଥିଲେ । ଏହି ସମୟରେ ନୀତିଶ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ଆସି ତାଙ୍କ ପାଦ ଛୁଇଁବାକୁ ଯାଇଥିଲେ । ପ୍ରଧାନମନ୍ତ୍ରୀ ମୋଦି ସଙ୍ଗେ ସଙ୍ଗେ ଛିଡ଼ା ହୋଇ ନୀତୀଶ କୁମାରଙ୍କ ଦୁଇ ହାତ ଧରି ଅଭିବାଦନ ଜଣାଇଥିଲେ । ଏହି ଦୃଶ୍ୟ ଦେଖି ମଞ୍ଚରେ ଏବଂ କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକମାନେ ହସିବା ସହ ଜୋରରେ କରତାଳି ଦେଇଥିଲେ ।

ଏହା ପୂର୍ବରୁ ଦିଲ୍ଲୀ ଏନଡିଏ ସଂସଦୀୟ ଦଳ ବୈଠକ ଓ ୨୦୨୪ ଲୋକସଭା ନିର୍ବାଚନ ପ୍ରଚାର ବେଳେ ବି ନୀତିଶଙ୍କୁ ସମାନ ମୁଦ୍ରାରେ ଦେଖିବାକୁ ମିଳିଥିଲା । କେନ୍ଦ୍ରରେ ବିଜେପିକୁ ବହୁମତ ମିଳିନଥିବା ବେଳେ ନୀତିଶଙ୍କ ଜେଡିୟୁ ଓ ଚନ୍ଦ୍ରବାବୁ ନାଇଡୁଙ୍କ ଟିଡିପି କାନ୍ଧରେ ଭରା ଦେଇ ଏନଡିଏ ସରକାର ଚାଲିଛି । ଏଭଳି ସ୍ଥିତିରେ ବିଜେପି ଜେଡିୟୁ ପାଖରେ ମୁଣ୍ଡ ନୁଆଁଇବା କଥା । ହେଲେ କାହିଁକି ବାରମ୍ବାର ମୋଦିଙ୍କ ପାଦ ଛୁଇଁବାକୁ ଉଦ୍ୟମ କରୁଛନ୍ତି ନୀତିଶ ?

୨୦୧୪ରେ ଯେଉଁ ନୀତିଶ ମୋଦିଙ୍କ ଏନ୍‌ଡିଏ ର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବା ବିଷୟକୁ ଘୋର ବିରୋଧ କରି ଏନ୍ ଡି ଏ ଛାଡି ବିହାରରେ ଲାଲୁଙ୍କ ଆରଜେଡି ଏବଂ କଂଗ୍ରେସ ସହିତ ହାତ ମିଳେଇ ମେଣ୍ଟ ସରକାର ଗଢିଥିଲେ, ସେହି ନୀତିଶ ଏବେ ଏତେ ମୋଦି ଭକ୍ତ କିପରି ହୋଇଗଲେ ? ଏହା ଏବେ ଖୁବ୍ ଚର୍ଚ୍ଚାର ବିଷୟ ହୋଇଛି ।

୨୦୨୫ରେ ମୁଖ୍ୟମନ୍ତ୍ରୀ ପଦ ଚାଲିଯିବା ଭୟରେ ନୀତିଶ ମୋଦିଙ୍କ ପାଦ ଛୁଉଁଛନ୍ତି କି ବୋଲି ଏକ ଜିଜ୍ଞାସା ସାଧାରଣରେ ଆହୁରି ପ୍ରକାଶ ପାଇଛି । ସେହିପରି ନୀତିଶ ମୋଦିଙ୍କ ପାଦ ଛୁଇଁବାକୁ ନେଇ ତାଙ୍କୁ ଅନେକ ଥର କଡା ସମାଲୋଚନା କରିଛନ୍ତି ବିରୋଧୀ । ବିହାରର ୧୩କୋଟି ଲୋକଙ୍କ ନେତା ପୂରା ଦେଶ ସାମନାରେ ମୁଖ୍ୟମନ୍ତ୍ରୀ ପଦରେ ରହିବା ପାଇଁ ମୋଦିଙ୍କ ପାଦ ଛୁଉଁଥିବା କହି ନୀତିଶଙ୍କୁ କଟାକ୍ଷ କରିଥିଲେ ପ୍ରଶାନ୍ତ କିଶୋର । ନୀତିଶ କୁମାରଙ୍କୁ ୨୦୨୫ରେ ବିହାର ବିଧାନସଭା ନିର୍ବାଚନ ପାଇଁ ନେତା ଘୋଷଣା କରିଛି ଏନଡିଏ । ନିଷ୍ପତ୍ତି ପ୍ରତ୍ୟାହାର ଭୟରେ ନୀତିଶ ପାଦ ଛୁଇଁବାକୁ ଉଦ୍ୟମ କରୁଥିବା ବିରୋଧୀ କହୁଛନ୍ତି । ସେପଟେ ପ୍ରଧାନମନ୍ତ୍ରୀଙ୍କ ଆଗରେ ନୀତିଶ ଅନେକ ଥର ଏନଡିଏ ଛାଡି ସେ ଯିବେନି ବୋଲି କହିଛନ୍ତି । ଏକଥାକୁ ପ୍ରମାଣ କରିବାକୁ ବାରମ୍ବାର ମୁଣ୍ଡ ନୁଆଁଇ ମୋଦିଙ୍କ ପ୍ରତି ନୀତିଶ ଅନୁରକ୍ତି ଦେଖାଉଥିବା ଚର୍ଚ୍ଚା ହେଉଛି ।

'ପଲଟୁ ରାମ' ଛବି ବଦଳାଇବାର ଏହା ଯୋଜନା କି ବୋଲି ଏବେ ଆଲୋଚନା ହେଉଛି । ରାଜନୀତିରେ ନୀତିଶ କୁମାରଙ୍କର ପଲଟି ମାରିବାର ଲମ୍ବା ଟ୍ରାକ୍ ରେକର୍ଡ ରହିଛି । ୨୦୦୯ ଲୋକସଭା ଓ ୨୦୧୦ ବିଧାନସଭା ନିର୍ବାଚନରେ ମୋଦିଙ୍କୁ ବିହାରରେ ପ୍ରଚାର କରିବାକୁ ଦେଇନଥିଲେ ନୀତିଶ । ୨୦୧୩ରେ ବିଜେପି ମୋଦିଙ୍କୁ ପ୍ରଧାନମନ୍ତ୍ରୀ ଚେହେରା କରିବା ପରେ ନୀତିଶ କ୍ଷୁବ୍ଧ ହୋଇ ବିଜେପି ସହ ୧୭ବର୍ଷର ସଂପର୍କ ତୁଟାଇଥିଲେ । ଲାଲୁଙ୍କ ସହ ମିଶି ୨୦୧୫ ବିଧାନସଭା ନିର୍ବାଚନ ଲଢିଥିଲେ । ଆରଜେଡି ଓ ଜେଡିୟୁର ସରକାର କ୍ଷମତାକୁ ଆସିଥିଲା । ହେଲେ ୨୦୧୭ରେ ପଲଟି ମାରି ପୁଣି ଏନଡିଏରେ ସାମିଲ ହୋଇଥିଲେ । ୨୦୧୯ ଲୋକସଭା ଓ ୨୦୨୦ ବିଧାନସଭା ନିର୍ବାଚନ ବିଜେପି ସହ ମିଶି ଲଢିଥିଲେ । ୨୦୨୦ରେ ବିହାରରେ ଏନଡିଏ ସରକାର ଗଢିଲା । ହେଲେ ୨୦୨୨ରେ ପୁଣି ଆରଜେଡି ସହ ମିଶି କ୍ଷମତାକୁ ଆସିଥିଲେ ନୀତିଶ । ଚଳିତ ବର୍ଷ ଜାନୁଆରୀ ନୀତିଶ ପୁଣି ଏନଡିଏକୁ ଫେରିଛନ୍ତି ନୀତିଶ । ହେଲେ ଏବେ ଏହି ଇମେଜରୁ ନିଜକୁ ମୁକୁଳାଇବାକୁ ନୀତିଶ ଉଦ୍ୟମ କରୁଥିବା କୁହାଯାଉଛି । ଆଉ ସେଥିପାଇଁ ବିଜେପି ସହ ସଚ୍ଚା ଦୋସ୍ତୀ ଦେଖାଇବାକୁ ମୁଣ୍ଡ ନୁଆଁଉଥିବା କୁହାଯାଉଛି ।

ନୀତିଶଙ୍କ ଉପରେ ବୟସର ଛାପ ପଡିଲାଣି କି ବୋଲି ଆଉ ଏକ ଆଲୋଚନା ଚାଲିଛି । ଉଲ୍ଲେଖନୀୟ ଯେ ପ୍ରାୟ ଦୁଇ ଦଶନ୍ଧି ଧରି ଜାତୀୟ ରାଜନୀତିର ଏକ ପ୍ରମୁଖ ଚେହେରା ରହିଆସିଛନ୍ତି ନୀତିଶ କୁମାର । ତେବେ ତାଙ୍କ ପରିବର୍ତ୍ତିତ ଅନ୍ଦାଜ ପଛରେ ବୟସକୁ କାରଣ ବୋଲି ଦର୍ଶାଯାଉଛି । କେତେବେଳେ ବିଧାନସଭା ଓ ବିଧାନ ପରିଷଦରେ ମହିଳାଙ୍କୁ ନେଇ ବିବାଦୀୟ ବୟାନ ଦେଇ ନୀତିଶ ଚର୍ଚ୍ଚାକୁ ଆସୁଛନ୍ତି ତ କେତେବେଳେ କାମ କରିବାକୁ ଅଧିକାରୀଙ୍କ ଆଗରେ ହାତ ଯୋଡୁଛନ୍ତି । ପୂର୍ବରୁ ସର୍ବସାଧାରଣରେ ନୀତିଶଙ୍କର ଏଭଳି ଅନ୍ଦାଜ ଦେଖିବାକୁ ମିଳୁନଥିଲା । ନୀତିଶ କୁମାରଙ୍କୁ କିଛି କ୍ୟାବିନେଟ୍ ମନ୍ତ୍ରୀ ଓ ଅଧିକାରୀ ଅଘୋଷିତ ଭାବେ କଏଦ କରି ରଖିଥିବା ନେଇ ଆରଜେଡି ଅଭିଯୋଗ କରୁଛି । ଅଭିଯୋଗ ସତ ହୋଇନଥିଲେ ବି ନୀତିଶଙ୍କ ବଦଳିଥିବା ହାବଭାବକୁ ନେଇ ରାଜନୈତିକ ମହଲରେ ଜୋରଦାର ଚର୍ଚ୍ଚା ହେଉଛି ।

# ବୋଇତ ବନ୍ଦାଣ ପରମ୍ପରା

**ଯଶସ୍ୱିନୀ ପଟ୍ଟନାୟକ**

କାର୍ତ୍ତିକ ପୂର୍ଣ୍ଣିମାର ପାହାନ୍ତି ପ୍ରହରେ 'ଡ଼ଂଗାଭସା' ଆମର ଏକ ପ୍ରାଚୀନ ପରଂପରା । ଏକଦା ଓଡ଼ିଶାର ସାଧବ ପୁଅ ସୁଦୂର ବାଲି ଜାଭା, ସୁମିତ୍ରା ଦ୍ୱୀପକୁ ବଣିଜ କରି ଯାଉଥିବା ଆମର ଏକ ବିଶ୍ୱାସ । ନିକଟରେ ପୁରୀର ମାଣିକପାଟଣା, କୋଣାର୍କ ନିକଟବର୍ତ୍ତୀ, ଖାଲକଟାପାଟଣା ଏବଂ ବାଲେଶ୍ୱର ଜିଲ୍ଲାର ସୁବର୍ଣ୍ଣରେଖା ମୁହାଣ ଖୋଳାହୋଇ ମିଳିଥିବା ପ୍ରାଚୀନ ମୁଦ୍ରା, ଭଗ୍ନପାତ୍ର ଓ ଜାହାଜର ଲଂଗର ଏହାର ଐତିହାସିକ ସଭ୍ୟତାକୁ ପ୍ରତିପାଦିତ କରୁଛି । ଏ ପରଂପରା ପଶ୍ଚାତରେ ଥିବା ଲୋକକଥା ଓ ବିଶ୍ୱାସ ଯେ ଅମୂଳକ ନୁହେଁ ଏହା କ୍ରମେ ପ୍ରମାଣିତ ହୋଇପାରୁଛି । ଚଂଦ୍ରାକିତ ରଜନୀ । ସ୍ୱଚ୍ଛ ସୁନୀଳ ଆକାଶ । କୁହୁଡ଼ିର ମ୍ଲାନ ଆସ୍ତରଣ ଭିତରେ ଆଭଟା ରୂପା ପରି ଶୁଭ୍ର ଜ୍ୟୋତ୍ସ୍ନା ସୃଷ୍ଟି କରୁଥାଏ ଏକ ଅପରୂପ ମାୟା । ସତେ ଯେପରି ଜହ୍ନ ଆଲୁଅ ପହଁରି ପହଁରି ଆସି ଛୁଇଁ ଯାଉଛି ମାଟି । ଆଜି ହେଉଛି ଓଡ଼ିଆ ଜନଜୀବନର ସବୁଠାରୁ ସ୍ମରଣୀୟ ଦିନ, କାର୍ତ୍ତିକ ପୂର୍ଣ୍ଣିକା । ହେମନ୍ତର ଶିଶିର ସ୍ନାତ ବନ୍ଦାଣର ବେଳା । ଭଳି ଭଳି ରଂଗର ସୋଲ କାଗଜ ଅଥବା କଦଳୀ ବାସୁଂଗାର ଡ଼ଂଗା । କାଠିରେ ମୁଡା ହୋଇଥିବା ଘିଅ ଭିଜା ତୁଳା ସଳିତା । ହାତରେ ପାନପତ୍ର, ଗୁଆ, ଅକ୍ଷତ, ରାଶିର ପଞ୍ଚଶସ୍ୟ । କାଗଜ ଡଙ୍ଗାର ସଳିତା ପ୍ରଜ୍ୱଳିତ ହୋଇଥାଏ । ଗୁଆ ଅକ୍ଷତ ସହ ପାନ ଗୁଆ ଅର୍ପଣ କରି ପାଣି ଚହଲାଇ ଡଂଗାକୁ ଭସାଇ ଦିଆଯାଏ । ହୁଳି ହୁଳି ଓ ଶଂଖ ନିନାଦ ସହ ସବୁରି କଣ୍ଠରେ ଗୋଟିଏ ଧ୍ୱନୀ "ଆ, କା, ମା, ଭୈ...ପାନ ଗୁଆ ଖାଇ । ଗାଁ ପୋଖୀରୀରେ ଅସଂଖ୍ୟ ଆଲୋକ ପ୍ରଜ୍ୱଳିତ ସୋଲ, କାଗଜ, ବାସୁଂଗାର ଡଂଗା । ଭୁଆଷୁଣୀ ବୋହୁଠାରୁ ବୃଦ୍ଧା ଓ କୁନି କୁନି ପିଲାଙ୍କ ଭିତରେ କୋଳାହଳମୟ ତଟ ଦେଶ । ନିଜ ବାଡ଼ିର ଟୁବ ଗାଡ଼ିଆଠାରୁ, ନଦୀ ଓ ସମୁଦ୍ର ଯାଏ ଏହି ଏକା ଦୃଶ୍ୟ ସବୁଠିଁ ଓଡ଼ିଶା ସାରା ଏ ଆମ 'ବାଇତ ବନ୍ଦାଣ'ର ପରଂପରା । ବୋଇତ ବନ୍ଦାଣର ସେ ଗହଗହ ମୁହୂର୍ତ୍ତ ପ୍ରତ୍ୟେକ ଶିଶୁର ମାନସ ପଟରେ ଆଙ୍କି ହୋଇ ରହିଯାଏ ଆଜୀବନ । ସିଂଦୂରା ଫାଟି ଆସୁଥିବା ଆକାଶ, ଲିଭି ଲିଭି ଆସୁଥିବା ତାରା, ମଉଳି ଆସୁଥିବା ଜହ୍ନର ଆଲୁଅ, କୁହୁଡ଼ି ଘେରା ଦିଗନ୍ତ, କଳରବ କରି ଉଡ଼ି ଯାଉଥିବା ମାଳ ମାଳ ଚଢ଼େଇର ସ୍ୱର, ଗାଁର ଅନତିଦୂର ମଂଦିରରୁ ଭାସି ଆସୁଥିବା ଅହୋରାଜ ସଂକୀର୍ତ୍ତନର ଉଦଣ୍ଡ ଶବ୍ଦ, କୁଳବଧୁମାନଙ୍କର ପାଉଁଜି ସିଂଜନି, ହୁଳହୁଳି ଓ ଶଂଖର ଧ୍ୱନୀ ଏବଂ ସର୍ବୋପରି ଦୀପାବଳୀରୁ କଳକୀ ରହିଯାଇଥିବା କିଛ ଆତମ୍‌ବାଜିର କରାମତି- ଏସବୁ ଶବ୍ଦ ମିଶିକିଧରି ଏକ ଅପୂର୍ବ ଆବେଗ ସୃଷ୍ଟି କରେ । ବାରମ୍ବାର ଚହଲା ପାଣିରେ ଦୂରକୁ ଭାସି ଭାସି ଚାଲିଯାଉଥାଏ କାଗଜ ଡଂଗା । ଲିଭିଯାଏ ସଳିତା, କିଂତୁ ଆଜିଯାଏ ଲିଭିନାହିଁ ଏ ପରଂପରା ।



କେତେଦିନର ଏ ପରଂପରା - ଆଜି ଯାଏ ତା'ର ନିର୍ଦ୍ଦିଷ୍ଟ ଐତିହାସିକ ପ୍ରମାଣ ମିଳିନାହିଁ । ଏ ମାଟିରେ ପ୍ରମାଣକୁ ଖୋଜି, ତାହାକୁ ଆଧାର କରି ପରଂପରା ପାଳିତ ହୁଏ ନାହିଁ ହୁଏ ବିଶ୍ୱାସବୋଧରୁ, ପିଢ଼ି ପରେ ପିଢ଼ି ଆସୁଥିବା ଏକ ପାରମ୍ପାରିକ ଧାରା ପ୍ରତି ଗଭୀର ସମ୍ମାନବୋଧରୁ । ଠିକ୍ ଏହି ସମୟରେ ମାସଟିଏ ପାଇଁ ଜଳେ ଆକାଶଦୀପ । ପ୍ରବାସକୁ ବୋଇତ ନେଇ ଯାଉଥିବା ନିଜ ଆତ୍ମୀୟ ସ୍ୱଜନଙ୍କ ପାଇଁ ଅଜସ୍ର ଶୁଭମନାସ ଜଣାଇ ପ୍ରତିଦିନ ସଂଧାରେ ଘିଅ ଦୀପଟିଏ ଉଠାଯାଏ ସଳଖ ବାଉଁଶଟିରେ ଅଗ୍ରଭାଗ ଯାଏ - ସେ ଆଲୁଅ ଦେଖି ପ୍ରବାସଯାତ୍ରୀ ବୁଟେ, ସେ କେତେଦୂର ଚାଲି ଆସିଲାଣି ଜଳଯାତ୍ରାରେ । ପ୍ରତିବର୍ଷ ଚତୁର୍ମାସ୍ୟାରେ ବାଣିଜ୍ୟ ଶେଷ କରି ପରବାସୀ ନିଜ ଘରକୁ ଫେରେ - ଆଷାଢ଼ରୁ କାର୍ତ୍ତିକ ଯାଏ ହେ ମା । ବରାଭୟ ପ୍ରଦାନ କର - ସେଇଥି ପାଇଁ ଆ, କା, ମା' ଭୈ । ପୁଣି କାର୍ତ୍ତିକରୁ ବିଦାୟ ନିଏ ସାଧବ ପୁଅ ବର୍ଷାକାଳ ଆରମ୍ଭଯାଏ । କାର୍ତ୍ତିକ ମାସରେ ଓଡ଼ିଶାରେ ଅନ୍ୟତମ ପର୍ବ ପାଳିତ ହୁଏ - ବାଲିଯାତ୍ରା । ୧୯୯୩ ମସିହାରେ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗପକ୍ଷରୁ ଏକ ନୌଯାତ୍ରୀ ଦଳକୁ ନେଇ ସୁସଜ୍ଜିତ ବୋଇତ ଯାତ୍ରା କରିଥିଲା ଇଂଦୋନେସିଆ, ବାଲି, ଜାଭା, ସୁମାତ୍ରା, ବୋର୍ଣ୍ଣିଓ ନାମକ ଶତାଧିକ ଦ୍ୱୀପପୁଞ୍ଜର ଏଇ ଶ୍ୟାମଦେଶ ବା ଇଂଦୋନେସିଆ । ଓଡ଼ିଶାରେ ନୌଯାତ୍ରା ସଂପର୍କରେ ବହୁ କିମ୍ବଦନ୍ତୀ ପ୍ରଚଳିତ । ପୁରୁଷୋତ୍ତମ ଦେବଙ୍କ କାଞ୍ଚିବିଜୟ, ଜଗନ୍ନାଥ ବଳଭଦ୍ରଙ୍କ କଳାଘୋଡ଼ା, ଧଳାଘୋଡ଼ା ଚଢ଼ିଯାତ୍ରା ଏବଂ ମାଣିକ ଗଉଡୁଣୀର ଦହିଖାଇ ରତ୍ନମୁଦ୍ରିକା ପ୍ରଦାନ କିମ୍ବଦନ୍ତୀ ସୂଚନା ଦିଏ ମାଣିକପାଟଣାଠାରେ ଆବିଷ୍କୃତ ବୋଇତ ପ୍ରାଚୀନ ଚୀନ ଦେଶର ପାତ୍ର, ଶ୍ରୀଲଙ୍କାର ପ୍ରାଚୀନ ମୁଦ୍ରା । ଏହି ପ୍ରତ୍ନତାତତ୍ତ୍ୱିକ ଖନନର ଦାୟିତ୍ୱ ନେଇଥିଲେ ବିଶିଷ୍ଟ ଗବେଷକ, ବିଶେଷଜ୍ଞ ଡଃ କରୁଣା ସାଗର ବେହେରା । ସମୁଦ୍ର ଓ ସମୁଦ୍ର ଯାତ୍ରା ସହିତ ଆମର ପରମ୍ପରାର ନିବିଡ଼ ସଂପର୍କ ରହିଛି । ପରମ୍ପରାକୁ ପ୍ରତିପାଦିତ କରିବାକୁ ହେଲେ ଭୌଗୋଳିତ ଅବସ୍ଥାନକୁ ବିଚାରକୁ ନେବାକୁ ପଡ଼ିବ । ଉତ୍କଳୀୟ ପରମ୍ପରାକୁ ପୁନଶ୍ଚ ଭାରତୀୟ ସଂସ୍କୃତି ଓ ଐତିହ୍ୟ ପରିପ୍ରେକ୍ଷୀରେ ବିଚାର କରିବାକୁ ହେବ । ସମୁଦ୍ର ଯାତ୍ରାର ସୂଚନା ଆମର ବୈଦିକ ଯୁଗରୁ ରହିଛି । ସିନ୍ଧୁ ସଭ୍ୟତାର ଖନନରୁ ବୋଇତର ଖୋଦିତ ଚିତ୍ର ମଧ୍ୟ ରହିଛି । ବହୁ ପ୍ରାଚୀନ କାଳରୁ ବାହାର ଦେଶମାନଙ୍କ ସହିତ ଆମର ବାଣିଜ୍ୟକ ଓ ସାଂସ୍କୃତିକ ସଂପର୍କ ରହିଥିବାର ପ୍ରମାଣ ଅଛି । ଭାରତୀୟ ନୌବାଣିଜ୍ୟ କ୍ଷେତ୍ରରେ ବଙ୍ଗଳା, ତାମିଲନାଡୁ ଓ ଗୁଜୁରାଟ୍ ଭଳି ସମୁଦ୍ର ଉପକୂଳର ରାଜ୍ୟମାନଙ୍କର ସଂପର୍କ ରହିଥିବା ପ୍ରତିଷ୍ଠିତ ହୋଇସାରିଛି । ପ୍ରାଚୀନ କଳିଙ୍ଗର ନୌବାଣିଜ୍ୟ କ୍ଷେତ୍ରରେ ବାହାର ଦେଶମାନଙ୍କ ସଂପର୍କନେଇ ପୂର୍ବରୁ ବିଶେଷ କିଛି ଗବେଷଣା ହୋଇନଥିଲା । ଏହା କେତେ ପ୍ରାଚୀନ ଏବଂ ଏହାର ଐତିହାସିକ ଗୁରୁତ୍ୱ କେତେଦୂର ରହିଛି, ସେ ସଂପର୍କରେ ସବିଶେଷ ତଥ୍ୟ ଆଜିଯାଏ ଉଦ୍‌ଘାଟିତ ନ ହୋଇଥିଲେ ବି ଉତ୍କଳୀୟ ନୈବାଣିଜ୍ୟ ଯେ ଏକଦା ଥିଲା, ତାହା ଅନ୍ତତଃ ପକ୍ଷେ ସ୍ପଷ୍ଟ । ଆମର 'ବୋଇତ ବନ୍ଦାଣ' ପରମ୍ପରା ବହୁ ପ୍ରାଚୀନ, ଏକ ସତ୍ୟବଦ୍ଧ ଐତିହ୍ୟ ଉପରେ ଏହାର ଭିତ୍ତି ପ୍ରତିଷ୍ଠିତ ।

*ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ,*

# ଏଆଇ ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ ପାଇଁ ସବୁଜ ଇନ୍ଧନର ଜରୁରି ଆବଶ୍ୟକତା

କୋଭିଡ୍-୧୯ ମହାମାରୀ ପରବର୍ତ୍ତୀ ବର୍ଷଗୁଡ଼ିକରେ, ଆମେ ବୈଷୟିକ ଇତିହାସରେ ସବୁଠାରୁ ରୂପାନ୍ତରଣକାରୀ ବିପ୍ଳବ ଦେଖିଛୁ ଏବଂ ତାହା ହେଉଛି ଉପଯୋଗୀ, ସାର୍ବଜନୀନ ଏବଂ ଅସୀମିତ କୃତ୍ରିମ ବୁଦ୍ଧିମତା (ଏଆଇ)ର ଆବିର୍ଭାବ । ଏହି ନୂତନ ଏଆଇ ଯୁଗରୁ ସୃଷ୍ଟି ହୋଇଥିବା ପ୍ରଯୁକ୍ତି, ଭିତ୍ତିଭୂମି ଏବଂ ଆର୍ଥିକ ସୁଯୋଗକୁ ଅକ୍ତିଆର କରିବା ପାଇଁ ବିଶ୍ୱସ୍ତରରେ ପ୍ରତିଦ୍ୱନ୍ଦ୍ୱିତା ଜାରି ରହିଛି । ଏଆଇ ଶିଳ୍ପ କ୍ଷେତ୍ରରେ ପରିବର୍ତ୍ତନ ଆଣିବା ସହ ଆମର ଦୈନନ୍ଦିନ ଜୀବନରେ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ଲାଗିଥିବାରୁ ଶକ୍ତି ଭିତ୍ତିକ ଏଆଇ ପ୍ରକ୍ରିୟାକରଣର ଚାହିଦା ବଢ଼ିବାରେ ଲାଗିଛି । ପ୍ରଚୁର ଅକ୍ଷୟ ଶକ୍ତି ସମ୍ବଳ ଏବଂ ବର୍ଦ୍ଧିତ ଏଆଇ ଇକୋସିଷ୍ଟମ ସହିତ ଭାରତ ଏଆଇ ପ୍ରକ୍ରିୟାକରଣକୁ ଶକ୍ତି ଯୋଗାଇବା ପାଇଁ ସବୁଜ ଶକ୍ତିର ବ୍ୟବହାର କରିବାରେ ବିଶ୍ୱସ୍ତରରେ ଅଗ୍ରଣୀ ହେବା ନିମନ୍ତେ ଭଲ ସ୍ଥିତିରେ ଅଛି ।



ଅମିତାଭ କାନ୍ତ

ଏଆଇ ପ୍ରୋସେସିଂ ପାଇଁ ବିପୁଳ ପରିମାଣର ଶକ୍ତିର ଆବଶ୍ୟକତା ରହିଛି । ଆକଳନ ଅନୁଯାୟୀ, ଗୋଟିଏ ଏଆଇ ମଡେଲକୁ ପ୍ରଶିକ୍ଷଣ ଦେବା ଦ୍ୱାରା ଡାଟା ସେଣ୍ଟରରେ ୨୮୪,୦୦୦ କିଲୋୱାଟ ଘଣ୍ଟା (କେଡବ୍ଲୁଏଚ୍) ବିଦ୍ୟୁତ ଶକ୍ତି ଖର୍ଚ୍ଚ ହେବ । ଚାଟ୍ ଜିପିଟିକୁ ଥରେ ପ୍ରଶ୍ନ କରିବା ସାଧାରଣ ଗୁଗଲ ସର୍ଚ୍ଚ ଠାରୁ ପାଖାପାଖି ଦଶ ଗୁଣ ଅଧିକ ବିଦ୍ୟୁତ ଶକ୍ତି ଏବଂ ଗୋଟିଏ ଘଣ୍ଟା ପାଇଁ ପାଞ୍ଚ ୱାଟ୍ ଏଲଇଡି ବଲବ୍ ଚଳାଇବା ଠାରୁ ଅଧିକ ବିଦ୍ୟୁତ ବ୍ୟବହାର କରେ । ଏହାବ୍ୟତୀତ, କେବଳ ଡାଟା ସେଣ୍ଟରଗୁଡିକ ବିଶ୍ୱ ବିଦ୍ୟୁତ ଚାହିଦାର ୧% ଅଂଶ ବ୍ୟବହାର ହୋଇଥାଏ, ଯାହା ଦୀର୍ଘସ୍ଥାୟୀ ଶକ୍ତି ସମାଧାନର ଆବଶ୍ୟକତା ଉପରେ ଆଲୋକପାତ କରିଥାଏ । ଏଆଇ କମ୍ପ୍ୟୁଟିଂ ପାଇଁ ଶକ୍ତି ଆବଶ୍ୟକତା ପୂରଣ ନିମନ୍ତେ ହାଇପର-ସ୍କେଲ ଡାଟା ସେଣ୍ଟର ଭାବରେ ପରିଚିତ ବୃହତ ସ୍ତରର ଡାଟା ସେଣ୍ଟରଗୁଡିକ ତୁରନ୍ତ ପ୍ରତିଷ୍ଠା କରିବା ଆବଶ୍ୟକ । ଏହି ନୂତନ ହାଇପର-ସ୍କେଲ ଡାଟା ସେଣ୍ଟରଗୁଡିକ ବ୍ୟାପକ ପରିମାଣରେ ଏବଂ ଦ୍ରୁତ ଗତିରେ ବିଶ୍ୱସନୀୟ ସବୁଜ ଶକ୍ତି ଆବଶ୍ୟକ କରନ୍ତି ଯାହାକୁ ପୂରଣ କରିବା ପାଇଁ ଅନେକ ଅଞ୍ଚଳ ସଂଘର୍ଷ କରିଥା'ନ୍ତି । ୨୦୩୦ ସୁଦ୍ଧା ବିଶ୍ୱ ଡାଟା ସେଣ୍ଟର ଶକ୍ତି ଆବଶ୍ୟକତା ୪,୦୦୦ ଟିଡବ୍ଲୁଏଚରେ ପହଞ୍ଚିବ ବୋଲି ଆକଳନ କରାଯାଇଛି, ଯାହାକି ବିଶ୍ୱ ବିଦ୍ୟୁତ ଚାହିଦାର ୫% ହେବ ।

ମାନକ ୟୁନିଟ୍ ବା ସେକ୍ସନକୁ ବ୍ୟବହାର କରି ମଡ୍ୟୁଲାର ଡିଜାଇନ୍ ସହିତ ଅକ୍ଷୟ ଶକ୍ତି ପ୍ଲାଣ୍ଟଗୁଡ଼ିକ ପାଖରେ ନିର୍ମାଣ ଓ ଷ୍ଟାର୍ଟଅପ୍ ନିମନ୍ତେ ସବୁଠୁ ଶୀଘ୍ର ସମୟସୀମା ରହିଥାଏ । ତେବେ ଏହି ପ୍ଲାଣ୍ଟଗୁଡ଼ିକର ଦ୍ରୁତ ନିର୍ମାଣ ସହିତ ତାଳ ଦେଇ ଚାଲିବା ଅନେକ ଅଞ୍ଚଳରେ କଷ୍ଟକର ହୋଇପଡୁଛି, ବିଶେଷ କରି ଗ୍ରାହକଙ୍କୁ ବିଜୁଳି ପହଞ୍ଚାଇବା ପାଇଁ ପର୍ଯ୍ୟାପ୍ତ ଟ୍ରାନ୍ସମିସନ୍ ଲାଇନ୍ ରହିଛି । ୨୦୩୦ ସୁଦ୍ଧା ଅଣ ଜୀବାଶ୍ମ ଇନ୍ଧନରୁ ୫୦% ବିଜୁଳି ଉତ୍ପାଦନ ଲକ୍ଷ୍ୟ ରଖି ଭାରତ ଅକ୍ଷୟ ଶକ୍ତି ପାଇଁ ମହତ୍ୱାକାଂକ୍ଷୀ ଲକ୍ଷ୍ୟ ଧାର୍ଯ୍ୟ କରିଛି । ପ୍ରତିବର୍ଷ ୩୦୦ ଦିନରୁ ଅଧିକ ସୂର୍ଯ୍ୟକିରଣ ଏବଂ ପ୍ରବଳ ପବନର ବେଗ ସହିତ ଭାରତରେ ସୌର ଶକ୍ତିର ବିପୁଳ ସମ୍ଭାବନା ରହିଛି ଯାହା ଏଆଇ ପ୍ରକ୍ରିୟାକରଣରେ ସାହାଯ୍ୟ କରିପାରିବ ।

ଭାରତର ପ୍ରକୃତ ସାମର୍ଥ୍ୟ ଉଭୟ ଘରୋଇ ଏବଂ ସରକାରୀ କ୍ଷେତ୍ରରେ ଏହାର ସ୍ଥାନୀୟ ସବୁଜ ଶକ୍ତି ନେତୃତ୍ୱଙ୍କଠାରୁ ଆସିଛି, ଯେଉଁମାନେ ବୃହତ, ବିଶ୍ୱସ୍ତରୀୟ ଶକ୍ତି ପ୍ରକଳ୍ପ କାର୍ଯ୍ୟକାରୀ କରିପାରିବେ । ଅକ୍ଷୟ ଶକ୍ତି ଉଦ୍ୟୋଗ ଏକ ଆଧୁନିକ ଜାତୀୟ ଗ୍ରିଡ୍ ଏବଂ ଏକ ପ୍ରଭାବଶାଳୀ ନିୟାମକ ଢାଞ୍ଚା ଦ୍ୱାରା ସମର୍ଥିତ । ସେହିପରି ଭାରତର ଏଆଇ ଇକୋସିଷ୍ଟମ ଦ୍ରୁତ ଗତିରେ ବିସ୍ତାରିତ ହେଉଛି ଏବଂ ଦେଶରେ ୧୦୦୦ରୁ ଅଧିକ ଏଆଇ ଷ୍ଟାର୍ଟଅପ୍ ରହିଛି । ଏହାବ୍ୟତୀତ ବିଶ୍ୱର ୨୦ ପ୍ରତିଶତ ଏଆଇ ପ୍ରତିଭା ଭାରତରେ ରହିଛି, ଯାହା ଏଆଇ କମ୍ପାନୀମାନଙ୍କ ପାଇଁ ଏକ ଆକର୍ଷଣୀୟ ସ୍ଥାନରେ ପରିଣତ ହୋଇଛି । ଡିଜିଟାଲ ସେବା, ଇ-କମର୍ସ ଏବଂ କ୍ଲାଉଡ୍ କମ୍ପ୍ୟୁଟିଂର ଚାହିଦା ବଢୁଥିବାରୁ ୨୦୨୫ ସୁଦ୍ଧା ଭାରତରେ ଏଆଇ ବଜାର ୭.୮ ବିଲିୟନ ଡଲାରରେ ପହଞ୍ଚିବ ବୋଲି ଆଶା କରାଯାଉଛି ।

ଡିଜିଟାଲ ସେବା, ଇ-କମର୍ସ ଏବଂ କ୍ଲାଉଡ୍ କମ୍ପ୍ୟୁଟିଂର ଚାହିଦା ବଢୁଥିବାରୁ ଭାରତର ଡାଟା ସେଣ୍ଟର ବଜାର ଦ୍ରୁତ ଗତିରେ ବିସ୍ତାର କରୁଛି । ମାର୍କେଟସ୍ ଆଣ୍ଡ ମାର୍କେଟସ୍ ର ଏକ ରିପୋର୍ଟ ଅନୁଯାୟୀ, ଏହି ବଜାର ୨୧.୧% ହାରରେ ବୃଦ୍ଧି ପାଇ ୨୦୨୫ ସୁଦ୍ଧା ୧,୪୩୨ ମେଗାୱାଟ୍ କ୍ଷମତାରେ ପହଞ୍ଚିବ ବୋଲି ଆଶା କରାଯାଉଛି । ୨୦୩୦ ସୁଦ୍ଧା ଏହା ୧୫.୬% ଅଭିବୃଦ୍ଧି ହାର ସହ ୩,୨୪୩ ମେଗାୱାଟରେ ପହଞ୍ଚିବ ବୋଲି ଆକଳନ କରାଯାଇଛି । ନିକଟରେ ଫାଇନାନ୍ସିଆଲ ଟାଇମ୍ସରେ ପ୍ରକାଶିତ ଏକ ନିବନ୍ଧରୁ ଜଣାପଡିଛି ଯେ ହାଇପର ସ୍କେଲ ଡାଟା ସେଣ୍ଟର ନେତୃତ୍ୱରେ ଭାରତ ଏସିଆ ପ୍ରଶାନ୍ତ ମହାସାଗରରେ ଶୀର୍ଷ ଡାଟା ସେଣ୍ଟର ବଜାରରେ ପରିଣତ ହେବ ।

ଡାଟା ସେଣ୍ଟରଗୁଡିକର ନିର୍ଦ୍ଦିଷ୍ଟ ଆବଶ୍ୟକତା ଅଛି ଯାହା ସେମାନଙ୍କୁ ଅନ୍ୟ ଭିତ୍ତିଭୂମି ପ୍ରକଳ୍ପଠାରୁ ଅଲଗା କରିଥାଏ । ସେଗୁଡିକ ବିଶ୍ୱସନୀୟତା, ନିରାପତ୍ତା, ମଡ୍ୟୁଲାରିଟି ଏବଂ ଅତିରିକ୍ତ ସାମର୍ଥ୍ୟର ଉଚ୍ଚ ମାନଦଣ୍ଡ ପାଇଁ ଡିଜାଇନ୍ କରାଯାଇଛି । ସେଗୁଡିକର ସଫଳତା ପାଇଁ ବ୍ୟାକଅପ୍ ପାୱାର ରହିବା ଜରୁରୀ । ଡିଜେଲ ଜେନେରେଟର ବର୍ତ୍ତମାନ ବ୍ୟବହୃତ ହେଉଥିବା ମୁଖ୍ୟ ବ୍ୟାକଅପ୍ ଟେକ୍ନୋଲୋଜି ହୋଇଥିବା ବେଳେ କାର୍ବନ ନିର୍ଗମନକୁ ହ୍ରାସ କରିବା ପାଇଁ ପ୍ରମୁଖ ବୈଷୟିକ କମ୍ପାନୀଗୁଡ଼ିକ ଦ୍ୱାରା ବ୍ୟାଟେରୀ (୬ ଘଣ୍ଟାର ବ୍ୟାକଅପ୍ ପ୍ରଦାନ) ଏବଂ ହାଇଡ୍ରୋଜେନ୍ ଇନ୍ଧନ ସେଲ୍ (୪୮ ଘଣ୍ଟାର ବ୍ୟାକଅପ୍ ପ୍ରଦାନ) ଭଳି ସବୁଜ ବିକଳ୍ପ ଅନୁସନ୍ଧାନ କରାଯାଉଛି । ଜଳ ଉପଲବ୍ଧତା ହାଇପର-ସ୍କେଲ ଡାଟା ସେଣ୍ଟରର ସମ୍ପ୍ରସାରଣ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି, ତେଣୁ ଗୋଟିଏ ଉପ-ଉତ୍ପାଦ ଭାବରେ ଜଳ ଉତ୍ପାଦନ କରୁଥିବା ଫୁଏଲ୍ ସେଲ୍ ଗୁଡ଼ିକ ଭଳି ଜ୍ଞାନକୌଶଳ ଏକ ଆଶାଜନକ ସମାଧାନ ହୋଇପାରେ ।

ହାଇଦ୍ରାବାଦରେ ଥିବା ଗୁଗଲର ଏଆଇ ଚାଳିତ ଡାଟା ସେଣ୍ଟର ଶତ ପ୍ରତିଶତ ଅକ୍ଷୟ ଶକ୍ତି ଉପରେ କାର୍ଯ୍ୟ କରୁଛି, ଯାହା ଦୀର୍ଘସ୍ଥାୟୀ ଏଆଇ ପ୍ରୋସେସିଂ ପାଇଁ ଉଦାହରଣ ସୃଷ୍ଟି କରିଛି । ପୁଣେରେ ଥିବା ମାଇକ୍ରୋସଫ୍ଟର ଏଆଇ-ଚାଳିତ ଡାଟା ସେଣ୍ଟର ଏହାର ଶକ୍ତି ଆବଶ୍ୟକତା ପାଇଁ ସୌର ଶକ୍ତିକୁ ବ୍ୟବହାର କରେ, ଏଆଇରେ ସବୁଜ ଶକ୍ତିର ସମ୍ଭାବନା ଉପରେ ଆଲୋକପାତ କରେ । ଏହାବ୍ୟତୀତ ଭାରତ ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନ ଗ୍ରୀନ୍ ଡାଟା ସେଣ୍ଟର ଏବଂ ଏଆଇ ଭିତ୍ତିଭୂମିର ବିକାଶକୁ ପ୍ରୋତ୍ସାହିତ କରୁଛି ଏବଂ ଏହି କ୍ଷେତ୍ରରେ ଅଭିବୃଦ୍ଧି ପାଇଁ ଏକ ସହାୟକ ଢାଞ୍ଚା ପ୍ରଦାନ କରୁଛି ।

ଏଆଇ ଡାଟା ସେଣ୍ଟର କ୍ଷେତ୍ରରେ ସଫଳ ହେବାକୁ ହେଲେ ଭାରତକୁ ନେଟ୍-ଜିରୋ ହାଇପରସ୍କେଲ ଡାଟା ସେଣ୍ଟର ପାଇଁ ଏକ ନୀତି ବିକଶିତ କରିବାକୁ ପଡ଼ିବ । ଏହାର ଅର୍ଥ ହେଉଛି ବଡ଼ ଡାଟା ସେଣ୍ଟର ସୃଷ୍ଟି କରିବା ଯାହା ସବୁଜ ଗୃହ ବାଷ୍ପ ନିର୍ଗମନରେ ଯୋଗଦାନ କରେ ନାହିଁ । ଭରସାଯୋଗ୍ୟ ବ୍ୟାକଅପ୍ ବିଦ୍ୟୁତଶକ୍ତି ବିକଳ୍ପ ସହିତ ନିରନ୍ତର ସବୁଜ ଶକ୍ତି ପ୍ରଦାନ କରିପାରୁଥିବା ପ୍ରମୁଖ ସ୍ଥାନଗୁଡ଼ିକୁ ଦେଶ ଚିହ୍ନଟ କରିବା ଉଚିତ୍ । ଏହାବ୍ୟତୀତ ଭାରତକୁ ଦକ୍ଷ ଶ୍ରମଶକ୍ତିଙ୍କୁ ଆକୃଷ୍ଟ କରିବା ଏବଂ ବିକଶିତ କରିବାର ଆବଶ୍ୟକତା ରହିଛି, ଯେଉଁମାନେ ଅତ୍ୟାଧୁନିକ ଡାଟା ସେଣ୍ଟର ନିର୍ମାଣ କରିପାରିବେ ଯାହା ଅତ୍ୟନ୍ତ ସୁରକ୍ଷିତ ଏବଂ ଦକ୍ଷ ହୋଇଥିବ ।

ନୂଆ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ପାଇଁ, ସରକାର କମ୍ ଶକ୍ତି ଏବଂ ଜଳ ବ୍ୟବହାର କରୁଥିବା ଡାଟା ସେଣ୍ଟର ସ୍ଥାପନ କରିବାର ଉପାୟ ଖୋଜିବା ଲାଗି ପାଇଲଟ୍ ପ୍ରକଳ୍ପଗୁଡ଼ିକୁ ପାଣ୍ଠି ଯୋଗାଇବା ଉଚିତ୍ । ପ୍ରଭାବଶାଳୀ ନୀତି ଏବଂ ନିୟମ କାର୍ଯ୍ୟକାରୀ କରି ଡାଟା ସୁରକ୍ଷା ବିଷୟରେ ବିଶ୍ୱସ୍ତରରେ ବିଶ୍ୱାସ ସୃଷ୍ଟି କରିବା ମଧ୍ୟ ଭାରତ ପାଇଁ ଜରୁରୀ ଅଟେ ।

ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଏହାର ସାମର୍ଥ୍ୟ ଏବଂ ବଢୁଥିବା ଏଆଇ ଇକୋସିଷ୍ଟମ ସହିତ, ଭାରତ ସବୁଜ ଶକ୍ତି ଚାଳିତ ଏଆଇ ପ୍ରକ୍ରିୟାକରଣରେ ନେତୃତ୍ୱ ନେବା ପାଇଁ ଭଲ ସ୍ଥିତିରେ ଅଛି । ଏହାର ନବୀକରଣଯୋଗ୍ୟ ଶକ୍ତି ସମ୍ପଦର ଫାଇଦା ଉଠାଇ ଏଆଇ ଡାଟା ସେଣ୍ଟରଗୁଡିକ ସମ୍ମୁଖୀନ ହେଉଥିବା ଆହ୍ୱାନର ମୁକାବିଲା କରି, ଭାରତ ଏହାର କାର୍ବନ ଫୁଟପ୍ରିଣ୍ଟ ହ୍ରାସ କରିପାରିବ, ଦୀର୍ଘସ୍ଥାୟୀ ବ୍ୟବସାୟ ଏବଂ ଉଦ୍ଭାବନର କେନ୍ଦ୍ର ଭାବରେ ଏହାର ଖ୍ୟାତି ବୃଦ୍ଧି କରିପାରିବ ତଥା ସ୍ୱଚ୍ଛ ଶକ୍ତି ଓ ଏଆଇ କ୍ଷେତ୍ରରେ ନିଯୁକ୍ତି ସୃଷ୍ଟି କରିପାରିବ ।

*ଲେଖକ ଭାରତର ଜି-୨୦ ଶେରପା ଏବଂ ନୀତି ଆୟୋଗର ପୂର୍ବତନ ସିଇଓ।*
*ଏହି ସ୍ତମ୍ଭ ଲେଖକଙ୍କ ନିଜସ୍ୱ ମତ।*

# ସ୍ମୃତିର ଅଲିଭା ଗାଥା ଓ ଅଭୂଲା ଚିତ୍ରପଟ୍ଟ : କଟକ ବାଲିଯାତ୍ରା

**ଶିବ ପ୍ରସାଦ ଧଳ**

ଦୁଇ ସମାନ୍ତରାଳ ଦିଗରେ ଦୁଇଟି ନଈ ! ମହାନଦୀ ଆଉ କାଠଯୋଡ଼ି !! ଏଇ ଦୁଇ ନଈର ମଝିରେ ଯେଉଁ ଅରାଏ ବିକଶିତ ଭୂଖଣ୍ଡ- ତାହାର ନାଁ କଟକ । ଇତିହାସକାରମାନେ କୁହନ୍ତି- ଏଇ କଟକ ନଗରୀ ହେଉଛି ନୃପକେଶରୀଙ୍କ କୀର୍ତ୍ତି; ଯାହାର ସ୍ଥାପନା ହୋଇଥିଲା ଦଶମ ଶତାବ୍ଦୀର ଶେଷ ଭାଗରେ ।

କଟକ ଓଡ଼ିଶାର ପୂର୍ବତନ ରାଜଧାନୀ । ଓଡ଼ିଶାର ବୃହତ୍ତମ ନଦୀ ମହାନଦୀର ତ୍ରିକୋଣଭୂମିର ଶୀର୍ଷସ୍ଥାନରେ କଟକ ସହର ଅବସ୍ଥିତ । କଟକ ସହର ମହାନଦୀର ଉତ୍ତରରୁ କାଠଯୋଡ଼ିର ଦକ୍ଷିଣ ପର୍ଯ୍ୟନ୍ତ ବିସ୍ତୃତ । ମହାନଦୀର ଦ୍ୱିଶାଖାରେ ବିଭାଜିତ ନିକଟରେ ଅନ୍ତରୀକ୍ଷ ଅଂଚଳରେ କଟକ ସହର ଅବସ୍ଥିତି । ଅତୀତ ଦିନରେ ରାଜ୍ୟର ରାଜଧାନୀ ହେବାରେ ବହୁଭାବରେ ଉପଯୁକ୍ତ ଥିଲା । କଟକର ଭୌଗୋଳିକ ଅବସ୍ଥିତି ନଦୀର ଦ୍ୱିଶାଖାରେ ବିଭାଜିତ ସ୍ଥଳରେ ଥିବାରୁ ଏହା ଭାରତର ଅଦ୍ୱିତୀୟ । କାରଣ ଭାରତର ବହୁ ନଦୀମାନଙ୍କର ମିଳିତ ସ୍ଥଳରେ ଥିବାବେଳେ କଟକ ନଦୀର ଦ୍ୱିଶାଖାର ବିଭାଜିତ ସ୍ଥାନରେ ଅବସ୍ଥିତ । ଦେଶର ଉତ୍ତରରୁ ଦକ୍ଷିଣକୁ ବା ଦକ୍ଷିଣରୁ ଉତ୍ତରକୁ ଯିବା ପାଇଁ ମହାନଦୀ ଓ କାଠଯୋଡ଼ିକୁ ଅତିକ୍ରମ କରିବା ପାଇଁ କଟକ ବ୍ୟତୀତ ଅନ୍ୟ କେଉଁ ସ୍ଥାନ ବିକଳ୍ପ ନଥିଲା । କଟକର ପଶ୍ଚିମରେ ପାହାଡ଼ଶ୍ରେଣୀର ଅବସ୍ଥିତି ଏବଂ ପୂର୍ବପାର୍ଶ୍ୱରେ ପ୍ରଶସ୍ତ ଓ ଗଭୀର ନଦୀ ଥିବାରୁ ନନ୍ଦବଂଶର ରାଜା ଓ ମୌର୍ଯ୍ୟମାନେ କଟକଠାରେ ମହାନଦୀକୁ ଅତିକ୍ରମ କରିଥିବାର ମନେହେଉଛି ।

ସମ୍ରାଟ ଖାରବେଳ ମଧ୍ୟ ମଗଧ ବିଜୟ କରିବାକୁ ଯିବାବେଳେ କଟକ ନିକଟରେ ମହାନଦୀକୁ ଆଡୁଆ ଭାବେ ଅତିକ୍ରମ କରିଥିବାର ଅନୁମାନ କରାଯାଏ । ଭାରତର ପଶ୍ଚିମ ବା କେନ୍ଦ୍ରାଞ୍ଚଳକୁ ଯୋଗାଯୋଗର ମାର୍ଗ ମହାନଦୀର ଉପତ୍ୟକାକୁ ଅତିକ୍ରମ କଲାବେଳେ କଟକଠାରେ ହିଁ ଶେଷ ହେଉଥିଲା । ଏହାର ଉତ୍ତର ଦକ୍ଷିଣରେ ଯଥାକ୍ରମେ ଚୌଦ୍ୱାର କଟକ ଓ ସାରଙ୍ଗଗଡ଼ ବା ଚୋଡ଼ଗଡ଼ ଅବସ୍ଥିତ । ଏହି ଦୁଇଟି ଦୁର୍ଗର ଧ୍ୱଂସାବଶେଷ ବର୍ତ୍ତମାନ ବି ଦୃଷ୍ଟିଗୋଚର ହୁଏ । ଚୌଦ୍ୱାର ଦୁର୍ଗ ମହାନଦୀର ଶାଖାନଦୀ ବିରୂପା ନଦୀର ବାମପାର୍ଶ୍ୱ କୂଳରେ ଅବସ୍ଥିତ । ସାରଙ୍ଗଗଡ଼ ବା ଚୁଡ଼ଙ୍ଗଗଡ଼ ନରାଜଠାରୁ ବାହାରିଥିବା ଅନ୍ୟତମ ଶାଖାନଦୀ କାଠଯୋଡ଼ିର ଦକ୍ଷିଣ କୂଳରେ ଅବସ୍ଥିତ । ନରାଜଠାରେ ମହାନଦୀ ପଥୁରିଆ ଶଯ୍ୟା ତ୍ୟାଗକରି ଦୋରସା ସମତଳରେ ପ୍ରବେଶ କରିଛି ।

ଇଂରାଜୀରେ ଉଚ୍ଚାରିତ ଶବ୍ଦ 'Cuttack' ସଂସ୍କୃତ ଶବ୍ଦ 'କଟକ'ରୁ ଅଣାଯାଇଛି । ଯାହାର ସାତଟି ଅର୍ଥ ମଧ୍ୟରୁ ଏଠାରେ ଦୁଇଟି ମାତ୍ର ପ୍ରଯୁଜ୍ୟ । ପ୍ରଥମଟିର ଅର୍ଥ ହେଉଛି 'ସେନା ଛାଉଣୀ' ଏବଂ ଦ୍ୱିତୀୟଟିର ଅର୍ଥ 'ରାଜଧାନୀର ଦୁର୍ଗ ବା ସରକାରଙ୍କ ପୀଠ ।' କଟକର ଇତିହାସ ହେଉଛି ଓଡ଼ିଶା ଇତିହାସ । ଖ୍ରୀ.ଅ. ୧୩ଶ ଶତାବ୍ଦୀ ପ୍ରାରମ୍ଭରୁ ଅର୍ଥାତ୍ ପ୍ରାୟ ୭୦୦ବର୍ଷରୁ ଅଧିକ କାଳ ଏହା ବହୁ ପରିବର୍ତ୍ତିତ ଶାସନ ଯଥା ଗଙ୍ଗ, ସୂର୍ଯ୍ୟବଂଶୀ, ଭୋଇବଂଶ, ଚାଲୁକ୍ୟ, ଆଫଗାନ, ମୋଗଲ, ମରହଟ୍ଟା ଏବଂ ଇଂରେଜମାନଙ୍କର ରାଜଧାନୀ ଥିଲା । ଦକ୍ଷିଣ ଭାରତ ଖୋଦିତ ଲିପିର ନଂ-୨୫୬, ଷଷ୍ଠ ଭାଗ ତାରିଖ ଶକାବ୍ଦ ୧୦୩୫ ବା ଖ୍ରୀ.ଅ.୧୧୧୩ ଅନୁସାରେ ଜଣାଯାଏ ଯେ ଚୋଡ଼ଗଙ୍ଗ ଦେବଙ୍କ ରାଜଧାନୀ ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ନିକଟରେ ବାରାଣସୀ ଥିଲା । ବୋଧହୁଏ ଅନଙ୍ଗଭୀମଦେବ ତାଙ୍କର ନୂଆ ରାଜଧାନୀର ନାମ ସେଥିପାଇଁ ଅଭିନବ ବାରାଣସୀ କଟକ ଦେଇଥିଲେ ।

୧୨୩୦ ଖ୍ରୀଷ୍ଟାବ୍ଦରେ ରାଜା ଅନଙ୍ଗଭୀମଦେବ ଏହି ଅଭିନବ ବାରାଣସୀ କଟକରୁ ନାଗରୀ ତାମ୍ରଫଳକ ପ୍ରଦାନ କରିଥିଲେ । ତେଣୁ ଅଭିନବ ବାରାଣସୀ କଟକର ସ୍ଥାପିତ ସମୟ ୧୨୩୦ ଖ୍ରୀଷ୍ଟାବ୍ଦ ପୂର୍ବରୁ ବୋଲି ଧରାଯାଇପାରେ । ସମୟ କ୍ରମେ ଏହି ଅଭିନବ ବାରାଣସୀ କଟକର ନାମ ୧୪ଶହ ଏବଂ ୧୫ଶ ଶତାବ୍ଦୀର ବାରାଣସୀ କଟକ ନାମରେ ପ୍ରସିଦ୍ଧି ଲାଭ କରିଥିଲା । ମୁସ୍‌ଲିମ୍ ଐତିହାସିକମାନେ ଏହାକୁ କଟକ-ବନାରସ ଭାବରେ ସେମାନଙ୍କ ଲେଖାରେ ପ୍ରକାଶ କରିଥିଲେ । ପୁରାତନ କଟକର ଛବିଳ ରୂପାକୃତି ବହୁ ମୁସଲମାନ ଐତିହାସିକ ଓ ଲେଖାମାନଙ୍କୁ ଆକର୍ଷିତ କରିଥିଲା ।

ଓଡ଼ିଶାର ପ୍ରଚଳିତ କିମ୍ବଦନ୍ତୀରୁ ଜଣାଯାଏ ଦିନେ ଅନଙ୍ଗଭୀମଦେବ (ତୃତୀୟ) ମହାନଦୀକୁ ଅତିକ୍ରମ କଲାବେଳେ ମହାନଦୀ ଦକ୍ଷିଣ ପାର୍ଶ୍ୱ କୂଳର ବାରବାଟୀ ଗ୍ରାମର ବିଶ୍ୱନାଥ ଶିବ ମନ୍ଦିରର ନିକଟରେ ଦେଖିଲେ ଗୋଟିଏ ବଗ ଗୋଟିଏ ବାଜପକ୍ଷୀକୁ ମାରିଦେଲା । ଏହି ଅସାଧାରଣ ଘଟଣା ଦେଖି ରାଜା ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ସେ ଭାବିଲେ ଏହା ଶୁଭସ୍ଥାନ । ତେଣୁ ସେ ଏହି ବାରବାଟୀ ଗ୍ରାମରେ 'କଟକ'ର ଶିଳାନ୍ୟାସ କରିଥିଲେ । ଏଠାରେ ଗୋଟିଏ ରାଜପ୍ରାସାଦ ନିର୍ମାଣ କରି 'କଟକ' ରୂପେ ତିଆରି କରି ଏହାର ନାମ ଅଭିନବ ବାରାଣସୀ କଟକ ଦେଲେ ଏବଂ ତାଙ୍କର ପୂର୍ବତନ ଆବାସସ୍ଥଳୀ ଚୌଦ୍ୱାର କଟକ ଛାଡ଼ି ଏଠାକୁ ଆସିଥିଲେ । ଏହି କିମ୍ବଦନ୍ତୀକୁ ସେ ପ୍ରଦାନ କରିଥିବା ତାମ୍ରଫଳକ ସମର୍ଥନ କରୁଛି । ସେ ଓଡ଼ିଶାରେ ଅନେକ ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିବାରୁ ଜନାଦୃତ ଅଛି । ସେଇ ମନ୍ଦିରଗୁଡ଼ିକ ମଧ୍ୟରେ ତାଙ୍କ ଦ୍ୱାରା କଟକରେ ପୁରୁଷୋତ୍ତମ ମନ୍ଦିର ନିର୍ମାଣ ମୁଖ୍ୟ ଥିଲା । ପୁରୁଷୋତ୍ତମ-ଜଗନ୍ନାଥ ପ୍ରତିମା ପଥରରେ ନିର୍ମିତ ହୋଇଥିଲା । ତାରିଖ୍-ଇ-ଫୋରୋଜ ସାହି ବିବରଣୀ ପ୍ରଦାନ କରିଥିଲେ ଦୁର୍ଗ ଭିତରେ ଗୋଟିଏ ପଥର ପ୍ରତିମା ଥିଲା, ଯାହାକୁ ଲୋକମାନେ ଜଗନ୍ନାଥ ଭାବରେ ପୂଜା କରୁଥିଲେ ।

ଦ୍ୱାଦଶ ଶତାବ୍ଦୀରେ କଟକରେ ରୁପା ତାରକସି କାମ ଆରମ୍ଭ ହୋଇଥିଲା । ପର୍ସିଆରୁ ଇଣ୍ଡୋନେସିଆ ବାଟ ଦେଇ ତାରକସି କାମ ସମୁଦ୍ର ପଥରେ କଟକ ଆସିଛି ବୋଲି ଐତିହାସିକମାନଙ୍କର ମତ । ଉଭୟ ଇଣ୍ଡୋନେସିଆ ଓ କଟକର କାରିଗରମାନେ ପ୍ରାୟତଃ ଏକପ୍ରକାର ତାରକସି କାମ କରୁଥିବାରୁ ଏପରି ସିଦ୍ଧାନ୍ତଟିଏ ଦିଆଯାଇଛି । ତେବେ ୫୦୦ ବର୍ଷରୁ ଊର୍ଦ୍ଧ୍ୱକାଳ ଧରି ଏହା ପାରମ୍ପରିକ ସୂତ୍ରରେ ଆଗକୁ ବଢ଼ିଛି । ୧୫୯୩ ମସିହାରେ ଓଡ଼ିଶା ମୋଗଲ ଶାସକ ଆକବରଙ୍କ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ହେଲା । ଆକବରଙ୍କ ସେନାପତି ମାନସିଂହ ଓଡ଼ିଶାର ଶାସନ କାର୍ଯ୍ୟନିର୍ବାହ କରୁଥିବା ବେଳେ ତାଙ୍କ ପୃଷ୍ଠପୋଷକତାରେ କଟକ ତାରକସି ଶିଳ୍ପ ବିକଶିତ ହୋଇଥିଲା । ଏଥିରେ ଉଭୟ ହିନ୍ଦୁ ଓ ମୁସଲମାନ ଶୈଳୀକୁ ଲକ୍ଷ୍ୟ କରାଯାଏ । ମୁସଲମାନଙ୍କ କମକୁଟକରା ଫୁଲ ସହ ହିନ୍ଦୁମାନଙ୍କ ଜ୍ୟାମିତିକ କାରୁକାର୍ଯ୍ୟର ମିଶ୍ରଣ କଟକ ତାରକସିକୁ ସ୍ୱତନ୍ତ୍ର ରୂପ ଦେଇଛି । ବଣିଆ ପରିବାରକୁ ଛାଡ଼ିଦେଲେ ମୁସଲମାନ ପରିବାର ମଧ୍ୟ ତାରକସି କାମକୁ ନିଜର ବୃତ୍ତି ଭାବେ ଗ୍ରହଣ କରିନେଇଛନ୍ତି । କଟକ ତାରକସିରେ ଓଡ଼ିଶୀ ନୃତ୍ୟଶିଳ୍ପୀଙ୍କ ଅଳଙ୍କାର ଏହାକୁ ଅନ୍ତର୍ଜାତୀୟ କ୍ଷେତ୍ରରେ ପ୍ରତିଷ୍ଠା ଦେଇଛି । ଓଡ଼ିଶୀ ନୃତ୍ୟଶିଳ୍ପୀଙ୍କ ସିନ୍ଥି, ମଥାପଟି, ତଇଳ, କଙ୍କଣ, ବାହିଚୂଡ଼ି, ବେଙ୍ଗପାଟିଆ, ଖୋଷାଫୁଲ, ହାତମୁଦି, ଛୋଟ ଓ ଲମ୍ବା ହାର ଆଦିରେ ତାରକସି ଅଳଙ୍କାରରେ ପରିଲକ୍ଷିତ ହୁଏ ଅପୂର୍ବ କାରୁକାର୍ଯ୍ୟ ଓ ଚମକ । ସପ୍ତଦଶ ଶତାବ୍ଦୀରେ ରଚିତ 'ଅଭିନୟ ଚନ୍ଦ୍ରିକା'ରେ ଓଡ଼ିଶୀ ନୃତ୍ୟଶିଳ୍ପୀଙ୍କ ଆଭୂଷଣ ସଂପର୍କରେ ଯେଉଁ ବର୍ଣ୍ଣନା ରହିଛି ତାହାକୁ ଆଧାର କରି କଟକ ରୁପା ତାରକସିର ଗହଣା ତିଆରି ହୋଇଥାଏ । କେବଳ ଓଡ଼ିଶାର ନୁହେଁ, ଓଡ଼ିଶା ବାହାରର ଓଡ଼ିଶୀ ନୃତ୍ୟଶିଳ୍ପୀମାନେ କଟକ ରୁପା ତାରକସିର ଆଭୂଷଣ ପରିଧାନକୁ ଅଧିକ ପସନ୍ଦ କରିଥାନ୍ତି । ଓଡ଼ିଶୀ ନୃତ୍ୟର ପରମ୍ପରାରେ କଟକ ତାରକସିର ଅବଦାନ ଏ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

୨୦୨୩ ଅକ୍ଟୋବର ୩୧ ରେ ପ୍ରକାଶିତ ଜିଆଇ ଜର୍ଣ୍ଣାଲର ୧୮୨ ସଂଖ୍ୟାରେ କଟକ ତାରକସି କାମକୁ ଜିଆଇ ଟ୍ୟାଗ୍ ଦେବା ନିମନ୍ତେ ପ୍ରଦତ୍ତ ଆବେଦନ ପ୍ରକାଶିତ ହୋଇଛି । ଏଥିରେ ଓଡ଼ିଶାର ସମୃଦ୍ଧ ଇତିହାସ, କଟକ ତାରକସିର ପ୍ରସ୍ତୁତି ସହ ତା'ର ବିକାଶ, ପ୍ରସାର ଓ ବିଶେଷତ୍ୱ ସଂପର୍କରେ ସବିଶେଷ ଉଲ୍ଲେଖ ରହିଛି । ଏଥିରେ ଓଡ଼ିଶାର ରୀତିନିତି ଏବଂ ଧର୍ମୀୟ ଓ ସାମାଜିକ ଉତ୍ସବରେ କଟକ ତାରକସିର ସଂପୃକ୍ତି ସଂପର୍କରେ ଦର୍ଶାଯାଇଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବାରେ ସ୍ୱର୍ଣ୍ଣ ରୌପ୍ୟକାର ବା ପୋଦାର ସେବକଙ୍କ ଭୂମିକାଠାରୁ ଆରମ୍ଭ କରି ଓଡ଼ିଶୀ ନୃତ୍ୟଶିଳ୍ପୀଙ୍କ ରୁପା ଆଭୂଷଣ ତଥା କଟକର ପ୍ରସିଦ୍ଧ ଚନ୍ଦିମେଢ଼ରେ ରୁପା ତାରକସିର ଉତ୍କର୍ଷକୁ ପ୍ରତିପାଦିତ କରୁଛି । ଏବେ ଦୋଳ ବିମାନ ବି ରୁପା ତାରକସିରେ ଝଲମଲ୍ କରି ଉଠିଲାଣି । ଅଧିକରୁ ଅଧିକ ପୂଜାମଣ୍ଡପ ରୁପା ତାରକସିରେ ସଜ୍ଜିତ ମାଆ ଓ ପୂଜା ମେଢ଼ ତିଆରି କରିବା ପାଇଁ ଲାଗିପଡ଼ିଛନ୍ତି । ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ ଭୂଖଣ୍ଡରେ ନିର୍ମିତ ଏହି ତାରକସି କିପରି ଏକ ବୃହତ୍ କ୍ଷେତ୍ରରେ ନିଜର ଆଧିପତ୍ୟ ପ୍ରତିପାଦନ କରିଛି, ତାହାର ମଧ୍ୟସୂଚନା ଦିଆଯାଇଛି । ଏହାର ଆଧାରରେ କଟକ ରୁପା ତାରକସିକୁ ମିଳିଛି ଜିଆଇ ମାନ୍ୟତା ।

ଇତିହାସମଣ୍ଡିତ କଟକକୁ କଳା-ସଂସ୍କୃତି-ଐତିହ୍ୟ-ପରମ୍ପରା ପୃଷ୍ଠଭୂମିରେ ଦେଖିଲେ ଲାଗେ ଯେମିତି ଏହା ଏକ ଅପୂର୍ବ ସୁନ୍ଦର ସର୍ଜନାରେ ଗଢ଼ା ହୋଇଥିବା ମନୋଜ୍ଞ ସ୍ଥାପତ୍ୟଟିଏ । ଏହାର ନବତଳ ବିଶିଷ୍ଟ ବାରବାଟୀ ଦୁର୍ଗର ପଥର କାନ୍ଥରେ ଲେଖି ହୋଇ ରହିଛି ଗରିମାମୟ ଗୋଟିଏ ଜାତିର ପୁଲକ । ସେଥିରେ ଆଙ୍କିହୋଇ ରହିଛି କେତେ କେତେ ରମଣୀୟ କୀର୍ତ୍ତିର କାରୁକାର୍ଯ୍ୟ । ମୋଟଉପରେ ଓଡ଼ିଶାର ଗୌରବମୟ ଇତିହାସର ପ୍ରତୀକ ହେଉଛି-କଟକ । ପ୍ରାଚୀନ ଓଡ଼ିଶା ନୌ-ଯାତ୍ରାର ଇତିହାସ ହେଉଛି କାଳଜୟୀ ଏବଂ କଟକର ମହାନଦୀ ଉପକଣ୍ଠ ଦେଇ ବହୁ ପୁରାତନ କାଳରୁ ଆୟୋଜିତ ହେଉଥିବା ବାଲିଯାତ୍ରା ହେଉଛି ଆମ ଉତ୍କଳୀୟ ସାଂସ୍କୃତିକ ଐତିହ୍ୟର ପରିଚୟ । ପ୍ରାଚୀନ କଳିଙ୍ଗ-ଉତ୍କଳ-ଓଡ଼ିଶାର ଐତିହ୍ୟ ଓ ସଂସ୍କୃତି ହେଉଛି ବିଶ୍ୱବନ୍ଦିତ । ଅତୀତରେ ଏହାର ନୌବାଣିଜ୍ୟ ଓ ସାଂସ୍କୃତିକ ସାମ୍ରାଜ୍ୟ ଓଡ଼ିଶାର ଭୌଗୋଳିକ ସୀମାକୁ ଅତିକ୍ରମ କରି ଦେଶ-ବିଦେଶରେ ତିଆରି କରିଥିଲା ଏକ ସ୍ୱତନ୍ତ୍ର ପରିଚୟ । ପୁରାତନ ପରମ୍ପରା ଏବଂ ଅଧୁନାତନ ସମୟର କଳା-କୌଶଳକକୁ ଆଧାର କରି କଟକ ନଗରୀର ଏଇ ସ୍ମରଣୀୟ ଜୟଯାତ୍ରା ଆଜିବି ପ୍ରବହମାନ ।

ପ୍ରାଚୀନ ଭାରତରେ ପଥିକ, ବ୍ୟବସାୟୀ ଓ ତୀର୍ଥଯାତ୍ରୀଙ୍କ ଗମନାଗମନର ମୁଖ୍ୟପଥ ଥିଲା ଏଇ ମହାନଦୀର ପବିତ୍ର ଘାଟ । ଐତିହାସିକ ଯୁଗରେ ମଗଧର ନନ୍ଦବଂଶ ଓ ମୌର୍ଯ୍ୟବଂଶୀୟ ସମ୍ରାଟ ଅଶୋକ, କଳିଙ୍ଗ ଆକ୍ରମଣ ବେଳେ ମଧ୍ୟ କଟକଠାରେ ମହାନଦୀ ପାର ହୋଇଥିଲେ । ଭାରତର ସୁପ୍ରସିଦ୍ଧ ଚାରି ଧାମ ମଧ୍ୟରୁ ପୁରୀର ପୁରୁଷୋତ୍ତମ କ୍ଷେତ୍ର ବା ଶ୍ରୀକ୍ଷେତ୍ରକୁ ଯେଉଁ ତୀର୍ଥଯାତ୍ରୀ ଉତ୍ତର ଭାରତ, ମଗଧ ଓ ବଂଗଦେଶରୁ ଆସୁଥିଲେ ସେମାନେ କଟକଠାରେ ହିଁ ମହାନଦୀକୁ ପାର ହେଉଥିଲେ । ଏଇ ମହାନଦୀ ଆମ ହଜିଲା ଅତୀତର ସ୍ମୃତିଲିପି । ପ୍ରାଚୀନ କଳିଙ୍ଗ ଉତ୍କଳର ଗୌରବମୟ ଇତିହାସର ମୂକସାକ୍ଷୀ । ଉତ୍କଳୀୟ ନୌବାଣିଜ୍ୟର ଅମ୍ଳାନ ସ୍ମାରକୀ ମହାନଦୀର ସେହି ବିଶାଳ ଛାତିରେ ଆଜି ବି ଅଙ୍କିତ ହୋଇ ରହିଛି ଅତୀତର ଅବିସ୍ମରଣୀୟ ସ୍ମୃତିର ଅଲିଭା ଗାଥା ଓ ଅଭୂଲା ଚିତ୍ରପଟ୍ଟଗୁଡ଼ିକୁ ନେଇ । ବାଲିଯାତ୍ରା ହେଉଛି ସ୍ନେହ, ସଦ୍‌ଭାବ, ସଦିଚ୍ଛା ଓ ସଂପ୍ରୀତିର ଏକ ଆବେଗମୟ ପରିଚୟ । ଓଡ଼ିଶାର ସାଂସ୍କୃତିକ, ସାମାଜିକ, ଅର୍ଥନୈତିକ ପ୍ରବହମାନ ଧାରା ଭିତରେ କଟକର ଅବସ୍ଥିତି ଅନନ୍ୟ, ଅସାଧାରଣ ଓ ସ୍ୱତନ୍ତ୍ର । କଳିଙ୍ଗ ଜାତିର ଗୌରବମୟ ଯାତ୍ରା, ତା'ର ବୀରତ୍ୱ, ନୌବାଣିଜ୍ୟ ପରମ୍ପରା, ଉତ୍କଳୀୟ ଉତ୍କର୍ଷ କଳାର କାରିଗରୀ, ରୌପ୍ୟନଗରୀର ତାରକସୀ କାରୁକାର୍ଯ୍ୟ- ସବୁଗୁଡ଼ିକର ସାମଗ୍ରିକ ମହିମାରେ ମହିମାମଣ୍ଡିତ ହୋଇଛି ଏଇ କଟକ ନଗରୀ ।

ଅଲରା, ନରସିଂହପୁର, କଟକ
ଦୂରଭାଷ : ୯୯୩୭୭୮୨୦୭୯

ମାତୃଭାଷା

# ଶିଶୁ ଦୁନିଆ





— ଆମ ଠିକଣା —
ମାତୃଭାଷା, ସାର୍ଥକ ପ୍ୟାଲେସ୍, ପ୍ଲଟ୍ ନଂ-୧୫୭୦/୧୫୭୧, ସେକ୍ଟର-୬, ସିଡିଏ, କଟକ

## ପୂଣ୍ୟ କାର୍ତ୍ତିକ ପୁନେଇଁ....

ଆଜି ପରା ପୂଣ୍ୟ କାର୍ତ୍ତିକ ପୁନେଇଁ
ବୋଇତ ବନ୍ଦାଣ ହେବ
ଉତ୍କଳ ଗୌରବ ହୃତ ନୌବାଣିଜ୍ୟ
ପରାଣେ ଖୁସି ଭରିବ ।
କଦଳୀ ବାହୁଂଗା ଡଂଗା ରୂପ ନେବ
ପାନ ଗୁଆ ଥୁଆ ହେବ
ମାଟିରେ ତିଆରି ଶିଳ ଚକି ଆଦି
ଡଂଗାରେ ସ୍ଥାନ ପାଇବ ।
ଧନର ପ୍ରତୀକ ପଇସାକୁ ରଖି
ପୂଜବେ ଡଂଗାକୁ ସର୍ବେ
ବଳିତା ଲଗାଇ ବନ୍ଦାପନା କରି
ମେଲାଣି ଦେବେ ଗରବେ ।
ଆମ ରାଇଜରେ ଏ ପୂଣ୍ୟ ପର୍ବକୁ
ପାଳିବା ଜନେ ଶ୍ରଦ୍ଧାରେ
ଆ..କା..ମା..ବୈ ଗୀତକୁ ହରଷେ
ଗାଇବେ ଏକ ସ୍ୱରରେ ।

ସୂକ୍ଷ୍ମ ପଟ୍ଟ ବସ୍ତ୍ର ସାଥେ ପଣ୍ୟ ଦ୍ରବ୍ୟ
ପଡୋସୀ ଦେଶକୁ ନେଇ
ଉତ୍କଳର ନାମ ଉଚ୍ଚ କରିଥିଲେ
ଆମରି ସାଧବ ଭାଇ ।
ସାଧବ ଭାଇଙ୍କ ସାହସିକତାକୁ
ଅମର ରଖିବା ପାଇଁ
ବୋଇତ ବନ୍ଦାଣ ପରମ୍ପରା ଆମ
ପାଳିବେ ଭଉଣୀ ଭାଇ ।
ଆସ ମିଳିମିଶି ଏ ପୂଣ୍ୟ ଦିନରେ
ଏକତା ଭାବ ରଖିବା
ସୁଖ ସମୃଦ୍ଧିର କାମନାର ସାଥେ
ଡଂଗାକୁ ମେଲାଣି ଦେବା ।

*ରାମଚନ୍ଦ୍ର ବେହେରା*
*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*



## ନାଆଁ ତା କାର୍ତ୍ତିକ ପୁନେଇଁ

ଧରମ ମାସର ପବିତ୍ର ଦିନଟି
ନାଆଁ ତା କାର୍ତ୍ତିକ ପୁନେଇଁ -
ବୃନ୍ଦାବତୀ ପାଶେ ମୁରୁଜ ପକାନ୍ତି
ନାରୀଏ ବନେଇଁ ଚୁନେଇଁ,
ଶେଷ ପାଞ୍ଚଦିନ ପଞ୍ଚୁକ ପାଳନ୍ତି
ସଭିଏଁ ତ ମନ ଦେଇକି -
କାଗଜ ତିଆରି ଡଙ୍ଗା ଯେ ଭସାନ୍ତି
ନଈ ପୋଖରୀରେ ନେଇକି,
ଠାବେ ଠାବେ ହୁଏ ନାମ ସଂକୀର୍ତ୍ତନ
ପାଲା ପ୍ରବଚନ ଭଜନ -
ବରଷର ପାପ ଧୋଇ ଦେଇ ଲୋକେ
କରିଥାନ୍ତି ପୁଣ୍ୟ ଅର୍ଜନ,
ଭିଡ଼ ଜମିଥାଏ ଠାକୁର ମନ୍ଦିରେ
ନନା ମନ ଖୁସି ହୁଅଇ -
କିଏ ଦାନ କରେ ଅକୁଣ୍ଠ ଚିତ୍ତରେ
କିଏଯେ ଅନ୍ୟକୁ ଖୁଆଇ,
ଏହି ସମୟରେ କଟକ ସହରେ
ହୋଇଥାଏ ବାଲି ଯାତରା -
ଧାର୍ମିକ ଯେତେକ ଧରମ କରନ୍ତି
ଉଗୁରି ହୁଅନ୍ତି ବାତରା ।

*ଜୟନ୍ତ କୁମାର ମଲ୍ଲିକ୍ -*
*ଶୂରଡିହ,*
*ନନ୍ଦିପୁର, ଦଶରଥପୁର, ଯାଜପୁର*
*ମୋ;୬୯୪୩୭୮୬୫୭୨୭*

## କାର୍ତ୍ତିକ ପୂର୍ଣ୍ଣିମା

ଶରତ ଆକାଶେ ଜହ୍ନ ହସୁଅଛି
ଚିକିମିକି ତାରାଫୁଲ ଫୁଟିଛି
ସୁଲୁସୁଲୁ ବାଆ ଶୀତଳ ପରଶେ
କାର୍ତ୍ତିକ ପୂର୍ଣ୍ଣିମା ଆସିଛି ।।
ପ୍ରକୃତି ରାଣୀର ଗଭାରୁ ଝରୁଛି
ଟୋପା ଟୋପା କାକର
ଚଉଦିଗେ ଶୁଭେ ହରିନାମ ଡାକ
ଲାଗୁଛି କେଡେ ସୁନ୍ଦର ।।
ପୋଖରୀ ତୁଠରେ ହୁଳହୁଳି ଶୁଭେ
ଶୁଭଇ ଅ-କା-ମା-ବୈ
ପୁଣ୍ୟର ଡ଼ଙ୍ଗା ଭସାନ୍ତି ସଭିଏଁ
ପାନ ଗୁଆ ଫୁଲ ଥୋଇ ।।
ହୃଦୟରେ ଜାଳି ଭକ୍ତିର ଅର୍ଘ୍ୟ
ସଭିଏଁ ପାର୍ଥନା କରନ୍ତି
ପବିତ୍ର ମନରେ ସଭିଏଁ ମିଶି
ହରି ନାମ ଜପ କରନ୍ତି ।।
ଚଉରା ମୂଳରେ ମୁରୁଜ ଆଙ୍କି
ତୁଳସୀ ପୂଜା କରନ୍ତି
ପୂର୍ବ ପୁରୁଷଙ୍କୁ ମନେ ପକେଇ
ଆକାଶ ଦୀପ ଜାଳନ୍ତି ।।
କାର୍ତ୍ତିକ ପୂର୍ଣ୍ଣିମା ଅବସରେ ହୁଏ
ବୋଇତ ବନ୍ଦାଣ ଉତ୍ସବ
ପବିତ୍ର ମନରେ ସଭିଏଁ ପାଳନ୍ତି
ଏ ପୁଣ୍ୟର ପର୍ବ ।।
ପବିତ୍ର ଏ ତିଥି ପବିତ୍ର ଏ ଦିନ
ପବିତ୍ର ଏ କାର୍ତ୍ତିକ ପୂର୍ଣ୍ଣିମା
ଅସରନ୍ତି ଏହି ଦିବସ ମହିମା ଯାର
ବର୍ଣ୍ଣନାର ନାହିଁ ସୀମା ।।

*ରମାକାନ୍ତ ଦାସ*
*ନନ୍ଦିଗ୍ରାମ , ନାଉଗାଁ,*
*ଜଗତସିଂହପୁର*
*ମୋ - ୯୬୬୮୮୧୫୩୬୯*

# ଆଳସ୍ୟ ଦୁଃଖର କାରଣ



ଗୋଟିଏ ଘରେ ବିଲେଇଟିଏ ରହୁଥାଏ । ତା'ର ଯୋଗୁଁ ସେ ଘରକୁ ଆଦୌ ମୂଷା ଆସୁ ନ ଥାନ୍ତି । ତେଣୁ ମୂଷା ମାନଙ୍କ ଦ୍ୱାରା ହେଉଥିବା କ୍ଷୟକ୍ଷତି ସେ ଘରେ ହେଉ ନ ଥାଏ । ସେଥିପାଇଁ ସେ ବିଲେଇକୁ ସେ ଘରର ସମସ୍ତ ସଦସ୍ୟ ଖୁବ୍ ଆଦର କରୁଥା'ନ୍ତି । ଠିକ୍ ଭାବରେ ଖାଇବାକୁ ପାଇ ସେ ହୃଷ୍ଟପୁଷ୍ଟ ଦେଖାଯାଉଥାଏ ।

ଏମିତି ଅନେକ ଦିନ ବିତିଗଲା । ତା'ର ଭୟରେ ସେ ଘରକୁ ମୂଷା ଆସୁ ନ ଥିବାରୁ ସେ ନିଜେ ଅଚିନ୍ତା ରହିଲା । କେବଳ ଖାଇ ଖାଇ ସେ ଅଳସୁଆ ହୋଇଗଲା । ଦିନେ ସେ ଘରକୁ ଗୋଟିଏ ମୂଷା ସାହସ ଜୁଟାଇ ଆସିଲା । ଦେଖିଲା ବିଲେଇଟି ଆରାମରେ ଶୋଇଛି । ମୂଷାଟି ଚୁପଚାପ ଲୁଚି ଲୁଚି ଭଣ୍ଡାର ଘରକୁ ଗଲା । ନିଜ ପେଟ ଭର୍ତ୍ତିକରି ଖାଇଲା । ଏମିତି ତିନି ଚାରି ଦିନ ସେ ମୂଷାଟି ଆସିଲା ପରେ ତା'ର ସାଙ୍ଗରେ ଆହୁରି ଦୁଇଟି ମୂଷା ଆସିଲେ । ସେମାନେ ମଧ୍ୟ ପେଟ ପୂରା ଖାଇ ସାରି ଅନ୍ୟାନ୍ୟ ଜିନିଷ କାଟି ନଷ୍ଟ କଲେ । ଭୋର ସକାଳରୁ ସେମାନେ ବିଲେଇ ଠାରୁ ବଞ୍ଚିବା ପାଇଁ ଲୁଚି ପଳାଇ ଯାଉଥିଲେ । ଏ ସବୁ କଥାକୁ ବିଲେଇ ଆଦୌ ଜାଣିପାରୁ ନ ଥିଲା ।

କିଛି ଦିନ ପରେ ସେ ଘରର ଲୋକେ ମୂଷାଙ୍କ ଆସୁଥିବା କଥା ଏବଂ ଜିନିଷପତ୍ର ନଷ୍ଟ କରୁଥିବା କଥା ଜାଣି ପାରିଲେ । ସମସ୍ତେ ଭାବିଲେ ଏ ବିଲେଇଟା ଅଳସୁଆ ହେଇଗଲାଣି ବୋଧହୁଏ । ତେଣୁ ସେ ମୂଷାମାନେ ଆସୁଥିବା କଥା ଜାଣି ପାରୁ ନାହିଁ । ସେହିଦିନ ସେ ଘରର ସମସ୍ତେ କିଛିଦିନ ପାଇଁ ବାହାରକୁ ବୁଲିବା ପାଇଁ କବାଟ ଝରକା ବନ୍ଦ କରିଗଲେ । ଗୋଟିଏ ଭଙ୍ଗା ଝରକା ବାଟରେ ସେ ଯାଆ ଆସ କରୁଥାଏ । ଦିନେ କି ଦୁଇଦିନ ସେ କଷ୍ଟରେ ଖାଇବା ପାଇକି ଦିନ କାଟିଲା । ଖାଦ୍ୟ ଖୋଜିକି ଖାଇବାର ଅଭ୍ୟାସ ଛାଡ଼ିଦେଇଥିଲା । ତେଣୁ ତାକୁ ବହୁତ କଷ୍ଟ ଲାଗୁଥାଏ । ଦିନେ ସନ୍ଧ୍ୟାରେ ସେ ଘରେ ଖାଦ୍ୟ ଖୋଜୁଥିବା ବେଳେ ମୂଷାମାନେ ଥିବାର ଜାଣି ପାରିଲା । ଗୋଡ଼େଇ ଗୋଡ଼େଇ ସେ ମୂଷାମାନଙ୍କ ମଧ୍ୟରୁ ଦୁଇଟା ମାରି ଖାଇଲା । ପୂର୍ବ ଭଳି ସେ ଶିକାର କରି ପାରିଲା । ସେ ଘରେ ଖାଇବା ଅପେକ୍ଷା ଏ ଘର ସେ ଘର ହୋଇ ମୂଷା ତଥା ଅନ୍ୟାନ୍ୟ ଖାଦ୍ୟ ଖାଇ ବଞ୍ଚିଲା ।

କିଛି ଦିନ ପରେ ସେ ଘରର ସଦସ୍ୟମାନେ ବୁଲିକି ଆସିବା ପରେ ଦେଖିଲେ ବିଲେଇଟି ଘର ବାରଣ୍ଡାରେ ବସିଛି । ଆଗ ଭଳି ନ ଥିଲା; କିନ୍ତୁ ସୁସ୍ଥ ସବଳ ଥିଲା । ଦେଖିବାକୁ ଚଞ୍ଚଳ ଥିଲା । ଅଳସୁଆ ନ ଥିଲା । ମ୍ୟାଉ ମ୍ୟାଉ କରି ତା'ର ଖୁସି ଥିବା ଭାବକୁ ସେ ପ୍ରକାଶ କରୁଥିବାର ସେ ଘରର ସଦସ୍ୟମାନେ ସ୍ପଷ୍ଟ ବୁଝି ପାରୁଥିଲେ । ମୂଷାଙ୍କ ଉପଦ୍ରବ ବି ସେମାନେ ଆଉ ଦେଖିଲେ ନାହିଁ । ଏଥର ବିଲେଇଟି ବୁଝି ପାରିଲା ଯେ ଖାଇ ଖାଇକରି ଅଳସୁଆ ହୋଇ ରହିଲେ ନିଜର ଦାୟିତ୍ୱ ଏବଂ କର୍ତ୍ତବ୍ୟକୁ ତୁଲାଇବାରେ ଅବହେଳା ସୃଷ୍ଟି ହେବା ସଙ୍ଗେ ସଙ୍ଗେ ନିଜ ଉପରକୁ ଅନେକ କଷ୍ଟ ଆସିଥାଏ । ସେଦିନ ଠୁ ସେ ପୂର୍ବ ଭଳି ସେଇ ଘରେ ରହିଲା ଏବଂ କର୍ମ ତତ୍ପର ହେଲା ।

*ସନ୍ତୋଷ କୁମାର ଅଦାବର*
*ସୁବର୍ଣ୍ଣପୁର, ମୋ-*
*୯୭୭୭୯୧୦୭୨୮*

## ଶୀତ

**ସୁଦର୍ଶନ ମହାପାତ୍ର**

ହେମନ୍ତ ପଶ୍ଚାତେ ହିମମୟୀ ଶୀତ
ଋତୁଚକ୍ର ପରେ ଆସେ
ତା' ପରଶ ପାଇ ସସାଗରା ଧରା
ଅମୀୟ ଆନନ୍ଦେ ହସେ ।।

ପୂରବା ସୁନ୍ଦରୀ ମଥାରେ ସିନ୍ଦୁର
ସକାଳ ସୂରୁଜ ରଚେ
ଘାସ ଗାଲିଚାରେ କାକର ମୁକୁତା
ହିମର ପ୍ରଭାତି ସିଞ୍ଚେ ।।

କୁହୁଡ଼ି ଚାଦର ସତେ କେ ବିଛାଏ
ଗାଆଁ ଗଣ୍ଡା ଠୁ ସହର
ଝାପ୍ସା ଝାପ୍ସା ଦିଶେ ଦାଣ୍ଡ ବାଟ ଘାଟ
ପଡିଆ କ୍ଷେତ ଖମାର ।।

ସୋରିଷ କ୍ଷେତରେ ଅଳସ ଭାଙ୍ଗଇ
ପାହାନ୍ତି ପହର ଶୀତ
ଫୁକିଆ ତାରାକୁ ବିଦାୟ ଜଣାଇ
କୁକୁଟ ର ଶୁଭେ ଗୀତ ।।

ଶୁଭ୍ର କାଶତଣ୍ଡୀ ନେଇଛି ବିଦାୟ
ଚହଟେ ରଜନୀଗନ୍ଧା
ମନ୍ଦ ପବନର ମହକ ଭିତରେ
ମନ ହୋଇଯାଏ ବନ୍ଧା ।।

ସୁନାର ଫସଲ କ୍ଷେତ ପରେ ଯେବେ
ହସୁଥାଏ କିରି କିରି
ଚାଷୀର ମୁହଁରେ ଖୁସି ଦୃଶ୍ୟମାନ
ଆକାଶର ଚାନ୍ଦ ପରି ।।

ମନ ବଗିଚାରେ ଶାଶ୍ୱତୀ ଶେଫାଳି
ଫୁଟି ବାସ୍ନାୟିତ ନିତି
ଆଶା ଆକାଂକ୍ଷାର କୋରକିତ ସ୍ୱପ୍ନ
ଗାଏ ଉନ୍ମେଷର ଗୀତି ।।

*କୁଞ୍ଜବିହାରୀ ଲେନ, କଟକ*



## କଟକ ସହର

ଦୁଇ ପଟେ ମହାନଦୀ କାଠଯୋଡି ଉଭା
ନରାଜରୁ ବିସ୍ତାରିତ ଏ ଭୂଖଣ୍ଡ ଶୋଭା,
ହଜାର ବର୍ଷରୁ ଊର୍ଦ୍ଧ୍ୱ କଟକ ସହର
ବାରବାଟୀ ଦୁର୍ଗ କହେ ଇତିହାସ ଯା'ର ।।
ବାଇମୁଣ୍ଡି ସପ୍ନ ସିଦ୍ଧ ବନ୍ଧ ଚକ୍ରାକାର
ବନ୍ୟା କ୍ଷୟକ୍ଷତିଠୁ ସେ କରୁଛି ଉଦ୍ଧାର,
ମା' ଚଣ୍ଡୀ ବିଜେ ଏଇ କଟକେ ସାକ୍ଷାତ
ଶ୍ରଦ୍ଧା ସମର୍ପଣେ କୋଟି ଭକ୍ତ ସମବେତ।।
ଏ ମାଟିରେ ଜନ୍ମିଛନ୍ତି କେତେ ସୁରବୀର
ସେବା କରିଛନ୍ତି ପ୍ରାଣେ ଦେଶ ଓ ଜାତିର,
ଭାଇଚାରାର ଏ ସହର ସଦେବ ମହାନ
ପ୍ରତି ସମ୍ପ୍ରଦାୟକୁ ମିଳେ ଉଚିତ ସମ୍ମାନ ।।
କଳା ସଂସ୍କୃତି କ୍ଷେତ୍ରରେ ଲଭିଛି ଉତ୍କର୍ଷ
ତାରକସି କାମ ପାଇଁ ପ୍ରଶଂସଇ ବିଶ୍ୱ,
ଦଶହରା ପର୍ବ ଏଠି ସବୁଠୁ ନିଆରା
ବାଲିଯାତ୍ରା ଯହିଁ ଖୁସି ବିପଣି ପସରା ।।
ଧନ୍ୟ ତୁମ ସ୍ନେହ ଶ୍ରଦ୍ଧା କଟକିଆ ବାସୀ
କଥା ପଦକରେ ଥାଏ ସତେ କେତେ ଖୁସି,
ସ୍ନେହ ଅନୁରାଗେ ଭରା ତୁମ ହୃଦ ସ୍ଥଳ
ଶାନ୍ତି ମୈତ୍ରୀ ପ୍ରେରଣାର ଭାବ ସମୁଜ୍ଜଳ ।।
ଜୀବନ ଜୀବିକାର ଏଠି ଅପୂର୍ବ ବିନ୍ୟାସ
ରୋଗୀ ବଇରାଗୀ ମୁଖେ ଫୁଟିଥାଏ ହସ,
ଐତିହ୍ୟର ମୂକସାକ୍ଷୀ ଉଚ୍ଚ ନ୍ୟାୟାଳୟ
କଟକ ପ୍ରକାଶେ ପ୍ରଥା ପ୍ରବୁଦ୍ଧ ଅନ୍ୱୟ ।।

*ଆଦ୍ୟାଶା ମହାପାତ୍ର*
*ନୂଆପଡା, କଟକ*

# ହାତୀ ଓ ବାଣ କଥା

ମୁନାଘରର ପରିବାର ଗାଁରେ ରହୁଥାନ୍ତି । ଦୀପାବଳୀ ଦିନ ମୁନାର ମନ ଭଲନଥାଏ କାରଣ ଗାଁରେ ଥିବା ତାର ସବୁ ସାଙ୍ଗମାନଙ୍କ ଘରେ ଘରେ ଢେର ସାରା ବାଣ କିଣାହୋଇଥାଏ କିନ୍ତୁ ତାଙ୍କ ଘରେ ମାଆ ଦୀପରେ ତେଲ ଢାଳି ବଳିତା ସଜାଡୁ ଥାଆନ୍ତି । ଜେଜେ ଛାତ ଉପରେ ଚଉରା ସହ ପାଚେରୀ ଚାରିପଟେ ରଙ୍ଗ କରିଦେଇଥିଲେ ମଧ୍ୟ ବାଣ ଆଣିନାହାଁନ୍ତି ପୁଣି ଜେଜେମା ଘରେ ଥିବା ମୁରୁଜ ଚିତା ପକାଇବା ସଙ୍ଗେ ସଙ୍ଗେ ନୂଆ ଶାଢ଼ୀ, ଧୋତି ଓ ଚାଦର କିଣି ଜୋର ଶୀତ ଆସିବା ପୂର୍ବରୁ ଗରୀବ ଲୋକମାନଙ୍କୁ ଦାନ କରିବାକୁ ଯୋଜନା କରିଥାନ୍ତି ତ ବାପା ପୟାଶ୍ରାଦ୍ଧ ପାଇଁ ସବୁ ଜିନିଷ କିଣି ଆୟୋଜନ କରୁଥାନ୍ତି ଶ୍ରଦ୍ଧାରୁ ଶ୍ରାଦ୍ଧ ବୋଲି କହୁଥାନ୍ତି ।ଏତିକି ବେଳେ ମୁନାର ସାଙ୍ଗ ମୁନାକୁ କହିଲା, 'ଆରେ ମୁନା ତୁ ଆଜି ସନ୍ଧ୍ୟାରେ ଆମ ଘରକୁ ଆଗ ଆସିବୁ, ଆମେ ଦୁହେଁ ମିଶି ବାଣ ଫୁଟାଇ ବହୁତ ମଜା କରିବା । ଆଉ ତା' ପରେ ପୁଣି ତମ ଘରକୁ ଯିବା ।' ମୁନା ତା' ସାଙ୍ଗ ଘରକୁ ଯାଇ ଦେଖିଲା ରଙ୍ଗବେରଙ୍ଗ ଆଲୋକମାଳାରେ ସଜା ହୋଇଥାଏ ତାଙ୍କ ଦୁଇ ମହଲା କୋଠା । ବଜାରରୁ ବିଭିନ୍ନ ପ୍ରକାରର ଦାମି ମିଠାଇ ସହିତ ବର୍ଗର, ପିଜା, କପଡ଼ା ବାରୁଦରେ ତିଆରି ହୋଇଥିବା କେତେ ପ୍ରକାରର ବିଦେଶୀ ବାଣ, ଏମିତିକି ଫାଟିଲେ ବହୁତ ଜୋର ଜୋରରେ ଶବ୍ଦ କରୁଛି ।ଭଳିଭଳିକା ରଙ୍ଗୀନ ଧୂଆଁ ବାହାରି ଅନେକ ଡିଜାଇନରେ ଖେଳି ଯାଉଛି, ଏମିତି ଆହୁରି କିଛି ।ତାହା ସବୁ ଉପଭୋଗ କରିବା ପରେ ଦୁଇଜଣ ସାଙ୍ଗ ଫେରି ଆସିଲେ ମୁନାଙ୍କ ଘରକୁ ।ଏବେ ମୁନାର ବାପା, ମା', ସମସ୍ତ ପରିବାର; ମୁନା ଏବଂ ତା' ସାଙ୍ଗ ମିଳିମିଶି ମହମବତୀ ଦୀପ ଲଗାଇ ଘଣ୍ଟ ଘଣ୍ଟା ବଜାଇ ଦିଅଁ ଦେବତାଙ୍କୁ ପୂଜା କରିବା ପରେ ଅଗଣାରେ ପିମ୍ପେଇ ଖାଡି ବା କାଉଁରିଆ କାଠି ଜଳାଇ ବଡ଼ବଡୁଆଙ୍କୁ ଡାକିଲେ ।ଶେଷରେ ସମସ୍ତେ ଏକାଠି ବସି ଘରେ ତିଆରି ହୋଇଥିବା ସୁସ୍ୱାଦୁ ଭୋଜନ କରି ପରସ୍ପର ମଧ୍ୟରେ ସ୍ନେହ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶଟିଏ ସୃଷ୍ଟି କଲେ ।ସବୁ ସରିବା ପରେ ମୁନା ପ୍ରଶ୍ନ କଲା ତା' ବାପାଙ୍କୁ, ଯାହା ଯାହା ଦେଖିକରି ଆସିଥିଲା ତା' ସାଙ୍ଗ ଘରୁ, ସବୁ କଥା କହିଲା ।ଶୁଣି ସାରିବା ପରେ ମୁନାର ବାପା ମୁନାକୁ ଓ ତା' ସାଙ୍ଗକୁ ବୁଝାଇଲେ । ଦେଖ ପିଲାମାନେ ଦୀପାବଳି ଉତ୍ସବ ହେଉଛି ଆଲୋକର ପର୍ବ ।ଆମେମାନେ ସମସ୍ତେ ଏହି ପର୍ବରେ ମହମବତୀ ଆଉ ଦୀପ ଜଳାଇ ଅନ୍ଧାର ଦୂର କରିଥାଉ । ସୁଖ ଓ ସମୃଦ୍ଧି ପାଇଁ ଆମକୁ ଦୁନିଆକୁ ଆଣିଥିବା ଆମ ପୂର୍ବପୁରୁଷମାନଙ୍କୁ ଏହି ପବିତ୍ର ଦିନରେ ସ୍ମରଣ କରିଥାଉ ।ଏହା ବ୍ୟତିତ ଘରେ ତିଆରି ହୋଇଥିବା ଜିନିଷ ମା' ନିଜ ହାତରେ କରିଥିବା ପିଠା ପଣାରେ ଯେଉଁ ସ୍ୱାଦ ଥାଏ ତାହା ବଜାରରୁ ଆସିଥିବା କୌଣସି ଜିନିଷରେ ନଥାଏ । ଆଉ ବାକି ରହିଲା ବାଣ ।ବାଣ ଫୁଟାଇବା ଦ୍ୱାରା ସେଥିରୁ ଯେଉଁ ବିଷାକ୍ତ ଧୂଆଁ ନିର୍ଗତ ହୁଏ ତାହା ଆମ ବାୟୁମଣ୍ଡଳକୁ ଦୂଷିତ କରିଥାଏ ।ସେହି ବାୟୁକୁ ଆମେ ନିଶ୍ୱାସ ପ୍ରଶ୍ୱାସ ଆକାରରେ ଗ୍ରହଣ କରିଥାଉ ଯାହା ଆମ ଶ୍ୱାସ ନଳୀ ରନ୍ଧ୍ର ଉପରେ ପ୍ରଭାବ ପକାଇଥାଏ । ବେଳେବେଳେ ବାରୁଦ ଆମ ହାତରେ ଲାଗିଯାଇ ହାତ ଜଳିଯାଏ ଖଣ୍ଡିଆ ଖାବଡା ହୁଏ । ଆଖିରେ ପଡ଼ିଗଲେ ଆଖି ନଷ୍ଟ ହୋଇଯାଏ ।ଆହୁରି ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବିଜୁଳି ହେଉଛି ଆମ ରାଷ୍ଟ୍ରୀୟ ସମ୍ପଦ, ତାକୁ କେବେ ନଷ୍ଟ କରିବା ନାହିଁ ।ଆବଶ୍ୟକ ଅନୁଯାୟୀ ତାହା ବ୍ୟବହାର କରିବା ନଚେତ ନୁହେଁ । ଆମେ ବିଜୁଳି ସଞ୍ଚୟ କରି ରଖିଲେ ଆମ ଆଗାମୀ ପିଢ଼ୀଙ୍କ କାର୍ଯ୍ୟରେ ଲାଗିବ । ତେଣୁ, ଆମେ ସବୁବେଳେ ଏପରି ଅନୁଚିତ କାର୍ଯ୍ୟରୁ ଦୂରେଇ ରହିବା ।



ଏଥର ମୁନା ଓ ତା' ସାଙ୍ଗ ଦୁହେଁ ବୁଝିପାରିଲେ ।ନିଜେ ସଚେତନ ହେବା ସଙ୍ଗେ ସଙ୍ଗେ ସମାଜରେ ସମସ୍ତଙ୍କୁ ସଚେତନ କରାଇବା ପାଇଁ ପ୍ରତିଶ୍ରୁତି ଦେଲେ ।ଆସନ୍ତାଥର ଦୀପାବଳିରେ ବାରୁଦ ବାଣ ବ୍ୟବହାର ନକରି ଦୀପ ଆଉ ମହମବତୀରେ ଆଲୋକର ପର୍ବ ଦୀପାବଳି ପାଳନ କରିବା ପାଇଁ ସ୍ଥିର କଲେ ।ବଡ଼ବଡୁଆ ହେ ଅନ୍ଧାରେ ଆସି ଆଲୋକେ ଯାଅ ବୋଲି କାଉଁରିଆ ଜାଳି ସଂସ୍କୃତି ଓ ପରମ୍ପରା ବଜାୟ ରଖିବେ ।ପରିବେଶ ସ୍ୱଚ୍ଛ ରଖିବା ସହ ସୁସ୍ଥ ରହିବା ନିହାତି ଆବଶ୍ୟକ ବୋଲି ବୁଝି ବୁଝାଇବେ ବୋଲି ଶପଥ ନେଇଥିଲେ ।କିନ୍ତୁ ଗାଁକୁ ଆସିଥିବା ହାତୀପଲଙ୍କ ଦ୍ୱାରା ଚାଷବାସ ଓ ଘରଦ୍ୱାର ଉଜୁଡୁଥିବା ଦେଖି ରହିଯାଇଥିବା ବାଣ ମାରି ହାତୀଙ୍କୁ ଘଉଡ଼େଇ ଦେବାକୁ କେହି କେହି ବାଣ ମାରିଥିଲେ ତ ହାତୀପଲ ପଳେଇ ଯାଇଥିଲେ ସତ କିନ୍ତୁ ମୁନା ଓ ତା ସାଙ୍ଗମାନେ ଗ୍ରାମବାସୀମାନଙ୍କୁ ବୁଝେଇଥିଲେ କି ବାରୁଦ ପ୍ରୟୋଗରେ ଗାଁ ପରିବେଶ ଓ ହାତୀଙ୍କର ମଧ୍ୟ କ୍ଷତି ହୋଇପାରେ ତେଣୁ ଏଣିକି ହାତୀପଲ ଆସିଲେ ତାଙ୍କୁ ନିଆଁହୁଳା ଦେଖାଇ ଗାଁରୁ ତାଙ୍କ ବିସ୍ଥାପନ କରିବାକୁ ପଡିବ । ସମସ୍ତେ ଏ ପ୍ରସ୍ତାବରେ ରାଜି ହୋଇଥିଲେ ।

**ସୁନନ୍ଦା ମହାନ୍ତି,**
**ସାକ୍ଷୀଗୋପାଳ, ପୁରୀ**
**୯୦୪୦୯୭୭୩୨୭**

## ଆସିଛି ବାଲି ଯାତରା

ବିଶ୍ୱର ପ୍ରସିଦ୍ଧ ବାଲି ଯାତରାଟି
ପୁନେଇଁ ତିଥିରେ ହୁଏ
ସାଧବ ପୁଅଙ୍କ ଯଶ ଗଉରବ
ଅତୀତର ଗାଥା ଗାଏ ।
ରଙ୍ଗ ବେରଙ୍ଗର ଆଲୋକ ସଜ୍ଜାରେ
କଟକ ସହର ହସେ
ବରଷକେ ଥରେ ମାଳମାଳ ହୋଇ
ଦୋକାନ ଏକାଠି ବସେ ।
ମାମୁଁଙ୍କ ସାଥିରେ ଟୁକୁନା ମାମୁନି
ବାଲି ଯାତରାକୁ ଗଲେ
ମିଠା ଖଜା ଖାଇ ଖେଳନା କିଣିଲେ
ଦୋଳିର ମଜାଟି ନେଲେ ।
ବାଲିଯାତରାରେ କଣ୍ଢେଇର ନାଚ
ଲେଜର ଲାଇଟି ଦେଖି
ଟୁକୁନା ମାମୁନି ଚକିତ ହୋଇଲେ
ଆଖି ଯାଇଥିଲା ଲାଖି ।
କୁଇଜି ଇଂରାଜୀ ବିଜ୍ଞାନ ବହିକୁ
ଟୁକୁନା ଆଣିଲା ହସି
ବଡହୋଇ ଭଲ ମଣିଷଟେ ହବ
ପାଠ ପଢ଼ିବ ସେ ବସି ।
ଗୀତ ଗପ ସାଥେ ବର୍ଣ୍ଣବୋଧ ବହି
ମାମୁନି ଆଣିଛି କିଣି
ଅଜା ଆଇଙ୍କୁ ସେ ପଢି ହସାଇବ
ଆଣିଅଛି ହସମୁଣି ।
ଠୁଙ୍କାପୁରି ଚାଟ୍ ଆଇସକ୍ରିମ ମିଠା
ଆଳୁଦମ୍ ଦହିବରା
ବାଲିଯାତରାରେ ବୁଲି ଖାଉଥିଲେ
ଲାଗଇ ଭାରି ନିଆରା ।
ଦୂର ଦୂରାନ୍ତରୁ ଆସନ୍ତି ଜନତା
ମନରେ ହରଷ ଭରି
ଯାତ୍ରାର ମଜାଟି ନେଇଥାନ୍ତି ମିଶି
ପରିବାର ସାଥେ ଧରି ।
କଣ୍ଠଶିଳ୍ପୀଙ୍କର ସଙ୍ଗୀତର ଯାଦୁ
ଚଉ ଦିଗ ଖେଳି ଯାଏ
ବିଭିନ୍ନ ରାଜ୍ୟର ଲୋକକଳା ନୃତ୍ୟ
ସବୁରି ମନକୁ ମୋହେ ।

**ନଳିନୀ ଦାଶ**
ଭିକାରିପଡା, ଶରଣକୁଳ, ନୟାଗଡ଼
ଦୂରଭାଷ-୯୨୩୮୯୯୬୬୪୯





## କାର୍ତ୍ତିକ ପୂର୍ଣ୍ଣିମା

ବାରମାସେ ତେର ପରବ ପାଳିଣ
ଆମରି ଓଡ଼ିଆ ଜାତି
ଭାବ ଭକ୍ତି ପୂର୍ଣ୍ଣ ହୃଦେ ଈଶ୍ୱରଙ୍କ
ସଙ୍ଗରେ ବଢାନ୍ତି ପ୍ରୀତି ।
କାର୍ତ୍ତିକ ମାସାନ୍ତ ପାହାନ୍ତି ପ୍ରହରେ
ଡଙ୍ଗା ଭସା ପର୍ବ ଆସେ
ନଦୀ ପୋଖରୀରେ ସୋଲ ଓ କାଗଜେ
ତିଆରି ବୋଇତ ଭାସେ ।
ଗୁଆ, ପାନ, ଅକ୍ଷତ ଥୋଇ ଭକ୍ତିରେ
ସଳିତା ତହିଁରେ ଜାଳି
ଆ-କା-ମା-ବୈ ଉଚ୍ଚାରିଣ ଭସାନ୍ତି
ଡଙ୍ଗା କେତେ ଭଳି ଭଳି ।
ଏକଦା ରାଜ୍ୟ ସାଧବ ପୁଅ ମାନେ
ଦରିଆର ବୁକୁ ଚିରି
ଯାଉଥିଲେ ଜାଭା, ସୁମାତ୍ରା ଦ୍ୱୀପକୁ
ବୋଇତେ ବାଣିଜ୍ୟ କରି ।
ଆଣୁଥିଲେ ଧନ ରତନ ବିଦେଶୁ
ବଢାଇ ଜାତିର ମାନ
କର୍ପୂର ଯାଇଛି କନା ପଡ଼ିଅଛି
ହଜି ଯାଇଛି ସେ ଦିନ ।
ଆଜିର ଦିନଟା ଉଜ୍ଜିବିତ କରେ
ଅତୀତ ଗୌରବ କଥା
ଆମ ଉତ୍କଳ ଉଜ୍ଜ୍ୱଳ ପରମ୍ପରା
ଗାଇ ଐତିହ୍ୟ ର ଗାଥା ।
ଆସ କୁନାକୁନି ସମୃଦ୍ଧ ଉତ୍କଳ
ଗଠନରେ ହେବା ବ୍ରତୀ
ସମ୍ମିଳିତ ଭାବେ ପ୍ରୟାସେ ଆମର
ଉନ୍ନତ ହେବ ଏ ଜାତି ।

*ସୁଧାକର ରାଉତ*
*ପ୍ରତାପ ନଗରୀ, କଟକ*
*ମୋ - ୮୨୪୯୯୩୨୭୯୨*

## ବୋଇତ ବନ୍ଦାଣ କରିବା



ଆସ ଆସ ଭାଇଭଉଣୀ
ବୋଇତ ବନ୍ଦାଣ କରିବା
ଧରମ ଡ଼ଙ୍ଗାକୁ ଭସାଇ
ଧରମ ବାଟକୁ ଧରିବା ।
ପଞ୍ଚକର ଶେଷ ଲଗନେ
ବୋଇତ ବନ୍ଦାଣ ହୁଅଇ
ଡ଼ଙ୍ଗାକୁ ପାଣିରେ ଭସାଇ
ପାନଗୁଆ ମାମା ଥୁଅଇ ।
ସୋଲ, କାଗଜ ଓ ପଟୁକା
ଡ଼ଙ୍ଗା ତିଆରିରେ ଲାଗଇ
ନଦୀ, ପୋଖରୀରେ ଡ଼ଙ୍ଗାକୁ
ଭସାଇବା ମନେ ଜାଗଇ ।
କଳିଙ୍ଗ ସାଗରେ ସାଧବେ
ବିଦେଶକୁ ବାହି ନଉକା
ବେପାର ବଣିଜ କରନ୍ତି
ମିଳିଥାଏ ତାଙ୍କୁ ମଉକା ।
ବାଲିଦ୍ୱୀପ, ଜାଭା, ସୁମାତ୍ରା
ବୋର୍ଣ୍ଣିଓକୁ ବାହି ତରୀକି
ବଣିଜ ବେପାର ସେକାଳେ
ନାନା ଦରବକୁ ଧରିକି ।
ସମୃଦ୍ଧ ହୁଅଇ କଳିଙ୍ଗ
ବିଦେଶରେ ମାନ ବଢ଼ଇ
ସାଗର ସେପାରେ ଯିବାକୁ
ସାଧବ ବୋଇତ ଗଢ଼ଇ ।
ଆଜି ସେହିଦିନ ଯାଇଛି
ସ୍ମୃତି ଯାହା ପଡ଼ିରହିଛି
ସେଦିନର କଥା ଗାଥାକୁ
ଇତିହାସ ପୋଥି କହିଛି ।
ସେହି ସ୍ମୃତି ମନେପକାଇ
ବୋଇତ ବନ୍ଦାଣ ହୁଅଇ
ଆ -କା -ମା -ବୈ ଉଚ୍ଚାରି
ପାନଗୁଆ ଆଣି ଥୁଅଇ ।
କୁନି କୁନି ଡ଼ଙ୍ଗା ନେଇକି
ଜଳାଶୟେ ଦେବା ଭସାଇ
ସଂସ୍କୃତିକୁ ରକ୍ଷା କରିବା
ଆମ ମନ ତହିଁ ରସାଇ ।

*ନିରଞ୍ଜନ ସାହୁ*
*ନିହଲ ପ୍ରସାଦ, ଗଁଦିଆ ପାଟଣା*
*ଢେଙ୍କାନାଳ-୭୫୯୦୧୬*
*ମୋ-୯୯୩୮୭୪୧୫୮୩*

## ଧରମମାସ ଏଇ କାର୍ତ୍ତିକ

ଗଲାଣି ଶରତ ଋତୁଟି ହେମନ୍ତ
ଆସିଛି ପରବ ଆଣି
ଖସୁଛି ଶିଶିର ଥରିଯାଏ ଦେହ
ଆଇ ଡରେ ଦେଖି ପାଣି ।।
ରାତିବଢିଗଲେ ଦେହକୁ ଅଳପ
ଲାଗୁଚି କାଲୁଆ ଶୀତ
ରାତି ଅଧହେଲେ ନିଦଭାଙ୍ଗିଗଲେ
ଅଜା ଗାଉଛନ୍ତି ଗୀତ ।।
ଗଲାଣିତ ପୂଜା ଦୀପାବଳି ମଜା
ଆସିଚି ପୁନେଇଁ ଧାଇଁ
ଡଙ୍ଗା ଭାସାଇବ ମଉଜ କରିବ
ଗଉରୀ ରହିଛି ଚାହିଁ ।।
ଅଳପ କୁହୁଡି ଘେରିତ ଯାଉଛି
ସରି ସରି ଗଲେ ରାତି
ପାଚି ଆସିଲାଣି କ୍ଷେତେ ଧାନ ସବୁ
ଚାଷୀର ଫୁଲଇ ଛାତି ।।
ପାହାନ୍ତିରାତିରୁ ମହକ ବିତରି
ଫୁଲତ ଗଲେଣି ଫୁଟି
ସୁନାଖୁଡୀ ତୋଳେ ସଜଫୁଲ ସ୍ୱ
ସଅଳ ନିଦରୁ ଉଠି ।।
ଫୁଲହାର ଗୁନ୍ଥି ମନ୍ଦିରକୁ ଯିବ
ପାଇଟି ସାରଇ ବୋଉ
ଶୀତତ ଲାଗୁଛି କହେ ମୋ କହ୍ନେଇ
ଗାଢ଼ନିଦେ ଶେଯେ ଶୋଉ ।।
ଧରମମାସ ଯେ ଏଇ କାର୍ତ୍ତିକଟି
ମନ୍ଦିରେ ଲାଗିଚି ଭିଡ
ସୂରୁଜ ଉଇଁଲେ ଉଡିଯାଏ ପକ୍ଷୀ
ଛାଡ଼ିଦେଇ ତାର ନୀଡ଼ ।।

*ପ୍ରଶାନ୍ତ କୁମାର ଦାଶ*
*କୁଞ୍ଜର ସଙ୍ଗଲାଇ*
*ପିପିଲି ପୁରୀ*
*ମୋ- ୯୬୬୮୮୨୨୧୯୦*

ମାତୃଭାଷା







ଆଜିଠାରୁ ଆରମ୍ଭ ହେବ ଐତିହାସିକ କଟକ ବାଲିଯାତ୍ରା, ପ୍ରସ୍ତୁତି ଶେଷ (ଫଟୋ: ମାତୃଭାଷା)

## ଚଷାଖଣ୍ଡ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଚୋରି ଅଭିଯୋଗ

**ଭଦ୍ରକ:** ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ମତୋ ଚଷାଖଣ୍ଡ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବିଳମ୍ବିତ ରାତିରେ ଚୋରି ଅଭିଯୋଗ ମତୋ ଫାଣ୍ଡି ରେ ଏକ ଲିଖିତ ଅଭିଯୋଗ ହୋଇଛି । ଅଙ୍ଗନୱାଡ଼ି କେନ୍ଦ୍ର ଓ ବିଦ୍ୟାଳୟ ଗୋଟିଏ ଜାଗାରେ ଚାଲୁଥିବା ରୁ ସକାଳ ୭ ଘଟିକା ସମୟରେ ଅଙ୍ଗନୱାଡ଼ି କେନ୍ଦ୍ର ଖୋଲିବାକୁ ଆସି ଅଙ୍ଗନୱାଡ଼ି ଦିଦି ଦେଖିଲେ ଯେ ଉକ୍ତ ବିଦ୍ୟାଳୟର ମୁଖ୍ୟ ଫାଟକ ନିକଟରେ ଚାଉଳ ପଡିଥିବାର ।ପରେ ଭିତରେ ଆସି ଦେଖନ୍ତି ତ ଚାଉଳ ଥିବା ଗୃହ ର ଚାବି ଭାଙ୍ଗିଛି ଏବଂ ଅଫିସ ଗୃହ ର ମଧ ଚାବି ଭାଙ୍ଗିଛି ବିଦ୍ୟାଳୟ ର ଚେୟାରମେନ ଙ୍କୁ ଖବର ଦେଇଥିଲେ ଚେୟାରମେନ ଆସିବା ପରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ହରେକୃଷ୍ଣ ପାଢୀ ଙ୍କୁ ଖବର ଦେଇଥିଲେ ପରେ ପ୍ରଧାନ ଶିକ୍ଷକ ଯାଇ ଚାଉଳ ସମେତ ରାସନ୍ ସାମଗ୍ରୀ ଓ ଏମ ଡି ଏମ ରେଜିଷ୍ଟ୍ରାର ନଥିବାର ଦେଖିବାକୁ ପାଇଥିଲେ ।ପରେ ମତୋ ଫାଣ୍ଡି ରେ ଏକ ଲିଖିତ ଅଭିଯୋଗ ହୋଇଥିଲା ।ମତୋ ଫାଣ୍ଡି ଅଧିକାରୀ ଛତିଶ କୁମାର ଗୋଛି ଘଟଣା ସ୍ଥଳରେ ପହଂଚି ଅଧିକ ତଦନ୍ତ ଚଳାଇଥିବା ସୂଚନା ମିଳିଛି । ଛୋଟ ଛୁଆ ଙ୍କ ଚାଉଳ କୁ ଦୁର୍ବୃତ ମାନେ ଅମାନୁଷିକ କାର୍ଯ୍ୟ କରିଛନ୍ତି ତାଙ୍କ ବିରୋଧ ରେ ଦୃଢ଼ କାର୍ଯାନୁଷ୍ଠାନ ପାଇଁ ଗ୍ରାମବାସି ଦାବି କରିଛନ୍ତି ।

## 'ହତ୍ୟାକାରୀକୁ ୭ ବର୍ଷ ଜେଲ ଦଣ୍ଡାଦେଶ

**କେନ୍ଦୁଝର:** କେନ୍ଦୁଝର ରେ ୮ବୁଧବାର ଦିନ ଏକ ନରହତ୍ୟା ମାମଲାର ବିଚାର କରି କେନ୍ଦୁଝର କୋର୍ଟର ଅତିରିକ୍ତ ଜିଲ୍ଲା ଜଜ୍ ମମିତା ଦାସ ସଦର ଥାନା ଅନ୍ତର୍ଗତ ମଇଦାନକେଲ ଗ୍ରାମର ଆସାମୀ ସୁଶାନ୍ତ ନାଏକଙ୍କୁ ୭ ବର୍ଷ ଜେଲ ଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜୋରିମାନା ଏବଂ ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡାଦେଶ ରାୟ ପ୍ରକାଶ କରିଛନ୍ତି । ଘଟଣାର ବିବରଣୀ ଅନୁଯାୟୀ ଗତ ତା ୭।୧୨।୨୦୧୫ ରିଖ ରାତ୍ର ୧୦ ଘଟିକା ସମୟରେ ମଇଦାନକେଲ ଗ୍ରାମର ସୁଶାନ୍ତ ନାଏକ, ମିଥୁନ ମହାପାତ୍ର ଓ ରାଜୁ ମହାକୁଡ (ଢେଙ୍କିକୋଟ) ମୃତକ ଜଳଧର ମହାନ୍ତଙ୍କ ଘର ସାମ୍ନାରେ ବାଲି ଟ୍ରକ୍ ଡ୍ରାଇଭର ମାନଙ୍କଠାରୁ ଚାନ୍ଦା ଆଦାୟ କରିବା ସହ ଗଣ୍ଡଗୋଳ କରୁଥିବା ସମୟରେ ମୃତକ ଜଳଧର ମହାନ୍ତ ମୋ ଘର ସାମ୍ନାରେ ଏପରି କାହିଁକି ଗଣ୍ଡଗୋଳ କରୁଛ ବୋଲି କହିବାରୁ ଆସାମୀ ସୁଶାନ୍ତ ନାଏକ ଉତ୍କ୍ଷିପ୍ତ ହୋଇ ହାତରେ ଧରିଥିବା ଏକ କ୍ରିକେଟ ଷ୍ଟମ୍ପରେ ଜଳଧର ମହାନ୍ତଙ୍କ ମୁଣ୍ଡ କୁ ମାଡ ମାରିଥିଲା । ଫଳରେ ଜଳଧର ମହାନ୍ତ ଅଚେତ ହୋଇ ପଡିଥିଲେ ଓ ଉକ୍ତ ଆସାମୀ ସ୍ଥାନ ଛାଡି ପଳାଇ ଯିବାବେଳେ ରାଜୁ ମହାକୁଡଙ୍କୁ ଗାଁ ଲୋକମାନେ କାବୁ କରି ଥାନାରେ ଜିମା ଦେବା ସହ ଜଳଧର ମହାନ୍ତଙ୍କୁ କେନ୍ଦୁଝର ଡାକ୍ତରଖାନାକୁ ନିଆଯାଇଥିଲା ଏବଂ ପରେ କଟକ ଡାକ୍ତରଖାନାକୁ ପଠାଯାଇଥିଲା ଓ ଚିକିତ୍ସାଧୀନ ସମୟରେ ଜଳଧରଙ୍କ ମୃତ୍ୟୁ ହୋଇଥିଲା । ଏହାକୁ ନେଇ ମୃତକଙ୍କ ପୁଅ ତୁଳସିଦାସ ମହାନ୍ତ ସଦର ଥାନାରେ ଲିଖିତ ଅଭିଯୋଗ କରିବାରୁ ପୋଲିସ ତଦନ୍ତ କରି ୩ ଜଣଙ୍କ ନାମରେ ଚାର୍ଜସିଟ୍ ଦାଖଲ କରିଥିଲା । ୧୦ ଜଣ ସାକ୍ଷୀଙ୍କ ବୟାନକୁ ଭିତି କରି ଅଭିଯୁକ୍ତ ସୁଶାନ୍ତ ନାଏକଙ୍କୁ କେନ୍ଦୁଝର ଅତିରିକ୍ତ ଜିଲ୍ଲା ଜଜ୍ ମମିତା ଦାସ ଆଇପିସି ୩୦୪(୨) ଧାରାରେ ଦୋଷୀ ପାଇ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି ଏବଂ ଅନ୍ୟ ଆସାମୀ ମାନଙ୍କୁ ପ୍ରମାଣ ଅଭାବରୁ ଖଲାସ କରିଛନ୍ତି ।

# ଗୋଚର ଜମିରେ ବେଆଇନ ଭାବେ ଘର ନିର୍ମାଣ

**ଧାମନଗର (ମାନିସ):** ଧାମନଗର ତହସିଲ ଅଧିନ ସୋଧ ରାଜସ୍ୱ ମଣ୍ଡଳର ଆନନ୍ଦପୁର ମୌଜାରେ ରକ୍ଷିତ, ଅନାବାଦି ଓ ଗୋଚର ଜମିରେ ବେଆଇନ ଭାବେ ଘର ନିର୍ମାଣ ବଢ଼ିବାରେ ଲାଗିଛି । ଆନନ୍ଦପୁର ମୌଜାର ଖାତା ନମ୍ବର ୫୯୯ ରେ ଥିବା ପ୍ଲଟ ନମ୍ବର ୧୧୪ରେ ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଅଞ୍ଚଳର ଜଣେ ବ୍ୟକ୍ତି ଆସି ଏଠାରେ ଘର କରି ରହିଛନ୍ତି । ସଂପୃକ୍ତ ବ୍ୟକ୍ତିଙ୍କ ଶ୍ୱଶୁର ଘର ଜମିକୁ ଲାଗିଥିବା ଗାଁ ଚଂପାବାଗ ରେ । ଏଣୁ ସ୍ଥାନୀୟ ଲୋକଙ୍କ ପ୍ରରୋଚନାରେ ସେ ଏଠାରେ ଘର କରି ରହୁଛନ୍ତି । କରୋନା କାଳରେ ୨୦୨୦ରେ ସେ ଏଠାରେ ପ୍ରାୟ ଦୁଇ ଡିସିମିଲ ଜାଗାରେ ଘର କରିଥିଲେ । ହେଲେ ପରବର୍ତ୍ତୀ ମୁହୂର୍ତ୍ତରେ ପ୍ରାୟ ୪ ଗୁଣ୍ଠ ଜମି ଘେରାଉ କରି ଦଖଲକୁ ନେଇ ସାରିଲେଣି । ଏବେ ସେହି ଜମିକୁ ପକ୍କା କାନ୍ଥ କରି ପାଚେରୀ ବୁଲାଉଥିବା ଦେଖିବାକୁ ମିଳିଛି । କେବଳ ଏହି ପ୍ଲଟ ନମ୍ବର ୧୧୪ ର ଜମି ନୁହଁ, ତାକୁ ଲାଗିକି ଥିବା ୧୧୫ ନମ୍ବର ପ୍ଲଟ (କିସମ- ଗୋଚର) ଜମିରେ ଘର ତିଆରି ହେଉଚି । ୨୦୦୮ ମସିହାରୁ ଏଠାରେ ଗୋଟିଏ ପରେ ଗୋଟିଏ ଘର ହେବାରେ ଲାଗିଛି । ପ୍ରଥମେ ପ୍ଲଟ ନମ୍ବର ୧୧୦ରେ ସ୍ୱର୍ଗତ ବଂଶୀଧର



ସାହୁଙ୍କ ପୁଅ ଘରଟିଏ କରିଥିଲେ । ୧୯୯୯ ମସିହାରେ ତାଙ୍କ ପୈତୃକ ବାସଭବନ ମହାବାତ୍ୟା ପରବର୍ତ୍ତୀ ବନ୍ୟାରେ ଭାଙ୍ଗି ଯିବାରୁ ଓ ଘାଇ ମୁହଁରେ ଜମି ଢିଅ ଚାଲି ଯିବାରୁ ସେ ଆସି ଏହି ଗୋଚର ଜମି ପ୍ଲଟ ନମ୍ବର ୧୧୦ ରେ ଘର କରିଥିଲେ । ତା ପରେ ସୁଧାକର କର ନାମକ ଜଣେ ପୂଜକ ଆସି ରହିଥିଲେ । ବିଗତ କିଛିବର୍ଷ ହେଲା ଏହି ଘରକୁ ବିଜୁ କଲୋନି ବୋଲି କୁହାଯାଉଛି । ଏଠାରେ ଗଞ୍ଜେଇ ଓ ମଦ ବେପାର ମଧ ଚାଲିଚି । ଆଉ ଜଣେ ଲୋକର ଉପଯୁକ୍ତ ପରିମାଣର ବାସ ଉପଯୋଗୀ ଘର ଡିହ ଥିବା ସତ୍ତ୍ୱେ ସେ ଏଠାରେ ଘର କରି ରହୁଛି । ଏପରିକି ୨୦୧୬ ମସିହାରେ ଗେଙ୍ଗୁଟି ନଦୀବନ୍ଧ ସୁଦୃଢ଼ୀକରଣ କାମକୁ ଏହି ଲୋକମାନେ ବିରୋଧ କରିଥିଲେ । ଘର ଚାଲିଯିବା ଭୟରେ ବନ୍ଧକୁ ନଦୀପଟକୁ ଚଉଡ଼ା କରାଇଥିଲେ । ବିଭିନ୍ନ ସମୟରେ ଏନେଇ ସ୍ଥାନୀୟ ତହସିଲଦାରଙ୍କୁ ଗାଁ ଲୋକଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି । ୨୦୨୧ ମସିହାରେ ସ୍ଥାନୀୟ ବ୍ୟକ୍ତି ତତ୍କାଳୀନ ତହସିଲଦାରଙ୍କୁ ମେଲ ମାଧ୍ୟମରେ ଜଣାଇଥିଲେ । ପୂର୍ବତନ ଜିଲ୍ଲାପାଳ ତ୍ରିଲୋଚନ ମାଝିଙ୍କୁ ମଧ୍ୟ ଭେଟି ଗାଁ ଲୋକେ ଦରଖାସ୍ତ ପ୍ରଦାନ କରିଥିଲେ । ହେଲେ ଆଜି ପର୍ଯ୍ୟନ୍ତ ଏହି ବସ୍ତି ଉଚ୍ଛେଦ ପାଇଁ କୌଣସି ପଦକ୍ଷେପ ନିଆଗଲା ନାହିଁ । ଯାହା ଫଳରେ ଲୋକଙ୍କର ସାହସ ବଢୁଛି । ଜଣକ ପରେ ଜଣେ ଆସି ଏଠାରେ ଘର କରି ରହୁଛନ୍ତି । ପ୍ରଥମେ ଚାଳିଆ ଘର କରୁଛନ୍ତି । ଆଉ ପର୍ଯ୍ୟାୟକ୍ରମେ କୋଠାଘର ତା ପରେ ପକା ପାଚେରୀ କରୁଛନ୍ତି । ଏନେଇ ଧାମନଗର ତହସିଲଦାର ଦୀପକ ଦାସଙ୍କ ସହ ଯୋଗାଯୋଗ କରିବାରୁ ସେ କହିଲେ ଖୁବଶୀଘ୍ର ଏହି ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ପଦକ୍ଷେପ ନିଆଯିବ ।

## ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଆରମ୍ଭ ହେଲା ପାରମ୍ପରିକ ବିହନ ସଂରକ୍ଷଣ

**ଜୟପୁର:** ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଆରମ୍ଭ ହେଲା ପାରମ୍ପରିକ ବିହନ ସଂରକ୍ଷଣ ଓ ଗବେଷଣା କ୍ଷେତ ପାରମ୍ପରିକ କୃଷି ଜୈବ ବିବିଧତାକୁ ସୁରକ୍ଷିତ ରଖିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୋରାପୁଟର ଲାଣ୍ଡିଗୁଡାସ୍ଥିତ ସିଟି କ୍ୟାମ୍ପସରେ ଆଜି ୧୩ ନଭେମ୍ବର ୨୦୨୪ ରେ ଏକ ପାରମ୍ପରିକ କିଷମର ବିହନ ସଂରକ୍ଷଣ ଓ ଗବେଷଣା କ୍ଷେତ ଉଦ୍ ଘାଟିତ କରିଛି । ମାନ୍ୟବର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍ଘାଟନ କରିଥିଲେ । ଏହି ଅବସରରେ ଉପଦେଷ୍ଟା-ପ୍ରଶାସନ ଓ ଶିକ୍ଷା ପ୍ରଫେସର ବିଭାଷ ଚନ୍ଦ୍ର ଝା, ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାଳୟର ଡିନ୍ ପ୍ରଫେସର ଶରତ କୁମାର ପଲିତା, ସ୍ୱର୍ଣ୍ଣିମ ଗୁଜୁରାଟ କ୍ରୀଡ଼ା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଯତୀନ ସୋନି, କ୍ରୀଡା ଭାରତୀର ସର୍ବଭାରତୀୟ ଯୁଗ୍ମ ସଂଗଠନ ସମ୍ପାଦକ ମଧୁମୟ ନାଥ ଓ ଏହି ପ୍ରକଳ୍ପର ସଂରକ୍ଷଣ ପାଇଁ ପଦକ୍ଷେପ ନେଉଥିବା ତଥା ପ୍ରକଳ୍ପର ପ୍ରମୁଖ ଅନୁସନ୍ଧାନକାରୀ ଡ. ଦେବବ୍ରତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ଖୁରିଗାଁ ପଞ୍ଚାୟତ ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ

ରାୟଗଡ (ମାନିସ): ରାୟଗଡ଼ ଜିଲ୍ଲା କାଶୀପୁର ବ୍ଲକ ଅନ୍ତର୍ଗତ ଖୁରୀଗାଁ ପଞ୍ଚାୟତର ନାଏବ ସରପଞ୍ଚ ବନିତା ନାଏକ ଙ୍କ ସହ ସେହି ପଞ୍ଚାୟତର ୧୦ ଜଣ ୱାର୍ଡ ମେମ୍ବରଙ୍କ ମଧ୍ୟରୁ ୬ ଜଣ ୱାର୍ଡ ମେମ୍ବରଙ୍କ ସହ ସରପଞ୍ଚ ଶ୍ୟାମ ସୁନ୍ଦର ମାଝୀଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଣିବା ସହ ଏ ନେଇ ଏକ ଲିଖିତ ଅଭିଯୋଗ ରାୟଗଡ଼ ଉପଜିଲ୍ଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀଙ୍କ ନିକଟରେ ଦେଇଥିବା କହିଛନ୍ତି । ସୂଚନା ମୁତାବକ ସରପଞ୍ଚ ଶ୍ରୀ ମାଝୀ ବିଭିନ୍ନ ଜନ ହିତକର ଯୋଜନାର ଅର୍ଥ ଆତ୍ମସାତ କରିଥିବା ଭଳି ସଙ୍ଗୀନ ଅଭିଯୋଗ ଆଣିବା ସହ ପଞ୍ଚାୟତର ମାସିକ ବୈଠକ ନକରିବା, ୱାର୍ଡ ମେମ୍ବର ମାନଙ୍କୁ ପଞ୍ଚାୟତ କାର୍ଯ୍ୟରେ ଅସହଯୋଗ କରିବା । ବାର୍ଷିକ କାର୍ଯ୍ୟଖସଡ଼ା ନିଜ ମନୋମୁଖି ଭାବେ ପ୍ରସ୍ତୁତ କରିବା, ଛାତ୍ରଛାତ୍ରୀଙ୍କ ଜାତିଗତ ପ୍ରମାଣପତ୍ର,ଭଳି ଅନ୍ୟାନ୍ୟ ପ୍ରମାଣପତ୍ରରେ ପାଇଁ ଦସ୍ତଖତ କରିବାକୁ ଲାଞ୍ଚ ମାଗିବା, ମନରେଗା ଯୋଜନାରେ ବିନା କାର୍ଯ୍ୟରେ ବିଲ୍ କରି ୫ ଲକ୍ଷ ଟଙ୍କା ଆତ୍ମସାତ କରିବା ଭଳି ସଙ୍ଗୀନ ଅଭିଯୋଗ କରିଛନ୍ତି । ଏହା ସହ ଉକ୍ତ ସରପଞ୍ଚ ଶ୍ରୀ ମାଝୀଙ୍କ ତାଙ୍କ ପଦବୀରୁ ବରଖାସ୍ତ କରିବା ସହ ସରପଞ୍ଚ ପଦବୀରୁ ବହିଷ୍କାର କରିବାକୁ ନିବେଦନ କରିଛନ୍ତି । ଏହି ଅଭିଯୋଗ ଦେବା ସମୟରେ ନାଏବ ସରପଞ୍ଚ ଶ୍ରୀମତୀ ନାଏକଙ୍କ ସହ ଅମରସିଂ ଗୁଡା ୱାର୍ଡ ମେମ୍ବର ଚନ୍ଦ୍ରାବତି ଝୋଡିଆ, ଉପର ମଣ୍ଡିଝୋଲା ୱାର୍ଡ ମେମ୍ବର ଦିନବନ୍ଧୁ ମାଝୀ , ତଳମାଳିଗାଁ ୱାର୍ଡ ମେମ୍ବର୍ ବସନ୍ତ ଗୌଡ଼, ପଣସପଦର ୱାର୍ଡ ମେମ୍ବର ଯାମି ମାଝୀ, ଅଡ଼ାର ମାଝୀ ୱାର୍ଡ ମେମ୍ବର ଚନ୍ଦ୍ରମା ନାଏକ ଉପସ୍ଥିତ ଥିଲେ ।



## ଜିଆଇଇଟି ବିଶ୍ୱବିଦ୍ୟାଳୟରେ ସୃଜନ ୩.୦ ର କ୍ରୀଡା ଉତ୍ସବ ଉଦଘାଟିତ

**ରାୟଗଡ (ମାନିସ):** ରାୟଗଡ ଜିଲ୍ଲା ଗୁଣୁପୁର ସଦର ମହକୁମା ସ୍ଥିତ ସ୍ଥାନୀୟ ଜି ଆଇ ଇ ଟି ବିଶ୍ୱବିଦ୍ୟାଳୟରେ ସୃଜନ -୩.୦ ର କ୍ରୀଡା ଉତ୍ସବ ଉଦଘାଟିତ ହୋଇଯାଇଛି । ଏହି ଉତ୍ସବରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ଼ . ଏନ ଭି ଜେ ରାଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ପାଠପଢା ସହ ଶାରୀରିକ ଦକ୍ଷତା ବୃଦ୍ଧି ନିମନ୍ତେ କ୍ରୀଡାର ଆବଶ୍ୟକତା ରହିଛି ତେଣୁ ବିଦ୍ୟାର୍ଥୀ ଏଥି ନିମନ୍ତେ ନିଜ ରୁଚି ମୁତାବକ ଖେଳରେ ଅଂଶଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଆଜି ପ୍ରଥମେ କ୍ରିକେଟ ଖେଳ ଅନୁଷ୍ଠିତ ହୋଇଥିଲା । ସୃଜନ ୩.୦ ର ଆବାହକ ଡ଼ ବିଭୁ ପ୍ରସାଦ, କ୍ରୀଡା ବିଭାଗର ଆବାହକ ଡ଼ ଆଶିଷ ତିୱାରୀ, କ୍ରୀଡା ଅଧିକାରୀ ରବୀନ୍ଦ୍ର କୁମାର ପଣ୍ଡା, ସନ୍ତରଣ ପ୍ରଶିକ୍ଷକ ଆଦିତ୍ୟ ମହାଙ୍କୁଳ ଏହି ଉତ୍ସବ ପରିଚାଳନା କରିଥିବା ବେଳେ ବିଶ୍ୱବିଦ୍ୟାଳୟ ପ୍ରଫେସର, ଅଧାପକ ଅଧାପିକା, ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ । କୃତି ଖେଳାଳି ମାନଙ୍କୁ ସୃଜନ -୩.୦ର ସାଂସ୍କୃତିକ କାର୍ଯ୍ୟକ୍ରମ ରେ ପୁରସ୍କାର ପ୍ରଦାନ କରାଯିବ ।



## ରାଜ୍ୟ ସାମ୍ବାଦିକ ସଂଘ ଅନୁଗୁଳ ଶାଖାର ସାଧାରଣ ପରିଷଦ ବୈଠକ




**ତାଳଚେର:** ରାଜ୍ୟ ସାମ୍ବାଦିକ ସଂଘ (ଏସୟୁଜେ) ଅନୁଗୁଳ ଶାଖା ତଥା ସାମ୍ବାଦିକ ସଂଘ ଅନୁଗୁଳ( ଯେଏଏ )ର ସାଧାରଣ ପରିଷଦ ବୈଠକ ତାଳଚେରର ଏକ ପ୍ରତିଷ୍ଠିତ ହୋଟେଲରେ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୂଲ୍ୟବୋଧ ଭିତ୍ତିକ ସାମ୍ବାଦିକତା ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସାମ୍ବାଦିକ ସଂଘ ସମଗ୍ର ଓଡ଼ିଶାରେ ସାମ୍ବାଦିକ ମାନଙ୍କ ସୁରକ୍ଷା ପାଇଁ ଲଢୁଥିବା ବେଳେ ଏନେଇ ଏକ ସ୍ୱତନ୍ତ୍ର ଆଇନ ସରକାର ଆଣିବାକୁ ଲଢେଇ ଜାରି ରଖିଛି ବୋଲି କହିଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ଭାବେ କାର୍ଯ୍ୟକାରୀ ସଭାପତି କୀର୍ତ୍ତି ଚନ୍ଦ୍ର ସାହୁ, ଉପ ସଭାପତି ବାସୁଦେବ ତ୍ରିପାଠୀ, ସଂଗଠନ ସମ୍ପାଦକ ସନ୍ତୋଷ କୁମାର ସ୍ୱାଇଁ, ସମ୍ପାଦକ ତଥା ଜିଲ୍ଲା ପର୍ଯ୍ୟବେକ୍ଷକ ଶଶାଙ୍କ ଶେଖର ଝାଙ୍କର୍ ଓ କାର୍ଯ୍ୟକାରୀ ସଦସ୍ୟ ଯୁଗଳ କିଶୋର ଜିତ୍ ପ୍ରମୁଖ ଯୋଗେ ଦେଇଥିଲେ । ଆଜିର ସାଧାରଣ ପରିଷଦ ବୈଠକରେ ନୂତନ ଜିଲ୍ଲା କମିଟି ଚୟନ କରାଯାଇଥିଲା । ଏଥିରେ ବିରଜା ଶଙ୍କର ମିଶ୍ରଙ୍କୁ ସଭାପତି ଓ ବନମାଳୀ ନାୟକଙ୍କୁ ସାଧାରଣ ସମ୍ପାଦକ ଭାବେ ଉପସ୍ଥିତ ସଭ୍ୟ ସଭ୍ୟା ମାନେ ବହୁ ମତରେ ଚୟନ କରିଥିଲେ । ସେହିପରି ଉପ ସଭାପତି ଭାବେ ରଞ୍ଜନ କୁମାର ସାହୁ, ଭୀଷ୍ମ କୁମାର ଗଡ଼ନାୟକ, ତ୍ରିପୁର ସାହୁ ଓ ପୂର୍ଣ୍ଣ ଚନ୍ଦ୍ର ବେହେରା ମନୋନୀତ ହୋଇଥିବା ବେଳେ କୋଷାଧକ୍ଷ ଭାବେ ସଞ୍ଜୟ ସିଂ, ସଂଗଠନ ସମ୍ପାଦକ ଭାବେ ସୌଭାଗ୍ୟ ମହାରଣା, ଯୁଗ୍ମ ସମ୍ପାଦକ ଭାବେ ରବୀନ୍ଦ୍ର କୁମାର ମହାରଣା, ପ୍ରଦୀପ ବେହେରା ଓ ରବୀନ୍ଦ୍ର ସେଠ ମନୋନୀତ ହୋଇଛନ୍ତି । ସେହିପରି କାର୍ଯ୍ୟକାରୀ ସଭ୍ୟ ଭାବେ ବିଜୟ କୁମାର ବେହେରା, ତ୍ରିଲୋଚନ ସ୍ୱାଇଁ, ଜିତେନ୍ ସାହୁ, ଦୁଷ୍ମନ୍ତ ବେହେରା, ବୁଲୁ ସାହୁ, ସୁଜିତ୍ ବେହେରା, ଦେବେନ୍ଦ୍ର ସାହୁ , ସୁଭାଷ ପ୍ରଧାନ ଓ ପିତାମ୍ବର ନାୟକ ପ୍ରମୁଖ ମନୋନୀତ ହୋଇଛନ୍ତି । କାର୍ଯ୍ୟକ୍ରମ ଶେଷରେ ବରିଷ୍ଠ ସଦସ୍ୟ ଅଜିତ ରାୟ ଧନ୍ୟବାଦ୍ ଦେଇଥିଲେ । ବୈଠକରେ ତାଳଚେର, ନାଲକୋ, ଅନୁଗୁଳ, ଖମାର, କଣିହାଁ, ରେଙ୍ଗାଳି, ସାଉଥ୍ ବଲଣ୍ଡା ଆଦି ଅଞ୍ଚଳରୁ ୫୦ ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଯୋଗଦେଇଥିଲେ ।

## ନାବାଳିକାକୁ ଅସଦାଚରଣ କରି ୨ ଗିରଫ

**ବାରଙ୍ଗ (ମାନିସ):** ବାରଙ୍ଗ ଥାନା ଅନ୍ତର୍ଗତ ଦାଡାପାଟଣା ଗ୍ରାମ ନିକଟ ରେ ଜଣେ ନାବାଳିକାକୁ ଅସଦାଚରଣ କରି ଦୁଇ ଯୁବକ ଙ୍କୁ ଗିରଫ କରିଛି ବାରଙ୍ଗ ପୁଲିସ । ସୂଚନାଯୋଗ୍ୟ ବାରଙ୍ଗ ଥାନା ଅନ୍ତର୍ଗତ ଦାଡାପାଟଣା ଗ୍ରାମର ଜଣେ ନାବାଳିକାକୁ ସୋମବାର ଦିନ ବେଲଗଛିଆ ପଂଚାୟତର ଗୋଠପୁର ଗ୍ରାମର ଦୁଇ ଯୁବକ ବଳରାମ ସ୍ୱାଇଁ ଓ ଧିରେନ୍ଦ୍ର ଲେଙ୍କା ଓରଫ ବାବୁ ଉଭୟ ନାବାଳିକାକୁ ଅସଦାଚରଣ କରିଥିଲେ । ଏସଂପର୍କରେ ବାରଙ୍ଗ ଥାନା ରେ ନାବାଳିକା ପରିବାର ପକ୍ଷରୁ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ବାରଙ୍ଗ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଖୋଜାଖୋଜି କରିଥିଲା, ଫେରାର ଅଭିଯୁକ୍ତ ଦୁଇଜଣଙ୍କୁ ବାରଙ୍ଗ ପୁଲିସ ମଙ୍ଗଳବାର ରାତିରେ ଗିରଫ କରିବା ପରେ ବୁଧବାର ଦିନ ବିଚାର ବିଭାଗୀୟ ଅଦାଲତକୁ ପଠାଇ ଦିଆଯାଇଥିଲା ।

## ହିଙ୍ଗୁଳା ପୀଠରେ ମହାଚଣ୍ଡୀ ଯଜ୍ଞ



**ତାଳଚେର(ମାନିସ):** ପବିତ୍ର କାର୍ତିକ ପଂଚୁକର ଶୁଭ ଅବସରରେ ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ଗୋପାଳପ୍ରସାଦ ପୀଠ ପରିସରରେ ପାଂଚ ଦିନ ବ୍ୟାପୀ ୩୯ତମ ମହାଚଣ୍ଡୀ ଯଜ୍ଞ ଆରମ୍ଭ ହୋଇଯାଇଛି । ଏହି ଅବସରରେ ରବିବାର ଅପରାହ୍ନରେ ଶତାଧିକ ଶ୍ରଦ୍ଧାଳୁ ନିକଟସ୍ଥ ସିଙ୍ଗଡ଼ା ନଦୀରୁ ପବିତ୍ର ଜଳ କଳସକୁ ଆଣି ମା ହିଙ୍ଗୁଳାଙ୍କ ପୀଠ ପରିସରରେ ଥିବା ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ । ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଶତପଥୀଙ୍କ ପୌରହିତ୍ୟରେ ବନବିହାରୀ ଦାସ, ମିଳନ ଦାସ,ସୁଭାଷ ଚନ୍ଦ୍ର ନନ୍ଦ, ଚନ୍ଦ୍ରଶେଖର ମହାପାତ୍ର, ସୁନୀଲ କୁମାର ରଥ, ଉତ୍ପଳ ତ୍ରିପାଠୀ, ସନ୍ଦେଶ ପାଣିଗ୍ରାହୀ, ଅଶ୍ୱିନ କୁମାର ମିଶ୍ର, ସୁଗ୍ରୀବ କର, ମୀନକେତନ ମିଶ୍ର, ବିଷ୍ଣୁ ପ୍ରସାଦ, ପବିତ୍ର ମୋହନ ନାଥ ପ୍ରମୁଖ ଯଜ୍ଞ କାର୍ଯ୍ୟ ପରିଚାଳନା କରୁଛନ୍ତି । ଯଜ୍ଞକର୍ତା ଭାବରେ ସଞ୍ଜୟ କୁମାର ସାହୁ, ତାଙ୍କ ଧର୍ମପତ୍ନୀ ଅଞ୍ଜଳୀ ସାହୁ,ଲକ୍ଷ୍ମୀକାନ୍ତ ସାମଲ ଓ ତାଙ୍କ ଧର୍ମପତ୍ନୀ ସୁକନ୍ୟା ଖଣ୍ଡୁଆଳ, ଗୋବର୍ଦ୍ଧନ ସାହୁ ଓ ତାଙ୍କ ଧର୍ମପତ୍ନୀ ଭାରତୀ ସାହୁ,ଗଜେନ୍ଦ୍ର କୁମାର ସିଂହ ପ୍ରମୁଖ ଦାୟିତ୍ୱ ନିର୍ବାହ କରୁଛନ୍ତି । ସୋମବାର ଦିନ ସୂର୍ଯ୍ୟ ପୂଜା, ସର୍ବ ଦେବଦେବୀଙ୍କ ଆବାହନ ସହିତ ଗଣପତି ଗାୟତ୍ରୀ ମହାଯଜ୍ଞ, ମଙ୍ଗଳବାର ଦିନ ଶ୍ରୀମଦ୍ ଗୀତା ମହାଯଜ୍ଞ, ବୁଧବାର ଦିନ ନବଗ୍ରହ ପୂଜା ଓ ଗ୍ରହ ଯଜ୍ଞ ପ୍ରଭୃତି ଅନୁଷ୍ଠାନ ପାରମ୍ପରିକ ବିଧିବିଧାନ ଅନୁଯାୟୀ ସମ୍ପନ୍ନ କରାଯାଇଛି । ଏହି ଯଜ୍ଞ ଦେଖିବା ପାଇଁ ମା ହିଙ୍ଗୁଳାଙ୍କ ପୀଠରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଅଛି । ସମସ୍ତ ଶ୍ରଦ୍ଧାଳୁଙ୍କ ନିମନ୍ତେ ମା ହିଙ୍ଗୁଳାଙ୍କ ଅନ୍ନପ୍ରସାଦ ମାଗଣାରେ ବିତରଣ କରାଯାଉଛି । ଚଳିତ ମାସ ୧୫ ତାରିଖ ଦିନ ସପ୍ତସତୀ ମହାଚଣ୍ଡୀ ଯଜ୍ଞ ଓ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କାର୍ଯ୍ୟସୂଚୀ ନିର୍ଦ୍ଧାରଣ କରାଯାଇଛି । ମା ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ସଦସ୍ୟ ଜଗନ୍ମୋହନ ଗଡ଼ନାୟକ, ରାଜେନ୍ଦ୍ର ସିଂହ, ମୁରଲୀଧର ସାହୁ, ସଞ୍ଜୟ ସାହୁ, ଗଗନ ବିହାରୀ ସାହୁ, ଅରୁଣ କୁମାର ପ୍ରଧାନ, ସୌଭାଗ୍ୟ ଚନ୍ଦ୍ର ପ୍ରଧାନଙ୍କ ସମେତ ଗୋପାଳପ୍ରସାଦ ଗ୍ରାମବାସୀ ଯଜ୍ଞ କାର୍ଯ୍ୟରେ ସକ୍ରିୟ ସହଯୋଗ କରୁଛନ୍ତି । ସୂଚନାଯୋଗ୍ୟ, ଦୀର୍ଘ ୩୮ବର୍ଷ ହେଲା ଏହି ଯଜ୍ଞ ନିରବିଚ୍ଛନ୍ନ ଭାବରେ ମା ହିଙ୍ଗୁଳା ବିଶ୍ୱଶାନ୍ତି ଯଜ୍ଞାନୁଷ୍ଠାନ ଓ ଗୋପାଳପ୍ରସାଦ ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଅଛି ।

# ଲଗାଣ ସମୟରେ ଚିନାବାଦାମ ବିହନ ପାଇବା ପାଇଁ ଚାଷୀ ହତାଶ

**ଧର୍ମଶାଳା:** ସରକାର ଚାଷୀଙ୍କ ପାଇଁ ବିଭିନ୍ନ ଯୋଜନା କରୁଛନ୍ତି । ଏନେଇ ପ୍ରଚାର ପ୍ରସାର କରୁଛନ୍ତି । କିନ୍ତୁ ବାସ୍ତବରେ ତାହା ଫଳ ପ୍ରଦ ହୋଇ ପାରୁ ନାହିଁ । ଚିନାବାଦାମ ଏକ ଲାଭକାରୀ ଫସଲ । ତେବେ ହଜାର ହଜାର ଚାଷୀ ଚିନାବାଦାମ ଚାଷ ଉପରେ ନିର୍ଭର କରନ୍ତି । ଅନେକ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ସେମାନଙ୍କ ମେରୁ ଦଣ୍ଡ ଦୋହଲାଇ ଦେଉଛି । ବର୍ଷକ ରୋଜଗାର ଆହାର ତା ପାଖରେ ନ ଥିବାରୁ କେତେ ଚାଷୀ ଋଣ ବୋଝରେ ଆତ୍ମହତ୍ୟା କରୁଥିବା ଦେଖିବାକୁ ମିଳୁଛି । ହେଲେ ଯାହା କରମକୁ ଆଦରୀ ଚାଷୀ ପଡି ରହିଛି । ହେଲେ ଏବେ ଅନେକ ଚାଷୀ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବା ଲାଗି ପ୍ରସ୍ତୁତ ହେଉଥିବା ଜଣାପଡିଛି । ରବି ଫସଲ ପାଇଁ ରସୁଲପୁର ଓ ଧର୍ମଶାଳା ବ୍ଲକର ଚାଷୀମାନେ ଚିନାବାଦାମ ଚାଷ କରିଥାଆନ୍ତି । ଚଳିତ ବର୍ଷ ଏହି ଦୁଇ ବ୍ଲକରେ ୮ ହଜାର ହେକ୍ଟରରୁ ଉର୍ଦ୍ଧ ଚାଷ ଜମିରେ ଚିନାବାଦାମ ଚାଷ କରାଯିବା ନେଇ ଲକ୍ଷ ଧାର୍ଯ୍ୟ ରହିଥିବା ଜଣାପଡିଛି । ବାତ୍ୟା ଦାନାର ପ୍ରଭାବରେ ବିହନ ବୁଣା ପଛୁଆ ହୋଇଥିବା ବେଳେ ଏବେ ପାଗ ସାମାନ୍ୟ ଅନକୂଳଥିବାରୁ ଚାଷୀମାନେ ବିଲରେ ଚାଷକାମ ସାରି ସରକାରୀ ବିହନକୁ ଅନାଇ ବସିଛି । ହେଲେ ଚାଷୀମାନଙ୍କୁ ସୁଲଭ ମୂଲ୍ୟରେ ବିହନ ଯୋଗାଇ ଦେବାତ ଦୂରର କଥା ସେପରି କିଛି ବିହନ ଆସିବା ନେଇ ସେପରି କିଛି ସୂଚନା ମଧ ନାହିଁ । ଫଳରେ ଚାଷକାମ ପଛୁଆ ହୋଇଯିବ ବୋଲି ଆଗକୁ ଗ୍ରୀଷ୍ମଋତୁକୁ ଲକ୍ଷ୍ୟ କରି ବିହନ କଳାବଜାରରୁ ଉଚ୍ଚଦରରେ କିଣୁଥିବା ଅଭିଯୋଗ ହୋଇଛି । ବଜାରରେ କ୍ୱିଂଟାଲ ପିଛି ୧୨ହଜାରରୁ୧୩ହଜାର ଟଙ୍କା ପର୍ଯ୍ୟନ୍ତ ବିକ୍ରୀ କରାଯାଉଛି । ଫଳରେ ଚାଷୀମାନେ ଏତେ ଟଙ୍କା ଦେଇ ଚିନାବାଦାମ ବିହନ କିଣିବା ସେମାନଙ୍କ ପକ୍ଷେ ସମ୍ଭବପର ହେଉନାହିଁ । ଫଳରେ ଚାଷକାମ ଅଧପାନ୍ତରୀଆ କରି ଛାଡିଦେଇଥିବା ଦେଖିବାକୁ ମିଳିଛି । ସେବା ସମବାୟ ସମିତି ପକ୍ଷରୁ ବିହନ ରିହତି ଦରରେ ଯୋଗାଇ ଦେବାକୁ ଚାଷୀଭାଇମାନେ ଲୋକପ୍ରତିନିଧିଙ୍କ ନିକଟରେ ଦାବି କରୁଥିଲେ କିଛି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି । ପୂର୍ବ ବର୍ଷମାନଙ୍କରେ ଜିଲା ପ୍ରଶାସନ ନିକଟରେ

**ଚାଷୀ ସବୁ ବେଳେ ଅବହେଳିତ**

ଅଭିଯୋଗ କରାଯାଇଥିଲେ ମଧ୍ୟ ଚିନାବାଦାମ ବିହନ ଦେଖିବାକୁ ମିଳି ନ ଥିଲା । ହେଲେ ଚଳିତ ବର୍ଷ ସେହି ନିତିରେ ପ୍ରଶାସନ ନ ବଦଳେ ତାହା ହେଲେ ଚାଷୀ କୂଳ ରାସ୍ତ ରାସ୍ତକୁ ଓହ୍ଲାଇ ବୋଲି ଅଂଚଳର ବହୁ ଅଗ୍ରଣୀ ଚାଷୀଭାଇ ମତ ପ୍ରକାଶ କରିଛନ୍ତି । ବହୁ ବିଳମ୍ବରେ ସରକାର ବିହନ ଯୋଗାଇଲେ ମଧ୍ୟ ସେତବେଳେ ଚାଷକାମ ସମ୍ପୂର୍ଣ୍ଣ ସରିଯାଇଥାଏ । ଏହି ବିହନକୁ ଲୋଭଖୋର ବେପାରୀମାନଙ୍କୁ ବିକ୍ରୀ କରିଥାଆନ୍ତି । ଯାହାକି ସେମାନେ ସରକାରୀ ଧନକୁ ଚଲୁ କରି ବେଶ୍ ଦୁଇ ପଇସା ରୋଜଗାର କରିଥାଆନ୍ତି । ତୁରନ୍ତ ଚାଷୀଭାଇମାନଙ୍କୁ ସେବା ସମବାୟ ସମିତି ପକ୍ଷରୁ ରିହାତି ମୂଲ୍ୟରେ ବିହନ ଯୋଗାଇ ଦେବାକୁ ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା, ବନ୍ଧଡିହ, ମଙ୍ଗରାଜପୁର,ଅର୍ଥଙ୍ଗା ପଞ୍ଚାୟତ ଓ ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ଦେଓଦା, ଅରାବଳ,କଦମପାଳ,କୋଟପୁର ପଞ୍ଚାୟତର ଅଗ୍ରଣୀ ଚାଷୀମାନେ ଦାବି କରିଛନ୍ତି । ନ ହେଲେ ଆଗାମୀ ଦିନରେ ଚାଷୀକୂଳ ଅବସ୍ଥା ଶୋଚନୀୟ ଅବସ୍ଥା ଆଡକୁ ଅଗ୍ରସର ହେଲେ କେତେ ଯେ ଚାଷୀ ଆତ୍ମହତ୍ୟା କରିବେ ତାହା କିଏ କହିବ । ଅନ୍ୟପକ୍ଷେ ଚାଷୀ କୃଷି ବିଭାଗ କାର୍ଯ୍ୟାଳୟ ଓ ସମବାୟ ସମିତି କାର୍ଯ୍ୟାଳୟକୁ ଦୌଡିଦୌଡି ନୟାନ୍ତ ହେଲେଣି । ଅପେକ୍ଷା କରିବାକୁ ଉତର ମିଳୁଛି । ତେବେ ଚାଷୀଙ୍କୁ କେବେ ସରକାରୀ ବିହନ ଯୋଗାଇ ଦିଆ ଯିବ ତାହାକୁ ନେଇ ଚାଷୀ ଚାହିଁ ବସିଛି ।

# ଚାମ୍ପିୟନ୍ସ ଟ୍ରଫି ପାକିସ୍ତାନ ସହିବ ୫୪୯୭ କୋଟିର କ୍ଷତି

**ଯଦି ପାକିସ୍ତାନ ଯଦି ନିଜ ଜିଦରେ ଅଟଳ ରହିବ ଓ ଚାମ୍ପିୟନ୍ସ ଟ୍ରଫି ଆୟୋଜନ ପ୍ରଭାବିତ ହେବ, ତା'ହେଲେ ଆଇସିସି ବାଧ୍ୟ ହୋଇ ପାକିସ୍ତାନ ଉପରେ କଟକଣା ଲଗାଇବ। ଯଦି ପାକିସ୍ତାନ କ୍ରିକେଟ ବୋର୍ଡ ଚାମ୍ପିୟନ୍ସ ଟ୍ରଫିରୁ ଓହରି ଯିବ, ତା'ହେଲେ ଆଇସିସି ପକ୍ଷରୁ ପାଇବାକୁ ଥିବା ପାଣ୍ଠି ମଧ୍ୟ ଆଶାତୀତ ଭାବେ ହ୍ରାସ ପାଇବ।**




**ନୂଆଦିଲ୍ଲୀ, ୧୪।୧୧:** ଆଇସିସି ଚାମ୍ପିୟନ୍ସ ଟ୍ରଫି ୨୦୨୫ର ଭବିଷ୍ୟତ ଏବେ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ଚାମ୍ପିୟନ୍ସ ଟ୍ରଫି ଖେଳିବା ପାଇଁ ପାକିସ୍ତାନ ଯିବାକୁ ଭାରତୀୟ ଟିମକୁ ଭାରତର ସରକାର ଅନୁମତି ଦେଇ ନାହାନ୍ତି। ଏକଥା ବିସିସିଆଇ ପକ୍ଷରୁ ଆଇସିସିକୁ ଜଣାଇ ଦିଆଯାଇଛି।

ଆଇସିସି ମଧ୍ୟ ଏକଥା ପାକିସ୍ତାନ କ୍ରିକେଟ ବୋର୍ଡକୁ ଜଣାଇ ଦେଇଛି। ହେଲେ ପାକିସ୍ତାନ ନିଜ ଜିଦରେ ଅଟଳ ରହିବା ସହ ଚାମ୍ପିୟନ୍ସ ଟ୍ରଫିର ଗୋଟିଏ ବି ମ୍ୟାଚ୍ ଦେଶ ବାହାରେ ହେବାକୁ ଦେବ ନାହିଁ ବୋଲି କହିଛି। ଏଥିସହ ବିସିସିଆଇର ଆଭିମୁଖ୍ୟ ଉପରେ ଆଇସିସି ନିଜର ପକ୍ଷ ସ୍ପଷ୍ଟ କରିବାକୁ ମଧ୍ୟ ପିସିବି ଚିଠି ଲେଖିଛି।

ରାଜନୀତିକ ବିବାଦ ଯୋଗୁ ଭାରତ ଓ ପାକିସ୍ତାନ ମଧ୍ୟରେ ୨୦୧୨-୧୩ରୁ କୌଣସି ପ୍ରକାରର ଦ୍ୱିପାକ୍ଷିକ ସିରିଜ ହେଉନାହିଁ। ଉଭୟ ଦେଶ କେବଳ ଆଇସିସି ଓ ଏସିଆ କପରେ ମୁହାଁମୁହିଁ ହେଉଛନ୍ତି। ୨୦୨୩ ଏସିଆ କପର ଆୟୋଜନ ପାକିସ୍ତାନ ପାଇଥିଲେ ହେଁ ଭାରତ ଶ୍ରୀଲଙ୍କାରେ ତା'ର ମ୍ୟାଚ୍ ଗୁଡ଼ିକ ଖେଳିଥିଲା। ଏସିଆ କପରେ ହାଇବ୍ରିଡ ମଡେଲ ଆପଣା ଯାଇଥିଲା। ଚାମ୍ପିୟନ୍ସ ଟ୍ରଫିରେ କିନ୍ତୁ ପାକିସ୍ତାନ ହାଇବ୍ରିଡ ମଡେଲ ସପକ୍ଷରେ ନାହିଁ। ଏହାକୁ ନେଇ ବିବାଦ ତେଜିବାରେ ଲାଗିଛି।

କ୍ରିକବଜରେ ପ୍ରକାଶିତ ରିପୋର୍ଟ ଅନୁସାରେ, ଯଦି ପାକିସ୍ତାନ ଯଦି ନିଜ ଜିଦରେ ଅଟଳ ରହିବ ଓ ଚାମ୍ପିୟନ୍ସ ଟ୍ରଫି ଆୟୋଜନ ପ୍ରଭାବିତ ହେବ, ତା'ହେଲେ ଆଇସିସି ବାଧ୍ୟ ହୋଇ ପାକିସ୍ତାନ ଉପରେ କଟକଣା ଲଗାଇବ। ଯଦି ପାକିସ୍ତାନ କ୍ରିକେଟ ବୋର୍ଡ ଚାମ୍ପିୟନ୍ସ ଟ୍ରଫିରୁ ଓହରି ଯିବ, ତା'ହେଲେ ଆଇସିସି ପକ୍ଷରୁ ପାଇବାକୁ ଥିବା ପାଣ୍ଠି ମଧ୍ୟ ଆଶାତୀତ ଭାବେ ହ୍ରାସ ପାଇବ।

ପାକିସ୍ତାନ କ୍ରିକେଟ ବୋର୍ଡ ଯଦି ବିବାଦକୁ ଦୃଷ୍ଟିରେ ରଖି ଚାମ୍ପିୟନ୍ସ ଟ୍ରଫି ଉପରେ ରୋକ ଲଗାଏ, ତା'ହେଲେ ଦେଶକୁ ଆୟୋଜକ ଫି' ବାବଦରେ ୬୫ ମିଲିୟନ ଡଲାର ବା ପ୍ରାୟ ୫୪୯୭ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିବ। ନିକଟରେ ପିସିବି କରାଚି, ରାଓ୍ୱଲପିଣ୍ଡି ଓ ଲାହୋର ଷ୍ଟାଡିୟମର ଉନ୍ନତିକରଣ କରିଥିଲା। ଯଦି ମ୍ୟାଚ୍ ନ ହେବ, ତା'ହେଲେ ଏ ବାବଦରେ ମଧ୍ୟ ପାକିସ୍ତାନକୁ ଆର୍ଥିକ କ୍ଷତି ସହିବାକୁ ପଡ଼ିବ।

ଭାରତ ସୁରକ୍ଷା ଦୃଷ୍ଟିରୁ ପାକିସ୍ତାନ ଯିବାକୁ ମନା କରୁଛି। କିନ୍ତୁ ପାକିସ୍ତାନର କହିବା କଥା ଯେ ଇଂଲଣ୍ଡ ଓ ନ୍ୟୁଜିଲ୍ୟାଣ୍ଡ ସିରିଜକୁ ଦେଶ ସଫଳତାର ସହ ଆୟୋଜନ କରିଥିଲା। ସୁରକ୍ଷା ବ୍ୟବସ୍ଥାକୁ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ଚାମ୍ପିୟନ୍ସ ଟ୍ରଫିରେ ମଧ୍ୟ ସମାନ ପଦକ୍ଷେପ ନିଆଯିବ। ତେବେ ଏଯାଏ ଆଇସିସି ପକ୍ଷରୁ ପାକିସ୍ତାନର ଆଭିମୁଖ୍ୟ ସମ୍ପର୍କରେ କିଛି ବି କହି ନାହିଁ।

# କମବ୍ୟାକ ମ୍ୟାଚ୍‌ରେ ଘାଣ୍ଟିଲେ ମହମ୍ମଦ ଶାମି



ରଣଜୀ ଟ୍ରଫି

**କୋଲକାତା, ୧୪।୧୧:** ଆହତ ସମସ୍ୟା ଯୋଗୁ ଦୀର୍ଘ ଗୋଟିଏ ବର୍ଷ ହେଲା କ୍ରିକେଟରୁ ଦୂରେଇ ରହିଥିବା ଭାରତୀୟ ଟିମର ଦ୍ରୁତ ବୋଲର ମହମ୍ମଦ ଶାମି ଜବରଦସ୍ତ ଢଙ୍ଗରେ କମବ୍ୟାକ କରିଛନ୍ତି। ଆହତରୁ ମୁକୁଳିବା ପରେ ସେ ପ୍ରଥମ ଥର ପାଇଁ ରଣଜୀ ଟ୍ରଫିରେ ନଜର ଆସିଛନ୍ତି।

ବେଙ୍ଗଲ ପାଇଁ ରଣଜୀ ଖେଳୁଥିବା ଶାମି ନିଜ ଯାଦୁରେ ମଧ୍ୟପ୍ରଦେଶର ବ୍ୟାଟରଙ୍କୁ ଘାଣ୍ଟିଛନ୍ତି। ସେ ଏକାକୀ ୪ ୱିକେଟ ଦଖଲ କରିବାରୁ ମଧ୍ୟପ୍ରଦେଶ ବିପକ୍ଷରେ ବେଙ୍ଗଲ ପ୍ରଥମ ଇନିଂସରେ ଲିଡ୍ ହାସଲ କରିଛି। ବେଙ୍ଗଲ ପ୍ରଥମ ଇନିଂସରେ ୨୨୮ ରନ କରିଥିବା ବେଳେ ମଧ୍ୟପ୍ରଦେଶ କେବଳ ୧୬୭ ରନ କରି ଅଲଆଉଟ ହୋଇଯାଇଛି।

୩୪ ବର୍ଷୀୟ ଶାମି ୨୦୧୮ ପରେ ପ୍ରଥମ ଥର ପାଇଁ ରଣଜୀ ଟ୍ରଫି ଖେଳୁଛନ୍ତି। ସେ ମଧ୍ୟପ୍ରଦେଶ ବିପକ୍ଷରେ ନିଜର କ୍ଲାସ ଓ ଅଭିଜ୍ଞତାକୁ ପ୍ରଦର୍ଶନ କରି ୧୯ ଓଭରରେ ୫୪ ରନ ଦେଇ ୪ ୱିକେଟ ନେଇଛନ୍ତି। ଏହି ମ୍ୟାଚ୍‌ର ପ୍ରଥମ ଦିନରେ ଶାମିଙ୍କୁ କୌଣସି ୱିକେଟ ମିଳି ନଥିଲା। ତେବେ ଦ୍ୱିତୀୟ ଦିନରେ ସେ ନିଜର ରଣନୀତି ବଦଳାଇଥିଲେ। ସେ ଆଜି ଆରମ୍ଭରୁ ମଧ୍ୟପ୍ରଦେଶର କ୍ୟାପଟେନ ଶୁଭମ ଶର୍ମାଙ୍କୁ ମାତ୍ର ୮ ରନରେ କ୍ଲିନବୋଲ୍ଡ କରିଦେଇଥିଲେ। କିଛି ଓଭର ପରେ ସେ ଅଟକି ଯାଇଥିଲେ। ତେବେ ଶେଷ ଭାଗରେ ସେ ମଧ୍ୟପ୍ରଦେଶର ନିମ୍ନକ୍ରମକୁ ଧ୍ୱଂସ କରିଦେଇଥିଲେ। ସାଂରାଶ ଜୈନ, କୁମାର କାର୍ତ୍ତିକେୟ ଓ ଖୁଲୱନ୍ତ ଖେଜୋରଲିୟା ତାଙ୍କ ଶିକାର ବନିଥିଲେ।

ଶାମିଙ୍କ ଦମଦାର ପ୍ରଦର୍ଶନ ଯୋଗୁ ବେଙ୍ଗଲ ଗୁରୁତ୍ୱପୂର୍ଣ୍ଣ ୬୧ ରନର ଲିଡ୍ ହାସଲ କରିଛି। ଶାମି ୪ ୱିକେଟ ପାଇଥିଲେ ହେଁ ମଧ୍ୟପ୍ରଦେଶର ସବୁଠାରୁ ଅଭିଜ୍ଞ ବ୍ୟାଟର ରଜତ ପାଟିଦାରଙ୍କୁ ବାରମ୍ବାର ଅଡୁଆରେ ପକାଇଥିଲେ। ଅନେକ ଥର ବଲ ତାଙ୍କ ବ୍ୟାଟରେ ଏଡଜ ହେଉଥିବା ଦେଖିବାକୁ ମିଳିଥିଲା।

ମଧ୍ୟପ୍ରଦେଶ ବିପକ୍ଷରେ ଶାମି ତାଙ୍କ ଭାଇ ମହମ୍ମଦ କୈଫଙ୍କ ସହ ବଲ ଶେୟାର କରିଛନ୍ତି। ଦୁଇ ଭାଇ ଦୀର୍ଘ ୫ ବର୍ଷ ପରେ କୌଣସି ରଣଜୀ ମ୍ୟାଚ ଏକାଠି ଖେଳିଛନ୍ତି। ଶେଷଥର ପାଇଁ ଦୁଇ ଭାଇ ୨୦୧୮ରେ କେରଳ ବିପକ୍ଷ ରଣଜୀରେ ବେଙ୍ଗଲ ପାଇଁ ମ୍ୟାଚ ଖେଳିଥିଲେ।

ଅଷ୍ଟ୍ରେଲିଆରେ ଭାରତର ଐତିହାସିକ ୨-୧ ସିରିଜ ପୂର୍ବରୁ ଏହି ମ୍ୟାଚ୍ ଖେଳାଯାଇଥିଲା। ଉକ୍ତ ବର୍ଡର-ଗାଭାସ୍କର ଟ୍ରଫିରେ ଶାମି ୧୬ ୱିକେଟ ଦଖଲ କରିଥିଲେ। ଏଥର ଆହତ ସମସ୍ୟା ଯୋଗୁ ଶାମିଙ୍କୁ ସ୍କ୍ୱାଡରେ ରଖାଯାଇ ନାହିଁ। ଏବେ ସେ ରଣଜୀକୁ କମବ୍ୟା କରିଥିବାରୁ ଆଗକୁ ପୁଣି ଭାରତୀୟ ଟିମରେ ସାମିଲ ହେବାର ସମ୍ଭାବନା ରହିଛି।

## ଆଇସିସି ଦିନିକିଆ ବୋଲିଂ ମାନ୍ୟତା

# ଶାହୀନ ଆଫ୍ରିଦି ୧ନଂ. ବୋଲର




**ଦୁବାଇ, ୧୪।୧୧:** ପାକିସ୍ତାନର ଦ୍ରୁତ ବୋଲର ଶାହୀନ ଶାହ ଆଫ୍ରିଦିଙ୍କୁ ମିଳିଛି ବଡ଼ ସଫଳତା। ସେ ବନି ଯାଇଛନ୍ତି ଦିନିକିଆ କ୍ରିକେଟରେ ବିଶ୍ୱର ୧ନଂ ବୋଲର। ଆଇସିସି ପକ୍ଷରୁ ଜାରି ଦିନିକିଆ ବୋଲିଂ ରାଙ୍କିଂର ୧ନଂ ସ୍ଥାନରେ ଶାହୀନଙ୍କ ନାଁ ରହିଛି। ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆରେ ଦମଦାର ପ୍ରଦର୍ଶନ ଯୋଗୁ ତାଙ୍କୁ ଏପରି ସଫଳତା ମିଳିଛି। ସେ ୩ଟି ମ୍ୟାଚ୍‌ରେ ୧୨.୬୨ ହାରରେ ୮ ୱିକେଟ ଦଖଲ କରିଥିଲେ।

ଖରାପ ଫର୍ମ ଯୋଗୁ ଶାହୀନଙ୍କୁ ଇଂଲଣ୍ଡ ବିପକ୍ଷ ଶେଷ ଦୁଇ ଟେଷ୍ଟରୁ ବିଦା କରାଯାଇଥିଲା। ସେହିପରି ପାକିସ୍ତାନର କେନ୍ଦ୍ରୀୟ ଚୁକ୍ତିରୁ ତାଙ୍କର ନାଁ ଏ ବର୍ଗରୁ ବି କୁ ଖସାଇ ଅଣାଯାଇଥିଲା। ହେଲେ ଶାହୀନ ନିଜର ପ୍ରଦର୍ଶନ ବଳରେ ଏବେ ସମସ୍ତଙ୍କୁ ନିଜ ଦକ୍ଷତାର ପରିଚୟ ଦେଇଛନ୍ତି।

ଅଷ୍ଟ୍ରେଲିଆ ବିପକ୍ଷ ପ୍ରଦର୍ଶନ ଯୋଗୁ ୨୪ ବର୍ଷୀୟ ଶାହୀନ ଦକ୍ଷିଣ ଆଫ୍ରିକାର କେଶବ ମହାରାଜଙ୍କୁ ପଛକୁ ଠେଲି ଦେଇଛନ୍ତି। ଏହାପୂର୍ବ ଶାହୀନ ୨୦୨୩ ବିଶ୍ୱକପ ବେଳେ ଆଇସିସି ଦିନିକିଆ ରାଙ୍କିଂର ୧ନଂ ସ୍ଥାନରେ ରହିଥିଲେ। ଏବେ ସେ ପୁଣି ୧ନଂ ସ୍ଥାନକୁ ଫେରିଛନ୍ତି। କେଶବ ମହାରାଜ ୩ନଂକୁ ଖସି ଥିବା ବେଳେ ୨ନଂରେ ରଶିଦ ଖାନ ଅଛନ୍ତି।

ଏହା ବ୍ୟତୀତ ଆଇସିସି ଦିନିକିଆ ରାଙ୍କିଂରେ ଶାହୀନଙ୍କ ସାଥୀ ଖେଳାଳି ହରିଶ ରୌଫଙ୍କୁ ମଧ୍ୟ ଫାଇଦା ମିଳିଛି। ସେ ୧୪ଟି ସ୍ଥାନ ଉପରକୁ ଉଠି ରାଙ୍କିଂର ୧୩ତମ ସ୍ଥାନରେ ପହଞ୍ଚିଛନ୍ତି। ଏହା ଦିନିକିଆ କ୍ୟାରିୟରରେ ରୌଫଙ୍କ ସର୍ବଶ୍ରେଷ୍ଠ ସଫଳତା।

ଅର୍ଥାତ ସେ କେବେ ହେଲେ ପୂର୍ବରୁ ୧୩ତମ ସ୍ଥାନରେ ପହଞ୍ଚି ନଥିଲେ। ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ରୌଫ ୧୦ ୱିକେଟ ଦଖଲ କରିବା ସହ ମ୍ୟାନ ଅଫ ଦି ସିରିଜ ମଧ୍ୟ ପାଇଥିଲେ। ଆଇସିସି ଦିନିକିଆ ରାଙ୍କିଂର ଟପ୍‌ରେ ଭାରତର କୁଲଦୀପ ଯାଦବ (୪ର୍ଥ), ଯଶପ୍ରୀତ ବୁମ୍ରା (୬ଷ୍ଠ) ଓ ମହମ୍ମଦ ସିରାଜ(୮ମ) ସ୍ଥାନରେ ଅଛନ୍ତି।

**ଶ୍ରେଷ୍ଠ ୧୦ରେ ଭାରତର କୁଲଦୀପ, ବୁମ୍ରା, ସିରାଜ**

# ସାନିଆ-ହରଭଜନ ଦୁବାଇ ସ୍ପୋର୍ଟସ ଆମ୍ବାସେଡର

**ନୂଆଦିଲ୍ଲୀ ୧୩।୧୧:** ଛଅ ଥରର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ତଥା ୱାର୍ଲଡ ଡବଲସ ନମ୍ବର ୱାନ୍ ସାନିୟା ମିର୍ଜାଙ୍କୁ ଦୁବାଇରେ ବଡ଼ ସମ୍ମାନ ମିଳିଛି। ସାନିୟା ଓ ପୂର୍ବତନ ଭାରତୀୟ କ୍ରିକେଟର ହରଭଜନ ସିଂହଙ୍କୁ ଦୁବାଇ ସ୍ପୋର୍ଟସ ଆମ୍ବାସେଡର ନିଯୁକ୍ତ କରାଯାଇଛି। ଦୁବାଇ ସ୍ପୋର୍ଟସ କାଉନସିଲ ଦ୍ୱାରା ଆୟୋଜିତ ଫ୍ୟୁଚରିଷ୍ଟିକ୍ ମ୍ୟୁଜିୟମ ଅଫ ଫ୍ୟୁଚରରେ ଆୟୋଜିତ 'ଦୁବାଇ ସ୍ପୋର୍ଟସ୍ ରିଟ୍ରିଟ'ରେ ଏହି ଘୋଷଣା କରାଯାଇଛି।




ଥିମ ଅନୁସାରେ ଆୟୋଜିତ ଏହି କାର୍ଯ୍ୟକ୍ରମ କ୍ରିଡା ଉତ୍କୃଷ୍ଟତାରେ ନିଜକୁ ବୈଶ୍ୱିକ ନେତା ରୂପେ ସ୍ଥାପିତ କରିବା ପାଇଁ ଦୁବାଇର ବଢୁଥିବା ମହତ୍ୱାକାଂକ୍ଷାକୁ ଦର୍ଶାଉଛି। ଦୁବାଇ ସ୍ପୋର୍ଟସ କାଉନସିଲ ଅଧ୍ୟକ୍ଷ ଶେଖ୍ ମନସୁର ବିନ ମହମ୍ମଦ ବିନ୍ ରାଶିଦ ଅଲ ମକତୁମଙ୍କ ନିର୍ଦ୍ଦେଶ ଅନୁସାରେ ରିଟ୍ରିଟର ଉଦ୍ଦେଶ୍ୟ ଦୁବାଇର କ୍ରିଡା ପ୍ରତିଷ୍ଠାକୁ ମଜଭୁତ କରିବା ଓ ସସ୍ଥ ଜୀବନ ଶୈଳୀକୁ ପ୍ରୋତ୍ସାହିତ କରିବା। ଏ ନେଇ ଦୁବାଇ କ୍ରାଉନ ପ୍ରିନ୍ସ ତାଙ୍କ ଏକ୍ସ ରେ ଏକ ପୋଷ୍ଟ ମଧ୍ୟ କରିଛନ୍ତି।

ଏଥିରେ ରିଟ୍ରିଟ କାଳରେ ସ୍ପୋର୍ଟସ ଆମ୍ବାସେଡରଙ୍କୁ ଭେଟିଥିବା ସେ ଉଲ୍ଲେଖ କରିଛନ୍ତି । ଆରବ ଓ ଇଣ୍ଟରନ୍ୟାସନାଲ ଷ୍ଟାରଙ୍କ ଏକ ପ୍ରତିଷ୍ଠିତ ସମୁଦାୟ ଯେଉଁମାନେ ଦୁବାଇକୁ ନିଜ ଘର କୁହନ୍ତି କ୍ରିଡାକୁ ଉତ୍ସାହିତ କରିବା ସହ ପ୍ରତିଭାମାନଙ୍କୁ ପ୍ରେରିତ କରିବା ଲାଗି ସେମାନଙ୍କ ସଂକଳ୍ପ ବାସ୍ତବିକ ପ୍ରେରଣାଦାୟକ ବୋଲି ସେ ଉଲ୍ଲେଖ କରିଛନ୍ତି।

୬ ଥରର ଗ୍ରାଣ୍ଡସ୍ଲାମ ବିଜେତା ତଥା ପୂର୍ବତନ ବିଶ୍ୱ ଡବଲସ ନମ୍ବର ୱାନ ସାନିୟା ମିର୍ଜା ଏହି ନିଯୁକ୍ତି ଲାଗି ନିଜର ସମ୍ମାନ ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଦୁବାଇ ସ୍ପୋର୍ଟସ୍ ଆମ୍ବାସେଡର ନାମିତ ହେବା ମୋ ପାଇଁ ବଡ଼ ସମ୍ମାନ। ଦୁବାଇ ଦୀର୍ଘ ବର୍ଷରୁ ମୋର ଘର ହୋଇ ରହିଛି ଓ ମୁଁ ଲୋକଙ୍କୁ ଖେଳ ମାଧ୍ୟମରେ ଏକ ସଙ୍ଗରେ ଆଣିବା ଓ ସହରର ସମୃଦ୍ଧ ଖେଳ ସଂସ୍କୃତିର ଉତ୍ସବ ପାଳନରେ ସହାୟତା କରିବା ପାଇଁ ମୁଁ ରୋମାଞ୍ଚିତ।

## ଭଦ୍ରକ ଆଥଲେଟିକ୍ ଆସୋସିଏସନ୍‌ର ସ୍ୱତନ୍ତ୍ର ଅଧିବେଶନ

**ଭଦ୍ରକ, ୧୪।୧୧:** ଭଦ୍ରକ ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍‌ର ଏକ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ, 'ସଦ୍‌ଭାବନା ସଭାଗୃହ' ରେ ଆୟୋଜିତ ଏହି ଅବେଶନରେ ଆସୋସିଏସନ୍‌ର ସଭାପତି ତଥା ଭଦ୍ରକର ଜିଲ୍ଲାପାଳ ଦିଲୀପ ରାଉତରାୟ ଅଧ୍ୟକ୍ଷତା କରିଥିବାବେଳେ କାର୍ଯ୍ୟକାରୀ ସଭାପତି ତଥା ଭଦ୍ରକର ଜିଲା ଆରକ୍ଷୀ ଅଧୀକ୍ଷକ ମାଡ଼କର ସନ୍ଦୀପ୍ ସମ୍ପତ୍, ଏଡ଼ିଏମ୍ ଶାନ୍ତନୁ କୁମାର ମହାନ୍ତି ଓ ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ କୁମାର ରାୟ ଯୋଗ ଦେଇଥିଲେ । ଆସୋସିଏସନ୍‌ର ସମସ୍ତ କର୍ମକର୍ତ୍ତା, ସଦସ୍ୟ ତଥା ଜିଲ୍ଲାର ସମସ୍ତ ସହବନ୍ଧିତ କ୍ଲବ୍‌ମାନଙ୍କର ପ୍ରତିନିଧିମାନେ ଏହି ଅଧିବେଶନରେ ଉପସ୍ଥିତ ଥିଲେ । ଆସୋସିଏସନ୍‌ର ସାଧାରଣ ସଂପାଦକ ଧୀରେନ୍ ପଲାଇ ସମ୍ପାଦକୀୟ ବିବରଣୀ ପ୍ରଦାନ କରିବା ସହ ପ୍ରତିଭାସମ୍ପନ୍ନ ଭଦ୍ରକ ଜିଲ୍ଲାର କ୍ରୀଡ଼ା କ୍ଷେତ୍ରରେ ରହିଥିବା ବିଭିନ୍ନ ସମସ୍ୟା ଯଥା : କ୍ରୀଡ଼ାଙ୍ଗନର ଅଭାବ, କାର୍ଯ୍ୟାଳୟର ଅଭାବ, ଦୁର୍ବଳ ଭିତିଭୂମି ତଥା ଆର୍ଥିକ ଦୁରାବସ୍ଥା ସମ୍ପର୍କରେ ସୂଚନା ଦେଇ ସମାଧାନ ନିମନ୍ତେ ଜିଲ୍ଲାପାଳ ତଥା ଉପସ୍ଥିତ ପ୍ରଶାସନିକ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । 'ଯେଉଁଠି ସମସ୍ୟା ଅଛି, ସେଠି ସମାଧାନର ମାର୍ଗ ବି ଅଛି' ବୋଲି ମନ୍ତବ୍ୟ ଦେବା ସହିତ ଜିଲ୍ଲା ପ୍ରଶାସନ ସେସବୁ ସମସ୍ୟାର ସମାଧାନ ପାଇଁ ଯତ୍‌ରୋନାସ୍ତି ସହଯୋଗ କରିବ ବୋଲି ଜିଲ୍ଲାପାଳ ଶ୍ରୀ ରାଉତରାୟ ପ୍ରତିଶୃତି ଦେଇଥିଲେ । କାର୍ଯ୍ୟକାରୀ ସଭାପତି ଶ୍ରୀ ସନ୍ଦିପ୍ ସମ୍ପତ୍ ଭଦ୍ରକ ଜିଲ୍ଲା ଆଥ୍ଲେଟିକ୍ ଆସୋସିଏସନ୍ ସାମ୍ପ୍ରଦାୟିକ ସଦ୍‌ଭାବର ସବୁଠୁ ବଡ଼ ପ୍ଲାଟ୍‌ଫର୍ମ ବୋଲି ମତ ଦେବା ସହ ଏହାର ସାଂଗଠନିକ ଦକ୍ଷତାର ବିକାଶ ପାଇଁ ସେ ସହଯୋଗ କରିବେ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ । ସେହିପରି ଭଦ୍ରକର ଏଡ଼ିଏମ୍ ଶାନ୍ତନୁ କୁମାର ମହାନ୍ତି ଏକ ଷ୍ଟାଡ଼ିୟମ୍ ଓ ଅଫିସ୍ ଗୃହ ପାଇଁ ଖୁବ୍ ଶୀଘ୍ର ସ୍ଥାନ ନିର୍ଣ୍ଣୟ କରିବେ ବୋଲି ଆଶ୍ୱାସନା ଦେଇଥିଲେ ।



MBA/24-25/0379




ଷାଠିଏ ପରେ ସୁରକ୍ଷା ଏବଂ ସମ୍ମାନ
ବୃଦ୍ଧାବସ୍ଥା ଆୟରୁ ଜୀବନ ହେବ ସହଜ

୭ କୋଟି
ସବସ୍କ୍ରାଇବର୍ସ ଅଟଳ ପେନସନ ଯୋଜନାରେ ଯୋଡ଼ି ହେଲେଣି



"ଆମର ସରକାରଙ୍କ ଲକ୍ଷ୍ୟ ସମସ୍ତ ଭାରତୀୟ ନାଗରିକଙ୍କୁ ଆର୍ଥିକ ସୁରକ୍ଷା ପ୍ରଦାନ କରିବା ଯାହାଦ୍ୱାରା ସେମାନେ ସମ୍ମାନ ଏବଂ ଖୁସିରେ ଜୀବନ ବଞ୍ଚିପାରିବେ"
ଶ୍ରୀ ନରେନ୍ଦ୍ର ମୋଦୀ
ମାନନୀୟ ପ୍ରଧାନମନ୍ତ୍ରୀ



ଆଜି ହିଁ ଏପିୱାଇ ସହ ଯୋଡ଼ିହୁଅନ୍ତି ଏବଂ ଆଜୀବନ ଗ୍ୟାରେଣ୍ଟି ପେନସନ ସହ ଦୁଇଟି ଅନ୍ୟ ଲାଭ ମଧ୍ୟ ଉଠାନ୍ତୁ

1. ୧୦୦୦/- କିମ୍ବା ୨୦୦୦/- କିମ୍ବା ୩୦୦୦/- କିମ୍ବା ୪୦୦୦/- ଅଥବା ୫୦୦୦/- ଟଙ୍କା ପ୍ରତି ମାସ ଆଜୀବନ ପେନସନର ଗ୍ୟାରେଣ୍ଟି
2. ଗ୍ରାହକଙ୍କ ମୃତ୍ୟୁ ପରେ ପତି କିମ୍ବା ପତ୍ନୀଙ୍କୁ ଆଜୀବନ ସମାନ ପେନସନ
3. ପତି/ପତ୍ନୀଙ୍କ ମୃତ୍ୟୁ ପରେ ନୋମିନୀଙ୍କୁ ୬୦ ବର୍ଷ ବୟସ ପର୍ଯ୍ୟନ୍ତ ଜମା ପେନସନ ରାଶିକୁ ଫେରସ୍ତ କରାଯିବ

ଯଦି ଆପଣଙ୍କ ବୟସ ୧୮ରୁ ୪୦ ବର୍ଷ ମଧ୍ୟରେ ତେବେ ଆପଣ **ଅଟଳ ପେନସନ ଯୋଜନା**ରେ ଯୋଡ଼ିହୋଇପାରିବେ ।

| ଆଜି ହିଁ ଯୋଡ଼ି ହୁଅନ୍ତୁ, ଦେୟ କମ୍ କରନ୍ତୁ | ବର୍ଷ | ପେନସନ ସ୍ଲାବ(₹) | ଦେୟ ରାଶି (₹) | ପେନସନ ସ୍ଲାବ(₹) | ଦେୟ ରାଶି (₹) |
|---|---|---|---|---|---|
| | ୧୮ | ୧୦୦୦ | ୪୨ ପ୍ରତି ମାସ | ୫୦୦୦ | ୨୧୦ ପ୍ରତି ମାସ |
| | ୪୦ | ୧୦୦୦ | ୨୯୧ ପ୍ରତି ମାସ | ୫୦୦୦ | ୧୪୫୪ ପ୍ରତି ମାସ |

ଏପିୱାଇରେ ଅଧିକ ସୂଚନା ପାଇଁ କ୍ୟୁଆର୍ ସ୍କାନ କରନ୍ତୁ

CBC 15113/15/0002/2425

ଆଜି ହିଁ ନିଜର ପାଖ ଡାକଘର/ବ୍ୟାଙ୍କରେ ସମ୍ପର୍କ କରନ୍ତୁ କିମ୍ବା ୧୮୦୦ ୧୧୦ ୦୬୯ରେ କଲ୍ କରନ୍ତୁ କିମ୍ବା www.pfrda.org.in ରେ ଯାଆନ୍ତୁ ।

MBA/24-25/0377

Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar